

ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୨୭ ମାର୍ଚ୍ଚ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 27 March 2026

Vol.No. 36 ■ No.82 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି

ସାଗରିକା

(ନୂଆବର୍ଷ ସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ...

website : sagarika.in.net


## ହର୍ମୁଜ୍ ପ୍ରଣାଳୀରେ ଇସ୍ରାଏଲର ବଡ଼ ଆକ୍ରମଣ: ଇରାନର ଆଇଆରଜିସି ନୌସେନା ମୁଖ୍ୟ ଆଲିରେଜା ତାଙ୍ଗସିରି ନିହତ

ନୂଆଦିଲ୍ଲୀ,୨୬/୩ : ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷ ମଧ୍ୟରେ, ଇସ୍ରାଏଲ ଏକ ବଡ଼ ଦାବି କରିଛି। ଜଣେ ଇସ୍ରାଏଲୀ ସାମରିକ ଅଧିକାରୀଙ୍କ ଅନୁଯାୟୀ, ଇରାନର IRGC ନୌସେନାର ମୁଖ୍ୟ ଆଲିରେଜା ତାଙ୍ଗସିରି ନିହତ ହୋଇଛନ୍ତି। ବନ୍ଦର ଆବାସରେ କରାଯାଇଥିବା ଏକ ଆକ୍ରମଣରେ ସେ ପ୍ରାଣ ହରାଇଥିବା ଜଣାପଡ଼ିଛି। ଆଲିରେଜା ତାଙ୍ଗସିରି ହର୍ମୁଜ ଷ୍ଟ୍ରେଟ୍‌କୁ ଅବରୋଧ କରିବା ପାଇଁ ପ୍ରୟାସ ପାଇଁ ଦାୟୀ ଥିଲେ। ଇରାନ କଥିତ ଇସ୍ରାଏଲୀ ସାମରିକ ଆକ୍ରମଣ କିମ୍ବା ଆଲିରେଜା ତାଙ୍ଗସିରିଙ୍କ ମୃତ୍ୟୁ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ବିବୃତ୍ତି ଜାରି କରିନାହିଁ।ଏହା ଉଲ୍ଲେଖନୀୟ



ଯେ, ଅଗଷ୍ଟ ୨୦୧୮ରୁ ଓଜଏଡ ନୌସେନାର ନେତୃତ୍ୱ ନେଇଥିବା ତାଙ୍ଗସିରି ଗତ କିଛି ସପ୍ତାହ ହେବ ହର୍ମୁଜ ଷ୍ଟ୍ରେଟ୍ ନିକଟରେ ଇରାନର କାର୍ଯ୍ୟକଳାପ ସମ୍ପର୍କରେ ଆକ୍ରମଣାତ୍ମକ ମନୋଭାବ ଗ୍ରହଣ କରିଥିଲେ। ଗତ ସପ୍ତାହରେ ତାଙ୍ଗସିରି ଉପସାଗର ରାଷ୍ଟ୍ରଗୁଡ଼ିକରେ ଅବସ୍ଥିତ ଆମେରିକୀୟ ଘାଟି ବିରୋଧରେ ପ୍ରତିଶୋଧମୂଳକ ଆକ୍ରମଣ ଧମକ ଦେଇଥିଲେ। ଏହା ବ୍ୟତୀତ ସେ ସାଧାରଣ ନାଗରିକ ଏବଂ କର୍ମଚାରୀମାନଙ୍କୁ ସେହି ସ୍ଥାନଗୁଡ଼ିକରୁ ଦୂରେଇ ରହିବାକୁ ପରାମର୍ଶ ଦେଇ ଏକ ଚେତାବନୀ ଜାରି କରିଥିଲେ।

## କଟକ ବିଜେଡିରେ ବଡ଼ ହଲଚଲ୍: ପ୍ରଭାତ ବିଶ୍ୱାଳଙ୍କ ଘରେ ପୁଣି ବୈଠକ

କଟକ, ୨୬/୩ (ନି.ପ୍ର): ପୁଣି ବିଜେଡି ନେତୃତ୍ୱକୁ ଖୋଲା ଚ୍ୟାଲେଞ୍ଜ କଲେ ପ୍ରଭାତ ବିଶ୍ୱାଳ। ବିଜେଡିର ବହିଷ୍କୃତ ନେତା ପ୍ରଭାତ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଗୋପୋନୀୟ ସ୍ଥାନରେ କଟକ ଚୌଦ୍ୱାର ବିଜେଡି କାଉନସିଲରଙ୍କୁ ନେଇ ରୁଦ୍ଧଦ୍ୱାର ବୈଠକ ଜାରି ରହିଛି। ବୈଠକରେ କଟକ ଚୌଦ୍ୱାର କାଉନସିଲର ଅଧ୍ୟକ୍ଷା, ଉପଅଧ୍ୟକ୍ଷ ସମେତ ୧୪ ଜଣ ବିଜେଡି କାଉନସିଲର ସାମିଲ ହୋଇଛନ୍ତି। କିଛି ଦିନ ତଳେ ନିଜ ମହାନଦୀ ବିହାର ବାସଭବନରେ ସିଏମ୍‌ସିର ୧୩ ଜଣ ବିଜେଡି କର୍ପୋରେଟରଙ୍କୁ ନେଇ ବୈଠକ କରିଥିଲେ । ପ୍ରଥମ ବୈଠକ କରି ନେତୃତ୍ୱକୁ ଖୋଲା ଚ୍ୟାଲେଞ୍ଜ କରିଥିବା ବେଳେ ଆଜି ପୁଣି ଆଉ ଥରେ ନେତୃତ୍ୱକୁ ଖୋଲା ଚ୍ୟାଲେଞ୍ଜ କରିଛନ୍ତି । ଯାହାକୁ ନେଇ ରାଜନୀତି ସରଗରମ ରହିଛି । ଏହି



ଭଳି ବାରମ୍ବାର ବୈଠକ ଅନେକ କିଛି ରାଜନୈତିକ ଦିଗକୁ ସୂଚାଉଛି । ଜଣେ ବିଜେଡିର ବହିଷ୍କୃତ ବିଧାୟକ ନେତୃତ୍ୱରେ କିଭଳି ବୈଠକ ବସୁଛି ଏବଂ ଏପରି କରି ଦଳକୁ ଖୋଲା ଚ୍ୟାଲେଞ୍ଜ ଦେବା ପଛର ରହସ୍ୟ କଣ । କଣ ପ୍ରଭାତ ବିଶ୍ୱାଳ ବିଜେଡିକୁ ବାଏ ବାଏ କରିବେ କି ? ପରବର୍ତ୍ତୀ କିଛି ବଡ଼ ରାଜନୈତିକ ଅଭିସନ୍ଧି ରଖି ଏପରି କରୁଛନ୍ତି କି ? ତାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି ।

## ଅଧାରେ ଅଟକିଲା ରୁକୁଣା ରଥ

ଭୁବନେଶ୍ୱର, ୨୬/୩ (ନି.ପ୍ର): ପବିତ୍ର ଅଶୋକାଷ୍ଟମୀ ଅବସରରେ ଗୁରୁବାର ଦିନ ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସମସ୍ତ ନୀତିକାନ୍ତି ପରେ ପ୍ରଭୁଙ୍କ ରଥ ଟଣାଯାଇଥିଲା । ତେବେ ଅଧା ବାଟରେ ମହାପ୍ରଭୁ ଲିଙ୍ଗରାଜଙ୍କ ରୁକୁଣା ରଥ ଅଟକିଛି । ପୁରୁଣା ଭୁବନେଶ୍ୱର ବଡ଼େଇବାଙ୍କ ଛକରେ ରଥ ଅଟକିଛି। ଆସନ୍ତାକାଲି ପୁଣି ରଥ ଟଣାଯିବ। ଗୁରୁବାର ଅପରାହ୍ନରେ ରାଜଧାନୀରେ ହଠାତ୍ ପ୍ରବଳ ଝଡବର୍ଷା ହେବାରୁ ରଥଟଣା ପ୍ରଭାବିତ ହୋଇଥିଲା। ବର୍ଷା ଓ ପବନ ସତ୍ତ୍ୱେ ରଥ ଟଣା ହୋଇଥିଲା। ବର୍ଷା ପାଇଁ ଘଂଟାଏ କାଳ ରଥ ଅଟକିବା ପରେ ପୁଣି ଟଣାଯାଇଥିଲା।

## ଓଡ଼ିଶାରେ ବଢୁଛି ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ

ଭୁବନେଶ୍ୱର, ୨୬/୩ (ନି.ପ୍ର): ଓଡ଼ିଶାରେ ବଢୁଛି ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ । ୨୦୨୪ରେ ଦୈନିକ ୧୭ ଜଣ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଥିବେଳେ ୩୦ ଆହତ ହେଉଥିଲେ । ହେଲେ ୨୦୨୫ରେ ଦୈନିକ ମୃତ୍ୟୁ ସଂଖ୍ୟା ୧୮କୁ ବୃଦ୍ଧି ପାଇଛି । ତେବେ ଦୈନିକ ଆହତ ସଂଖ୍ୟା ୩୦ ରେ ସ୍ଥିର ରହିଛି । ଆଇଆଇଟି ମାଡ୍ରାସର ରିସର୍ଚ୍ଚରୁ ଏହି ତଥ୍ୟ ହସ୍ତଗତ କରିଛି କ୍ରାଇମ ବ୍ରାଞ୍ଚ । ଏହି ତଥ୍ୟ ଅନୁସାରେ, ୨୦୨୪ ରେ ୬୧୪୨ ମୁଣ୍ଡ ନେଇଥିଲା ଓଡ଼ିଶାର ସଡ଼କ । ଯାହା ୨୦୨୫ ରେ ବଢ଼ି ୬୪୮୩ ରେ ପହଁଚିଛି । ଗୃହରେ ପରିବହନ ମନ୍ତ୍ରୀ ବିଭୂତି ଜେନା ଏନେଇ ଲିଖିତ ଉତ୍ତର ରଖିଛନ୍ତି ।

## ଆସିଲା ନୂଆ ଅବକାରୀ ନୀତି: ରାଜ୍ୟରେ ଆଉ ଖୋଲିବନି ନୂଆ ମଦ ଦୋକାନ

ଭୁବନେଶ୍ୱର, ୨୬/୩ (ନି.ପ୍ର): ରାଜ୍ୟରେ ଆଉ ଖୋଲିବନି ନୂଆ ଠିପି ବନ୍ଦ କିମ୍ବା ଦେଶୀ ମଦ ଦୋକାନ । ଗାଁରେ ଠିପି ଖୋଲା ଦୋକାନ ଖୋଲିବା ଉପରେ ବି ଲାଗିଛି ରୋକ୍ । ମଦମୁକ୍ତ ହେବ ଶ୍ରୀମନ୍ଦିର ଓ ବଡ଼ଦାଣ୍ଡ ଚତୁର୍ପାର୍ଶ୍ୱ। ନିଶା ରାକ୍ଷସକୁ କାବୁ କରିବା ପାଇଁ ନୂଆ ଅବକାରୀ ନୀତିରେ ଲାଗୁ ହୋଇଛି ବହୁ କଡ଼ା ବ୍ୟବସ୍ଥା। ଏଥିସହ ଅବକାରୀ ଶୁଳ୍କରେ ନିଶା ନିବାରଣ ସେସ୍ ଲାଗୁ ପାଇଁ ବି ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ୨୦୨୬ରୁ ୨୦୨୯ ଯାଏଁ ନୂଆ ତ୍ରୈବାର୍ଷିକ ଅବକାରୀ ନୀତି ଆଣିଛନ୍ତି ରାଜ୍ୟ ସରକାର । ଏଥିରେ ଅବକାରୀ ଶୁଳ୍କ ଉପରେ ୦.୫% ଡି-ଆଡିକସନ୍ ସେସ୍ ଲାଗୁ କରାଯାଇଛି। ଏହି ସେସ୍‌ରୁ ଆସୁଥିବା ଆୟକୁ ମଡେଲ୍ ନିଶା ନିବାରଣ କେନ୍ଦ୍ର ସ୍ଥାପନ ଓ ସୁଦୃଢ଼ୀକରଣ ପାଇଁ ବ୍ୟୟ କରାଯିବ । ବିଭିନ୍ନ ଅବକାରୀ ଲାଇସେନ୍ସ ପାଇଁ ଆବେଦନ ଶୁଳ୍କ ୧୦% ବଢ଼ାଯିବ। ଲାଇସେନ୍ସ ଶୁଳ୍କ



ପ୍ରତି ବର୍ଷ ୧୦ ରୁ ୨୦% ପର୍ଯ୍ୟନ୍ତ ବୃଦ୍ଧି ପାଇବ । IMFL ଓ ଦେଶୀ ମଦ ଉପରେ ଅବକାରୀ ଶୁଳ୍କ ବଢ଼ାଯାଇଛି। ଅବକାରୀ ରାଜସ୍ୱ ସୁରକ୍ଷିତ ରଖି ବ୍ୟବସାୟୀଙ୍କ ଉପରୁ ବିକ୍ରି ବଢ଼ାଇବା ଚାପ କମାଇବାକୁ, ମିନିମମ୍ ଗ୍ୟାରେଣ୍ଟିଡ୍ କ୍ୱାଣ୍ଟିଟି ପ୍ରଣାଳୀକୁ ସଂଶୋଧନ କରି ମିନିମମ୍ ଗ୍ୟାରେଣ୍ଟିଡ୍ ଏକ୍ସାଇଜ ରେଭିନ୍ୟୁ ପ୍ରଣାଳୀ ପ୍ରଣୟନ ହୋଇଛି । ଏହା 'କୁଚିଆ' ବିକ୍ରୟ ପ୍ରଥାକୁ ରୋକିବାରେ ସହାୟକ ହେବ । ଗାଁ ଗହଳିରେ ବେକାବୁ ଚୋରା ମଦ ବେପାର ବିରୋଧରେ ତେଜୁଛି ମହିଳା ଆନ୍ଦୋଳନ । ବହୁ ସଧବାଙ୍କ ସିନ୍ଥିରୁ ସିନ୍ଦୂର ପୋଛୁଛି ମଦ । ଏନେଇ ବିଭିନ୍ନ ସମୟରେ ଖବର ପ୍ରସାରଣ କରିଆସିଛି କନକ ନ୍ୟୁଜ୍ । ଏ ଦିଗରେ ପଦକ୍ଷେପ ନେଇ ନୂଆ ଅବକାରୀ ନୀତିରେ କଠୋର ହୋଇଛନ୍ତି ସରକାର । ରାଜ୍ୟରେ ନୂତନ ଠିପି ବନ୍ଦ, କଣ୍ଟ୍ରି ଲିକର୍ ଓ ଆଉଟ-ଷ୍ଟିଲ୍ ଦୋକାନ ଖୋଲିବାକୁ

◆◆ପୃଷ୍ଠା ୭

## ଜନଅସନ୍ତୋଷ ପରେ ସରକାରଙ୍କ ୟୁଟର୍ଣ୍ଣ: ପ୍ରତ୍ୟାହାର ହେବ ବିଧାୟକ-ମନ୍ତ୍ରୀଙ୍କ ଦରମା ବୃଦ୍ଧି ବିଲ୍

ଭୁବନେଶ୍ୱର, ୨୬/୩ (ନି.ପ୍ର): ଜନସାଧାରଣଙ୍କ ତୀବ୍ର ବିରୋଧ ଓ ସମାଲୋଚନା ପରେ ରାଜ୍ୟ ସରକାର ୟୁଟର୍ଣ୍ଣ ନେଇଛନ୍ତି।ଗତ ଡିସେମ୍ବର ମାସରେ ବିଧାନସଭାରେ ଗୃହୀତ ବିଧାୟକ,ମନ୍ତ୍ରୀ, ବାଚସ୍ପତି ଓ ଉପବାଚସ୍ପତିଙ୍କ ଦରମା ଓ ପେନସନ୍ ବୃଦ୍ଧି ସମ୍ପର୍କିତ ୪ଟି ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ବିଲକୁ ପ୍ରତ୍ୟାହାର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏହି ବିଲଗୁଡ଼ିକ ପ୍ରତ୍ୟାହାର ପାଇଁ ଦେଇଥିବା ନୋଟିସ୍ ସମ୍ପର୍କରେ



ବିଧାନସଭା ସଚିବ ସତ୍ୟବ୍ରତ ସାହୁ ଗୁରୁବାର ସମସ୍ତ ବିଧାୟକମାନଙ୍କୁ ସୂଚନା ଦେଇଛନ୍ତି। ଓଡ଼ିଶା ବିଧାନସଭା ସଚିବ ସତ୍ୟବ୍ରତ ସାହୁ ଗୁରୁବାର ସମସ୍ତ ବିଧାୟକମାନଙ୍କୁ ଚିଠି ଲେଖି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଦେଇଥିବା ନୋଟିସ୍ ସମ୍ପର୍କରେ ଅବଗତ କରାଇଛନ୍ତି। ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ପୂର୍ବରୁ ବିଧାନସଭାରେ ଗୃହୀତ ହୋଇଥିବା ବିଧାୟକ-ମନ୍ତ୍ରୀ-ବାଚସ୍ପତି-ଉପବାଚସ୍ପତିଙ୍କ ଦରମା ଓ ବିଧାୟକଙ୍କ ପେନସନ୍ ବୃଦ୍ଧି ସଂକ୍ରାନ୍ତୀୟ ୪ଟି ବିଲ୍ ପ୍ରତ୍ୟାହାର କରିବା ନିମନ୍ତେ ଗୃହରେ ଏକ ପ୍ରସ୍ତାବ ଆଗତ କରିବାକୁ ଏହି ନୋଟିସ୍ ପଠାଇଥିବା ନେଇ ଶ୍ରୀ ସାହୁ ସୂଚନା ଦେଇଛନ୍ତି। ସରକାର ଚଳିତ ବଜେଟ୍ ଅଧିବେଶନରେ ଏହି ବିଲଗୁଡ଼ିକ ପ୍ରତ୍ୟାହାର ପାଇଁ ମୋସନ୍ ଆକାରରେ ପ୍ରସ୍ତାବ ଆଣି ତାକୁ ପାରିତ କରିବାର ସମ୍ଭାବନା ରହିଛି। ୨୦୨୫ ଡିସେମ୍ବରରେ ଶୀତକାଳୀନ ଅଧିବେଶନ ସମୟରେ ରାଜ୍ୟର ବିଜେପି ସରକାର ବିଧାୟକଙ୍କ ଦରମା, ଭତ୍ତା ଓ ପେନସନ

◆◆ପୃଷ୍ଠା ୭

## ବରିଷ୍ଠ ଆଇପିଏସଙ୍କୁ ତାଗିଦ୍ କଲେ ଡିଜିପି

ଭୁବନେଶ୍ୱର, ୨୬/୩ (ନି.ପ୍ର): କଟକ ଭୁବନେଶ୍ୱରରେ କାର୍ଯ୍ୟରତ କିଛି ବରିଷ୍ଠ ସକ୍ତଷ୍ମ ଅଧିକାରୀ ଓଡ଼ିଶା ପୋଲିସ ଦ୍ୱାରା ଆୟୋଜିତ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଉନାହାନ୍ତି । ରାଜ୍ୟ ପୋଲିସର ବିଭିନ୍ନ ବିଭାଗ ଦ୍ୱାରା ଆୟୋଜିତ ସରକାରୀ କାର୍ଯ୍ୟକ୍ରମରେ ବରିଷ୍ଠ ଆଇପିଏସ ଅଧିକାରୀମାନଙ୍କ ଅନୁପସ୍ଥିତିକୁ ନେଇ ପୋଲିସ ମହାନିର୍ଦ୍ଦେଶକ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏଣିକି ବିନା ଅନୁମତିରେ କୌଣସି ଅଧିକାରୀ କାର୍ଯ୍ୟକ୍ରମରୁ ବାଦ୍ ପଡ଼ିପାରିବେ





ନାହିଁ ବୋଲି ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି । ଏହି ପରିପ୍ରେକ୍ଷୀରେ କଟକ ଓ ଭୁବନେଶ୍ୱରରେ ଅବସ୍ଥାପିତ ପ୍ରାୟ ୩୬ ଜଣ ବରିଷ୍ଠ ଅଧିକାରୀଙ୍କୁ ସତର୍କ କରାଯାଇଛି । ଏହି ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଛି ଯେ, କୌଣସି ଅଧିକାରୀ ଯଦି ଅନ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟ ଯୋଗୁଁ ଅନୁପସ୍ଥିତ ରହିବାକୁ ଚାହାନ୍ତି । ତେବେ ସେଥିପାଇଁ ସେମାନଙ୍କୁ ପୋଲିସ ମହାନିର୍ଦ୍ଦେଶକଙ୍କଠାରୁ ଆଗୁଆ ଅନୁମତି ନେବାକୁ ପଡ଼ିବ ।

## ଦେଶରେ ଅସମ୍ଭାଳ ହେଲାଣି ତୈଳ ସଂକଟ: ଆଜି ମୁଖ୍ୟମନ୍ତ୍ରୀମାନଙ୍କ ସହ କଥା ହେବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୨୬/୩ : ମଧ୍ୟପ୍ରାଚ୍ୟ ଯୁଦ୍ଧ ଭୀଷଣ ହୋଇଥିବା ବେଳେ ଭାରତରେ ଏହାର ପ୍ରଭାବ ଧୀରେଧୀରେ ଅନୁଭବ ହେଲାଣି। ପ୍ରଥମେ ଗ୍ୟାସ ସଙ୍କଟ ଦେଖାଯାଇଥିବେ ବେଳେ ଆଗକୁ ତୈଳ ସମସ୍ୟାର ସମ୍ମୁଖୀନ ହୋଇପାରେ ଦେଶ। ଭାରତ ପାଇଁ ଯଦିଓ ଇରାନ ଗୁରୁତ୍ୱପୂର୍ଣ୍ଣ ଜଳପଥ ହର୍ମୁଜକୁ ଖୋଲ ରଖିଛି, ତଥାପି ଯୋଗାଣ ସ୍ୱାଭାବିକ ହେଉନାହିଁ। ଏହାକୁ ନେଇ ପୂରା ଦେଶରେ ଚିନ୍ତା ଦେଖିବାକୁ ମିଳିଛି। ଯଦି ତୈଳ ଆମଦାନୀ ବନ୍ଦ ହୋଇଯିବ, ତା'ହେଲେ ସ୍ଥିତି ଆହୁରି ଜଟିଳ ହେବାର ଆଶଙ୍କା ରହିଛି। ହେଲେ ସରକାର ଲୋକଙ୍କୁ ଆଶ୍ୱସ୍ତ କରିବା ଭଳି ବୟାନ ରଖିଛନ୍ତି। ଏବେ ଭାରତ ପାଖରେ ଆବଶ୍ୟକ ଯୋଗାଣ ପାଇଁ ଦୁଇ ମାସର ତେଲ



ମହଜୁଦ ହୋଇ ରହିଛି। ତେଣୁ ଲୋକମାନେ ଅଭାବର ଗୁଜବରେ ଆତଙ୍କିତ ନ ହୁଅନ୍ତୁ। ଦେଶର ଶକ୍ତି ସ୍ଥିତି ପୂର୍ବଭଳି ସ୍ଥିର ଓ ସଂପୂର୍ଣ୍ଣ ନିୟନ୍ତ୍ରଣ ମଧ୍ୟରେ ରହିଥିବା ସରକାର କହିଛନ୍ତି। ପେଟ୍ରୋଲିୟମ ଓ ପ୍ରାକୃତି ଗ୍ୟାସ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଅଶୋଧିତ ତୈଳ ଯୋଗାଣ ୬୦ ଦିନ ପାଇଁ ସୁରକ୍ଷିତ ହୋଇ ରହିଛି। ତୈଳ ମାର୍କେଟିଂ କମ୍ପାନୀଗୁଡ଼ିକ ମଧ୍ୟ ଆମଦାନୀ ପାଇଁ ଆଗୁଆ ପଦକ୍ଷେପ ନେଇ ସାରିଛନ୍ତି। ଯୋଗାଣରେ ଯେମିତି ଗ୍ୟାପ ରହିବ, ତା'ର ସବୁ ବ୍ୟବସ୍ଥା କରାଯାଇଛି। ଷ୍ଟ୍ରେଟ ଅଫ ହର୍ମୁଜକୁ ନେଇ ଚିନ୍ତା ରହିଥିଲେ ହେଁ ଭାରତ ପ୍ରାୟ ୪୦ରୁ ଅଧିକ ଗ୍ଲୋବାଲ ସପ୍ଲାଏର୍ସଙ୍କ ଠାରୁ ଅଶୋଧିତ ତୈଳ ଗ୍ରହଣ କରୁଛି। ଦେଶର ସମସ୍ତ ରିଫାଇନାରୀ ୧୦୦%ରୁ ଅଧିକ କ୍ଷମତାରେ କାମ କରୁଛନ୍ତି ଓ ତୈଳ ଯୋଗାଣ ପୂରା ସ୍ଥିର ରହିଛି। ଭାରତ ପାଖରେ ୭୪ ଦିନ ପାଇଁ ତୈଳ ସଂରକ୍ଷିତ କରି ରଖିବାର କ୍ଷମତା ରହିଛି। କିନ୍ତୁ ଏବେ ଭଣ୍ଡାର ଗୁଡ଼ିକରେ ୬୦ ଦିନ ତୈଳ ରହିଛି। ଅଶୋଧିତ ତୈଳ, ରିଫାଇଣ୍ଡ ଦ୍ରବ୍ୟ ଓ ରଣନୀତିକ ଭଣ୍ଡାରରେ ଥିବା ତୈଳକୁ ମିଶାଇଲେ ଦେଶ ବିନା ଆମଦାନୀରେ ୬୦ ଦିନ ଚାଲି ପାରିବ। ଅଧିକାରୀମାନେ କହିଛନ୍ତି ଯେ ପଶ୍ଚିମ ଏସିଆ ଯୁଦ୍ଧ ୨୭ ଦିନରେ ପହଞ୍ଚିଥିଲେ ହେଁ ଦେଶର ସମସ୍ତ ନାଗରିକଙ୍କୁ ୨ ମାସ ଯାଏ ତୈଳ ଯୋଗାଇବାକୁ ସରକାର ସକ୍ଷମ। ଅତିରିକ୍ତ ଭାବେ ଯୋଗାଣ ବ୍ୟବସ୍ଥାକୁ ମଧ୍ୟ ନିଶ୍ଚିତ କରାଯାଇଛି। ତେଣୁ ଆଗାମୀ ଦିନରେ ସ୍ଥିତିରେ କୌଣସି ପରିବର୍ତ୍ତନ ହେବାରେ ନାହିଁ। ଦେଶର କୌଣସି ସ୍ଥାନରେ ଏଯାଏ ପେଟ୍ରୋଲ, ଡିଜେଲ କିମ୍ବା ଏଲପିଜିର ଅଭାବ ଦେଖାଯାଇ ନାହିଁ। ସମସ୍ତ ତୈଳ ଷ୍ଟେସନ ସ୍ୱାଭାବିକ ଭାବେ କାମ କରଛି। ଭାରତ ହେଉଛି ବିଶ୍ୱର ଅନ୍ୟତମ ସର୍ବବୃହତ୍ତ ରିଫାଇନାର୍ସୀ ଓ ପେଟ୍ରୋଲିୟମ ଦ୍ରବ୍ୟର ପ୍ରମୁଖ ରପ୍ତାନୀକାରୀ। ଦେଶରେ ଶକ୍ତିଶାଳୀ ଯୋଗାଣ ବ୍ୟବସ୍ଥା ମଧ୍ୟ ରହିଛି। ଏବେ କେବଳ ବିଭ୍ରାନ୍ତିକର ସୋଶାଲ ମିଡିଆ ପୋଷ୍ଟ ଯୋଗୁ କିଛି ସ୍ଥାନର ପେଟ୍ରୋଲ ପମ୍ପରେ ଭିଡ଼ ଦେଖାଯାଉଛି। ବାସ୍ତବରେ କୌଣସି ଅଭାବ ନଥିବା ସରକାର ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ପଶ୍ଚିମ ଏସିଆର

◆◆ପୃଷ୍ଠା ୭

## ଟ୍ରମ୍ପଙ୍କୁ ଇରାନର ଚେତାବନୀ: ବିନାଶକାରୀ ହେବ ସ୍ଥଳ ଯୁଦ୍ଧ

ନୂଆଦିଲ୍ଲୀ,୨୬/୩ : ଆମେରିକା-ଇସ୍ରାଏଲ ମିଳିତ ବାହିନୀ ଏବଂ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ଏବେ ଅତି ଜଟିଳ ମୋଡ଼ରେ ପହଞ୍ଚିଛି। ବିଗତ ଚାରି ସପ୍ତାହ ଧରି ଜାରି ରହିଥିବା ଏହି ଯୁଦ୍ଧ ଏକ ଶକ୍ତିଶାଳୀ ସାମରିକ ଗତିରୋଧର ରୂପ ନେଇଛି। ଯୁଦ୍ଧବିରତି ଆଲୋଚନା ପାଇଁ ଉଭୟ ଇରାନ ଓ ଆମେରିକା କଡ଼ା ସର୍ତ୍ତ ରଖିଥିବା ଏବଂ ଇରାନ ଆମେରିକାର ସର୍ତ୍ତକୁ ପ୍ରତ୍ୟାଖ୍ୟାନ କରିଥିବାରୁ କୂଟନୈତିକ ଅଚଳାବସ୍ଥା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ପାକିସ୍ତାନ ଦାବି କରିଛି ଯେ କଥାବାର୍ତ୍ତା ପାଇଁ ବିଭିନ୍ନ ଚ୍ୟାନେଲ ସକ୍ରିୟ ରହିଛି ଏବଂ ଖୁବ୍‌ଶୀଘ୍ର ଏହାର ପରିଣାମ ଦେଖିବାକୁ ମିଳିବ। ଆମେରିକା



ଓ ଇସ୍ରାଏଲ ଆକାଶମାର୍ଗରେ ନିଜର ପ୍ରାଧାନ୍ୟ ବିସ୍ତାର କରି ଇରାନର କ୍ଷେପଣାସ୍ତ୍ର ଭିତ୍ତିଭୂମିକୁ ବହୁ ପରିମାଣରେ ନଷ୍ଟ କରିଦେଇଥିଲେ ମଧ୍ୟ ଇରାନର ଆକ୍ରମଣ କ୍ଷମତା କମୁନଥିବାରୁ ସାମରିକ ବିଶେଷଜ୍ଞମାନେ ବିସ୍ମୟ ପ୍ରକଟ କରିଛନ୍ତି। ଇରାନ ହର୍ମୁଜ ପ୍ରଣାଳୀ ଅବରୋଧ କରି ବିଶ୍ୱ ଅର୍ଥନୀତି ଉପରେ ଏକ ଅସହ୍ୟ ଚାପ ପ୍ରୟୋଗ କରିବାରେ ସଫଳ ହୋଇଛି। ଏହି ସାମରିକ ଗତିରୋଧ ଏବେ ଏକ ଭୟଙ୍କର ସ୍ଥଳ ଯୁଦ୍ଧର ଆଶଙ୍କା ସୃଷ୍ଟି କରିଛି, ଯାହା ସମଗ୍ର ମଧ୍ୟ-ପ୍ରାଚ୍ୟରେ ଧ୍ୱଂସଲୀଳା ରଚିବ ବୋଲି ବିଶ୍ଳେଷକମାନେ କହିଛନ୍ତି।

◆◆ପୃଷ୍ଠା ୭

# ଚଣ୍ଡିଖୋଲଠାରେ 'ଷ୍ଟ୍ରାଟେଜିକ ପେଟ୍ରୋଲିୟମ ରିଜର୍ଭ' ପ୍ରକଳ୍ପ କାର୍ଯ୍ୟକୁ ଶୀଘ୍ର ତ୍ୱରାନ୍ୱିତ କରିବା ପାଇଁ ଚିଠି ଲେଖିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର, ୨୬/୩ (ନି.ପ୍ର): ସାମ୍ପ୍ରତିକ ବିଶ୍ୱ ପରିସ୍ଥିତି, ବିଶେଷ କରି ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧ ଏବଂ ଭୂ-ରାଜନୈତିକ ଅସ୍ଥିରତା ମଧ୍ୟରେ ଭବିଷ୍ୟତରେ ଦେଶର ଉର୍ଜା ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚିନ୍ତାପ୍ରକାଶ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଭବିଷ୍ୟତରେ ଦେଶର ତୈଳ ଆବଶ୍ୟକତାକୁ ସୁରକ୍ଷିତ ରଖିବା ପାଇଁ ଯାଜପୁର ଜିଲ୍ଲାର ଚଣ୍ଡିଖୋଲ ଠାରେ ପ୍ରତିଷ୍ଠା ହେବାକୁ ଥିବା ୪ ମିଲିୟନ୍ ମେଟ୍ରିକ୍ ଟନ୍ (ଏମଏମଟି) କ୍ଷମତା ବିଶିଷ୍ଟ 'ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭ' (ଏସପିଆର) ପ୍ରକଳ୍ପର ଶୀଘ୍ର ସମାପ୍ତି ତଥା ତ୍ୱରିତ କାର୍ଯ୍ୟକ୍ଷମ ପାଇଁ ପଦକ୍ଷେପ ନେବାକୁ ସେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଶ୍ରୀ ହରଦୀପ ସିଂ ପୁରୀ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ପୃଥକ ପୃଥକ ପତ୍ର ଲେଖି ଅନୁରୋଧ କରିଛନ୍ତି । ଶ୍ରୀ ପ୍ରଧାନ ଗଣମାଧ୍ୟମକୁ ଏ ବିଷୟରେ ପ୍ରତିକ୍ରିୟା ଦେବା ସହ ଉକ୍ତ ପତ୍ରରେ ଏହାର ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି । ସେ କହିଛନ୍ତି, ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶୀ ନେତୃତ୍ୱରେ କେନ୍ଦ୍ର କ୍ୟାବିନେଟ୍ ୨୦୧୮ ଜୁନ୍ ୨୭ରେ ଚଣ୍ଡିଖୋଲ ଠାରେ ଏହି ପ୍ରକଳ୍ପ ପାଇଁ ଅନୁମୋଦନ ଦେଇଥିଲେ । ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କୁ ଏ ସମ୍ପର୍କରେ ମୁଁ ଚିଠି ଲେଖିଥିଲେ ମଧ୍ୟ କ୍ରିୟାନ୍ୱୟନ ହୋଇପାରିନଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ୨୦୨୫ ମସିହା ଏପ୍ରିଲ ୮ରେ ନୂଆଦିଲ୍ଲୀ ଠାରେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଶ୍ରୀ ହରଦୀପ ସିଂ ପୁରୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏବଂ ମୋର ଉପସ୍ଥିତିରେ ଇପିକଲ୍, ଓଡ଼ିଶା ସରକାର ଏବଂ ଇଣ୍ଡିଆନ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭ ଲିମିଟେଡ୍(ଆଇଏସପିଆରଏଲ) ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇ କାର୍ଯ୍ୟ ଆଗକୁ ବଢ଼ିଛି । ପ୍ରାୟ ୮,୭୪୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପ ବିଶ୍ୱର ସର୍ବବୃହତ ଭୂତଳ ଅଶୋଧିତ ତୈଳ ଭଣ୍ଡାର ହେବ । ଏହାଦ୍ୱାରା ୫,୦୦୦ରୁ ଅଧିକ ଲୋକଙ୍କ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ବର୍ତ୍ତମାନ ଭାରତ ପାଖରେ ୯.୫ ଦିନର ତୈଳ ସଂରକ୍ଷଣ କ୍ଷମତା ଅଛି । ଚଣ୍ଡିଖୋଲ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଏହା ଦେଶର ଅଶୋଧିତ ତୈଳ ଆବଶ୍ୟକତାରେ ଅତିରିକ୍ତ ୭.୧୨ ଦିନ ବୃଦ୍ଧି କରିବ । ଏହି ପ୍ରକଳ୍ପ ଓଡ଼ିଶାର ଜିଡ଼ିପିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବା ସହ ପରିବହନ, ଆତିଥ୍ୟ ଏବଂ ନିର୍ମାଣ ଶିଳ୍ପକୁ ତ୍ୱରାନ୍ୱିତ କରିବ । ବିଶ୍ୱ ବଜାରରେ ତୈଳ ଦର ଅସ୍ଥିରତା କିମ୍ବା ଯୋଗାଣ ବ୍ୟାହତ ସମୟରେ ଏହି ଭଣ୍ଡାର ଦେଶ ପାଇଁ ଏକ 'ବଫର ଷ୍ଟକ୍' ଭାବେ କାର୍ଯ୍ୟ କରିବ । ଏହା ଓଡ଼ିଶାକୁ ପୂର୍ବ ଭାରତର ଶିଳ୍ପ ଓ ଅର୍ଥନୈତିକ ଅଭିବୃଦ୍ଧିର ମୁଖ୍ୟ ସାରଥି ଭାବେ ଗଢ଼ିତୋଳିବା ସହ ପ୍ରଧାନମନ୍ତ୍ରୀଙ୍କ 'ମିଶନ ପୂର୍ବୋଦୟ'ର ପରିକଳ୍ପନାକୁ ସାକାର କରିବ । ଏହି ପ୍ରକଳ୍ପ ଦେଶର ଇର୍ଜା ସୁରକ୍ଷା ସହ ଦେଶର ଅର୍ଥନୀତିକୁ ଗତି ଦେବ ଏବଂ ଜରୁରୀକାଳୀନ ପରିସ୍ଥିତିରେ ବିଶେଷ ସହାୟକ ହେବ ।

# ଜମରସୁଆଁ ଗ୍ରାମ ପଂଚାୟତରେ ପୋଲିସ-ଜନସାଧାରଣ ସମ୍ମିଳନୀ

ପୁରୀ, ୨୬/୩ (ନି.ପ୍ର): ସଦର ଥାନା ଅଧୀନ ଜମରସୁଆଁ ଗ୍ରାମ ପଂଚାୟତରେ ବୁଧବାର ଦିନ ପୋଲିସ-ଜନସାଧାରଣ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ସଦର ଥାନା ଅଧିକାରୀ ଅନଖା କେ. ବିଜୟାଙ୍କ ନେତୃତ୍ୱରେ ସୁଚାରୁ ଭାବେ ସମ୍ପନ୍ନ ହୋଇଥିଲା । ସଭାର ମୂଳ ଉଦ୍ଦେଶ୍ୟ ଥିଲା ଅଂଚଳରେ ଆଇନ-ଶୃଙ୍ଖଳାକୁ ଆହୁରି ସୁଦୃଢ଼ କରିବା ସହିତ ସାଧାରଣ ଲୋକମାନଙ୍କୁ ବିଭିନ୍ନ ସାମାଜିକ ଓ ଆଇନଗତ ବିଷୟରେ ସଚେତନ କରିବା । ସଭାରେ ଅବୈଧ ମଦ ତିଆରି, ଚାଲାଣ ଓ ବିକ୍ରୟକୁ କଠୋର ଭାବେ ଦମନ କରିବା ବିଷୟରେ ଆଲୋଚନା କରାଯାଇଥିଲା । ପୋଲିସ ପକ୍ଷରୁ ଗ୍ରାମବାସୀମାନଙ୍କୁ ଏହା ସମ୍ପର୍କିତ କୌଣସି ସୂଚନା ମିଳିଲେ ତୁରନ୍ତ ଜଣାଇବାକୁ ଅନୁରୋଧ କରାଯାଇଥିଲା । ଯାହା ଫଳରେ ଅଂଚଳରେ ଅପରାଧକୁ ଶୀଘ୍ର ରୋକାଯାଇପାରିବ । ଏହା ସହିତ ମହିଳା ଓ ଶିଶୁମାନଙ୍କ ସୁରକ୍ଷା ବିଷୟକୁ ସଭାର ଏକ ପ୍ରାଥମିକତା ଭାବେ ଧରାଯାଇଥିଲା । ନିର୍ଭୟ ଓ ସୁରକ୍ଷିତ ପରିବେଶ ସୃଷ୍ଟି ପାଇଁ ସମସ୍ତଙ୍କ ସଚେତନତା ଓ ସହଯୋଗ ଅତ୍ୟନ୍ତ ଆବଶ୍ୟକ ବୋଲି ଉଲ୍ଲେଖ କରାଯାଇଥିଲା । ଏହା ସହିତ ସାଇବର ଅପରାଧ ଦିନକୁ ଦିନ ବୃଦ୍ଧି ପାଉଥିବା ପରିପ୍ରେକ୍ଷିତରେ ଲୋକମାନଙ୍କୁ ବିଭିନ୍ନ ପ୍ରକାରର ଅନଲାଇନ୍ ଠକେଇ, ଫ୍ରଡ୍ କଲ୍, ଓଟିପି ଶେୟରିଂ ଇତ୍ୟାଦି ସମ୍ପର୍କରେ ସଚେତନ କରାଯାଇଥିଲା । ଅଜଣା ବ୍ୟକ୍ତିଙ୍କ ସହିତ ବ୍ୟାଙ୍କ ସମ୍ପର୍କିତ ସୂଚନା ବାଣ୍ଟିବାରୁ ବିରତ ରହିବାକୁ ଏବଂ କୌଣସି ସନ୍ଦିଗ୍ଧ କଲ୍ ବା ଲିଙ୍କ ପାଇଲେ ସତର୍କ ରହିବାକୁ ସଦର ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଥିଲା । ସଭାରେ ନୂତନ ଆଇନ ସମ୍ପର୍କିତ ପ୍ରଚାର ମଧ୍ୟ କରାଯାଇଥିଲା । ଲୋକମାନଙ୍କୁ ସମ୍ପ୍ରତି ଲାଗୁ ହୋଇଥିବା ବିଭିନ୍ନ ଆଇନ ଓ ତାହାର ପ୍ରଭାବ ସମ୍ପର୍କରେ ସରଳ ଭାଷାରେ ବୁଝାଇ ଦିଆଯାଇଥିଲା, ଯାହା ଦ୍ୱାରା ସେମାନେ ଆଇନ ସଚେତନ ହୋଇପାରିବେ ଏବଂ ନିଜ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ଜାଣିପାରିବେ । ଯାତାୟାତ ସୁରକ୍ଷା ବିଷୟରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । ହେଲମେଟ ପିନ୍ଧିବା, ସିଟ୍ବେଲ୍ଟ ବ୍ୟବହାର, ମଦପାନ କରି ଗାଡ଼ି ଚଲାଇବାରୁ ବିରତ ରହିବା, ଓ ଟ୍ରାଫିକ ନିୟମ ମାନିବା ପାଇଁ ଗ୍ରାମବାସୀମାନଙ୍କୁ ସଚେତନ କରାଯାଇଥିଲା । ଏହା ମାନିଲେ ଦୁର୍ଘଟଣାକୁ ବହୁ ଅଂଶରେ ରୋକାଯାଇପାରିବ ବୋଲି କୁହାଯାଇଥିଲା । ସଭାରେ ପୋଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ସୁମଧୁର ସମ୍ପର୍କ ଓ ସହଯୋଗ ବୃଦ୍ଧି ପାଇଁ ଜୋର ଦିଆଯାଇଥିଲା । ଅଂଚଳରେ ଶାନ୍ତି ଓ ସୁରକ୍ଷା ବଜାୟ ରଖିବା ପାଇଁ ଦୁହେଁ ପକ୍ଷର ଏକତା ଅତ୍ୟାବଶ୍ୟକ ବୋଲି ଥାନା ଅଧିକାରୀ ମିସ ବିଜୟ ଉଲ୍ଲେଖ କରିଥିଲେ ।

## ସାରସ୍ୱତ ବାଲ ମନ୍ଦିର ଶିକ୍ଷା ଅନୁଷ୍ଠାନର ବାର୍ଷିକ ଉତ୍ସବ

ଜୟପୁର, ୨୬/୩ (ନି.ପ୍ର): ଜୟପୁର ଜୟନଗରସ୍ଥିତ ପାଇକ ସାହିରେ ଥିବା ସାରସ୍ୱତ ବାଲ ମନ୍ଦିର ପ୍ରାଙ୍ଗଣରେ ବହୁ ଆଡ଼ମ୍ବରରେ ପାଳିତ ହୋଇସାରିଛି ବିଦ୍ୟାଳୟର ବାର୍ଷିକ ପ୍ରଦର୍ଶନୀ ଉତ୍ସବ । ଅନୁଷ୍ଠାନର ଅଧକ୍ଷା, ଶିକ୍ଷୟିତ୍ରୀଗଣ, ଛାତ୍ରଛାତ୍ରୀ, ପରିଚାଳନା କମିଟି ଏବଂ ଅଭିଭାବକମାନଙ୍କର ପୂର୍ଣ୍ଣ ସହଯୋଗରେ ଏହି ଦିବସଟି ରୋମାଂଚକର ହୋଇପାରିଥିଲା । ଶୀଯୁକ୍ତ ହରିହର କରସୁଧା ପଟ୍ଟନାୟକଙ୍କ ଦ୍ୱାରା ଅନୁଷ୍ଠାନର ପ୍ରଦୀପ ପ୍ରଜ୍ୱଳନ କରି ଶ୍ରୀଫଳ ଭଗ୍ନ ପୂର୍ବକ ଆନୁଷ୍ଠାନିକ ରୀତିରେ ପ୍ରଦର୍ଶନୀର ଉଦଘାଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ଗୋଷ୍ଠିଶିକ୍ଷା ଅଧିକାରୀ ଚନ୍ଦନ କୁମାର ନାୟକ, ସି ଆର ସି ସି ରୁଦ୍ରପ୍ରସନ୍ନ ପାଣିଗ୍ରାହି, ରାମେଶ୍ୱର ପଣ୍ଡା, ବିଜୟଲକ୍ଷ୍ମୀ ସ୍ୱାଇଁ ଯୋଗଦ ଦେଇଥିଲେ ।

## ଗଞ୍ଜେଇ ସମେତ ଚୋରା ମଦ ଜବତ: ୭ କୋର୍ଟ ଚାଲାଣ

କେନ୍ଦ୍ରାପଡ଼ା, ୨୬/୩ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାପାଳ ଶ୍ରୀ ରଘୁରାମ ଆୟର ନିର୍ଦ୍ଦେଶ କ୍ରମେ ଅବକାରୀ ଅଧିକ୍ଷକ ଶ୍ରୀ ବିପ୍ର ଚରଣ ମଣ୍ଡଳ ପ୍ରତ୍ୟକ୍ଷ ତତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ, ନିକିରେଇ, ରାଜନଗର ଓ ଆଳି ଥାନା ଅଧିନିସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ପାଳଶପୁର ଗ୍ରାମର ଗୁଣନିଧି ମଳିକ(ବୟସ-୩୧)ଙ୍କ ଠାରୁ ୩୨ ଲିଟର ବିଦେଶୀ ମଦ, ଦଶୀପୁର ଗ୍ରାମର ଜୀବନ ପ୍ରଧାନ(ବୟସ-୨୯)ଙ୍କ ଠାରୁ ୨୯ ଲିଟର ବିଦେଶୀ ମଦ, ତନରା ଗ୍ରାମର ଅରକ୍ଷିତ ଗାହଣ(ବୟସ-୩୮)ଙ୍କ ଠାରୁ ୩.୩୦ କିଗ୍ରାର ଗଞ୍ଜେଇ, ପିମ୍ପୁଡ଼ି ଗ୍ରାମର ପାଂଚାଳି ଭୂୟା(ବୟସ -୪୦)ଙ୍କ ଠାରୁ ୬୨ ଲିଟର ବିଦେଶୀ ମଦ, ଭୂୟପୁର ଗ୍ରାମର ରମେଶ ଚନ୍ଦ୍ର ସିଂ(ବୟସ-୫୩)ଙ୍କ ଠାରୁ ୪୫ ଲିଟର ବିଦେଶୀ ମଦ, କାଣ୍ଡିଆ ଗ୍ରାମର ମଞ୍ଜୁଲତା ମଳିକ(ବୟସ-୩୨)ଙ୍କ ଠାରୁ ୪୧ ଲିଟର ଦେଶୀ ମଦଓ ଗଞ୍ଜା ଗ୍ରାମର ରାମୁ ପାତ୍ର(ବୟସ-୩୯)ଙ୍କ ଠାରୁ ୩୧ ଲିଟର ବିଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଅଛି । ଏମାନଙ୍କ ପାଖରୁ ସମୁଦାୟ ୩.୩୦ କିଗ୍ରାର ଗଞ୍ଜେଇ ସମେତ ୨୪୦ ଲିଟର ବିଦେଶୀ ଓ ଦେଶୀମଦ ଜବତ କରାଯାଇ ୦୭ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି । ଏହି ଚଢ଼ାଉରେ ଅବକାରୀ ଉପ ନିରିକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ମିସ୍ ରତ୍ନପ୍ରଭା ସ୍ୱାଇଁ ଓ ଅନ୍ୟ କର୍ମଚାରି ସାମିଲ ଥିଲେ ।

# ଜିଲ୍ଲା ଚିକିତ୍ସାଳୟରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ସହ ଯନ୍ତ୍ରପାତି ଲଗାଇବାକୁ ଦାବି

ଜୟପୁର, ୨୬/୩ (ନି.ପ୍ର): ଜୟପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲା ଚିକିତ୍ସାଳୟରେ ଲାଗି ରହିଥିବା ସମସ୍ୟାର ସମାଧାନ କରିବାକୁ ଦାବି ପତ୍ର ପ୍ରଦାନ କରାଯାଇଛି । ଜୟପୁର ଉପ ଜିଲାପାଳ ଦାୟିତ୍ୱ ରେଥିବା ଆଇଟିଡିଏ ପିଏ ତୃପ୍ତି ବରାଇଙ୍କୁ ଆଜି ସମାଜ ସେବି ବି ହରିରାଓଙ୍କ ନେତୃତ୍ୱରେ ଗ୍ରାମବାସୀ ମାନେ ଦାବି ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ଦୀର୍ଘ ବର୍ଷ ପରେ ଜୟପୁର ଠାରେ ଏକ ଉନ୍ନତ ଧରଣର ମୋଡିକାଲ ଖୋଲାଯାଇଛି । ଯାହାଫଳରେ ସମଗ୍ର କୋରାପୁଟ ଜିଲାର ଜନ ସାଧାରଣ ଏବଂ ଆଖ ପାଖ ଜିଲାର ଲୋକ ମାନେ ମଧ୍ୟ ଉତ୍ତମ ଚିକିତ୍ସା ପାଇବାର ଆଶା କରିଥିଲେ । ଏ ଦୁର ସ୍ଥାନରୁ ଆଉ ରେଫର ହୋଇ ଯିବାକୁ ପଡିବ ନାହିଁ । କିନ୍ତୁ ବର୍ତ୍ତମାନ ସ୍ଥିତିରେ ସମଗ୍ର ଜନସାଧାରଣ ହତାଶ ହୋଇ ପଡିଛନ୍ତି । ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ବରିଷ୍ଠ ବିଶେଷଜ୍ଞ ଡାକ୍ତର ନାହାଁନ୍ତି । କେତେକ କନିଷ୍ଠ ଡାକ୍ତରଙ୍କୁ ନେଇ ଚିକିତ୍ସାଳୟ ଚାଲିଛି । ଯାହା ଦ୍ୱାରା ଗୁରୁତ୍ୱ ପୁଣ୍ଡ ରୋଗି, ଦୁର୍ଘଟଣା ଗ୍ରସ୍ତ ରୋଗି ମାନେ ଚିକିତ୍ସା ପାଇବାରୁ ବଞ୍ଚିତ ହୋଉଛନ୍ତି । ଓ ଚିକିତ୍ସାଳୟ ତରଫରୁ କୋରାପୁଟ ସ୍ଥିତ ଶହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଉଛି । ସେ ଠାରୁ ମଧ ବ୍ରହ୍ମପୁର କିମ୍ବା କଟକ , ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି ।ଏଥି ମଧ୍ୟରେ ରୋଗି ମୃତ୍ୟୁ ବରଣ କରୁଛନ୍ତି । ଜୟପୁର ସ୍ଥିତ ଜିଲା ଚିକିତ୍ସାଳୟ ଉପରେ ହଜାର ହଜାର ଗିରବ ଲୋକ ନିର୍ଭର କରୁଛନ୍ତି । କିଛି ଦିନ ତଳେ ଏକ ଦୁର୍ଘଟଣା ରେ ଘଟଣା ସ୍ଥଳରେ ଜଣେ ମୃତ୍ୟୁ ବରଣ କରିଥିବା ବେଳେ ଅନ୍ୟ ଜଣେ ଗୁରୁତରକୁ ଜୟପୁର ସ୍ଥିତ ଜିଲା ଚିକିତ୍ସାଳୟ ରୁ ଭର୍ତ୍ତି କରିଥିଲେ । ଏଠାରେ ଡାକ୍ତର କୋରାପୁଟ ମେଡିକାଲ କଲେଜକୁ ରେଫର କରିଥିଲେ । ଗୁରୁତର ବ୍ୟକ୍ତିଙ୍କ ପରିବାର କୋରାପୁଟ ମେଡିକାଲକୁ ଭରସା ନକରି ବିଶାଖାପାଟଣା ମେଡିକାଲକୁ ଚିକିତ୍ସା ନିମନ୍ତେ ଯିବା ସମୟରେ ରାସ୍ତାରେ ମୃତ୍ୟୁ ହୋଇଥିଲା । ଏପିର ଏନେକ ଘଟଣା ଘଟୁଛି । ଏହା ର ମୁଖ୍ୟ କାରଣ ହେଉଛି ଜୟପୁର ସ୍ଥିତ ଜିଲା ଚିକିତ୍ସାଳୟରେ ବରିଷ୍ଠ, ବିଶେଷଜ୍ଞ ଡାକ୍ତର ଅଭାବ ସହ ଯନ୍ତ୍ର ପାତି ନଥିବାରୁ ଜନ ସାଧାରଣ ମୃତ୍ୟୁ ମୁଖରେ ପଡୁଛନ୍ତି । ତେଣୁ ପ୍ରଶାସନ ଗୁରୁତର ସହ ନେଇ ଚିକିତ୍ସଳୟରେ ବିଶେଷଜ୍ଞ ଡାକ୍ତର ପୁରଣ କରିବା , ସିଟି ସ୍କେନ ଅନାନ୍ୟ ଯନ୍ତ୍ର ପାତି ବ୍ୟବହାର କରିବାକୁ ଦାବି କରାଯାଇଛି । ଏହି ଦାବି ପତ୍ରର ନକଲ ମୁଖ୍ୟମନ୍ତ୍ରୀ ଓ ଜୟପୁର ସ୍ଥିତ ଜିଲା ଚିକିତ୍ସାଳୟରେ ସୁପରିଟେଣ୍ଟେଣ୍ଟକୁ ପ୍ରଦାନ କରାଯାଇଛି ।

# ଅବସରପ୍ରାପ୍ତ ଶିକ୍ଷକଙ୍କ ପେନସନ ସଂଘର ଜରୁରୀ ବୈଠକ

କେନ୍ଦୁଝର, ୨୬/୩ (ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକର ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ସଭାପତି ହରିହର ମହାନ୍ତଙ୍କ ଅଧ୍ୟକ୍ଷତାରେ ସ୍ୱାମ୍ ପାଟଣା ଠାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସଂଘର ସଂପାଦକ ପ୍ରସନ୍ନ କୁମାର ପରିଡା ସଭାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ସୂଚନା ଅନୁଯାୟୀ ଗତବର୍ଷ ମାର୍ଚ୍ଚ ମାସ ୨୫ ତାରିଖ ୨୦୨୫ରେ କେନ୍ଦ୍ରସରକାରଙ୍କ ଦ୍ୱାରା ପାରିତ ସିଭିଲସର୍ଭିସ ପେନସନ ଆକ୍ଟ ଦେଶର ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ମାନଙ୍କ ପେନସନ୍ ଅଧିକାରକୁ କ୍ଷୁର୍ଣ୍ଣ କରୁଥିବାରୁ ସଭାରେ ଥିବା ସମସ୍ତ ଅବସରପ୍ରାପ୍ତ ଶିକ୍ଷକ ମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ । ଏହାଦ୍ୱାରା ଅଷ୍ଟମ ବେତନ କମିଶନ ପେନସନ୍ ଅଭିବୃଦ୍ଧିର ସୁଯୋଗରୁ ୩୧/୧୨/୨୦୨୫ ମସିହା ପୂର୍ବରୁ ଅବସର ଗ୍ରହଣ କରିଥିବା ସରକାରୀ କର୍ମଚାରୀ ବୃନ୍ଦ ବଂଚିତ ହେବେ । ଏହା ଗଭୀର ଭାବେରେ ପେନସନ୍ ଭୋଗୀଙ୍କ ଜୀବନ ଶୈଳୀକୁ କରିବ ବୋଲି ସଭାରେ ଆଶଙ୍କପ୍ରକାଶ ପାଇଥିଲା । ପେନସନ୍ ସମାଜିକ ସୁରକ୍ଷାର ଏକ ମାଧ୍ୟମ ଏହାକୁ ସୁରକ୍ଷିତ ରଖିବା ପାଇଁ ସଂଘଟିତ ଆନ୍ଦୋଳନ ଏକାନ୍ତ ଆବଶ୍ୟକ ବୋଲି ଏହି ସଭାରେ ଆଲୋଚନା କରିଥିଲେ । ଏହି ଆକ୍ଟ ପ୍ରତ୍ୟାହାର ନିମନ୍ତେ ପାଟଣା ଗୋଷ୍ଠୀଉନ୍ନୟନ ଅଧିକାରୀଙ୍କ ମାଧ୍ୟମରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯିବ ଯଦି ଏ ସମସ୍ୟା ର ସମାଧାନ ନହେଲେ ପରବର୍ତୀ ସମୟରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ପ୍ରସ୍ତୁତ ରହିବା ପାଇଁ ସମସ୍ତଙ୍କ ସଭାରେ ସୂଚନା ଦିଆଯାଇଛି । ଏହି ସଭାରେ ଶାନ୍ତନୁ କୁମାର ସାହୁ ହୃଷୀକେଶ ମହାନ୍ତ କ୍ଷୀରୋଦ ଚନ୍ଦ୍ର ମିଶ୍ର ବିଦ୍ୟାଧର ମହାନ୍ତ ବସନ୍ତ କୁମାର ଘଣା ପ୍ରତାପ ଚନ୍ଦ୍ର ମହାନ୍ତ ତରଣୀସେନ ମହାନ୍ତ ଯତିନ୍ଦ୍ର କୁମାର ପଲେଇଙ୍କ ସହ ସମସ୍ତ ଅବସରପ୍ରାପ୍ତ ଶିକ୍ଷକ ମାନେ ନିଜ ନିଜର ମତାମତ ପ୍ରଦାନ କରିଥିଲେ ।

# ବିଶ୍ୱ ଯକ୍ଷ୍ମା ଦିବସ ପାଳିତ

କେନ୍ଦ୍ରାପଡ଼ା, ୨୬/୩ (ନି.ପ୍ର): ଏସ୍ଓଏସ୍ କଲେଜ୍ ଅଫ୍ ନର୍ସିଂ, କେନ୍ଦ୍ରାପଡ଼ା ତରଫରୁ ଆଜି ବିଶ୍ୱ ଯକ୍ଷ୍ମା ଦିବସ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, କେନ୍ଦ୍ରାପଡ଼ାରେ ପାଳନ କରାଯାଇଛି । ଏହି ଅବସରରେ ନର୍ସିଂ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଅଭିନୟ କାର୍ଯ୍ୟକ୍ରମ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପୁରୁଣା ମେଡ଼ିକାଲ କନ୍‌ଫରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଥିଲା । ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ଛାତ୍ରୀଛାତ୍ରମାନେ ଅଭିନୟ ମାଧ୍ୟମରେ ସମାଜକୁ ବିଭିନ୍ନ ବାର୍ତା ଯଥା- 'ଯକ୍ଷ୍ମା ରୋଗୀଙ୍କୁ ଅଲଗା କରି ରଖିବା, ନିୟମିତ ଔଷଧ ଖାଇବା, ମଦ ଓ ସିଗାରେଟ ଆଦି ଖାଇବା ନାହିଁ, ନିୟମିତ ଭାବେ ଔଷଧ ସେବନ କରିବା' ଆଦି ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋରଞ୍ଜନ ରାଉତ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଚ୍ଚିଦାନନ୍ଦ ମିଶ୍ର, ଏ.ଡି.ପି.ଏଚ୍(ଡି.ସି) ଡା. ଶ୍ୟାମସୁନ୍ଦର ଟୁଡୁ, ଜିଲ୍ଲା ପ୍ରୋଜେକ୍ଟ କୋଅର୍ଡିନେଟର ବିଶ୍ୱରଞ୍ଜନ ଦାସ, ଡି.ପି.ଏଚ୍.ସି.ଓ ଶୁଭନାରାୟଣ ନାୟକ, ଡି.ପି.ଏମ୍. ଡା. ମନୋରଞ୍ଜନ ସାହୁ, ଡେପୁଟୀ ମ୍ୟାନେଜର, ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ଡା. ସୁକାନ୍ତ କୁମାର ପ୍ରଧାନ, ଡେପୁଟୀ ନର୍ସିଂ ସୁପରିଂଟେଣ୍ଡେଂଟ ଅଞ୍ଜନାବାଳା ସାହୁ, ନର୍ସିଂ ଅଫିସର ଦମୟନ୍ତୀ ରାଉତ, ଏସ୍‌ବିଏସ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନସର ପ୍ରଫେସନାଲ ଡାଇରେକ୍ଟର ଜ୍ୟୋତିର୍ମୟୀ ପଟ୍ଟନାୟକ, ପ୍ରଶିକ୍ଷିକା ମୋନାଲିସା ସ୍ୱାଇଁ, ପଲ୍ଲବୀ ପଟ୍ଟନାୟକ, ମନିସାରାଣୀ, ଶ୍ରୀକାନ୍ତ ବିଶ୍ୱାଳ, ଅଙ୍କିତା କୁମାରୀ ସାହୁ, ବନପ୍ରଭା ସାହୁ, ତୁଳସୀ ଦାସ, ରୋହିଣୀ ସାହୁ, ସୁପର୍ଣ୍ଣା ନାଥ, ତୃପ୍ତିମୟୀ ପରିଜା, ରାଜଲକ୍ଷ୍ମୀ ସାହୁ, ତୃପ୍ତିମୟୀ ଦାଶ, ପ୍ରିୟଦର୍ଶନୀ ମଲ୍ଲିକ, ଶୁଭସ୍ମିତା ରାଉତରାୟ, ସେକ ଅହମ୍ମଦ ରାଜା, ଏପି ଅଲିଭା ଅଭିନିତା ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଯକ୍ଷ୍ମାମୁକ୍ତ ପଂଚାୟତର ସରପଂଚ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସମେତ ଜିଲ୍ଲା ସରକାରୀ ଏଏନ୍‌ଏମ୍ ତାଲିମ କେନ୍ଦ୍ରର ଅଧକ୍ଷା, ପ୍ରଶିକ୍ଷିକା ଓ ଛାତ୍ରୀମାନେ ଯୋଗ ଦେଇଥିଲେ । ଏହି ଅବସରରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ଏକକ ଅଭିନୟ କରୁଥିବା ସମସ୍ତ ଛାତ୍ରୀଛାତ୍ର, ପ୍ରଫେସନାଲ ଡାଇରେକ୍ଟର ଓ ପ୍ରଶିକ୍ଷିକାମାନଙ୍କୁ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ।

# ଧାନ କିଣା ପାଇଁ ପଞ୍ଜିକରଣ ଅବଧି ବୃଦ୍ଧି ପାଇଁ କୃଷକ ସଭାର ଦାବି



ଜଳେଶ୍ୱର, ୨୬/୩ (ନି.ପ୍ର): ରବି ଚାଷୀଙ୍କ ପଞ୍ଜୀକରଣ ଅବଧି ଶେଷ ହେଲା । କିନ୍ତୁ ବହୁ ଚାଷୀ ଧାନ ବିକ୍ରି ପାଇଁ ସେମାନଙ୍କର ନାମ ପଞ୍ଜୀକରଣ କରି ନପାରି ମୁଣ୍ଡରେ ହାତ ଦେଇ ବସିଛନ୍ତି । ଏହି ସଙ୍ଗୀନ ପରିସ୍ଥିତିକୁ ଅନୁଭବ କରି ଓଡ଼ିଶା କୃଷକ ସଭାର ଜଳେଶ୍ୱର ବ୍ଲକ କମିଟି ତରଫରୁ ପଞ୍ଜୀକରଣ ଅବଧି ବୃଦ୍ଧି କରିବା ନିମନ୍ତେ ଜଳେଶ୍ୱର ତହସିଲଦାରଙ୍କ ଜରିଆରେ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ସୂଚନା ଥାଉକି ସୋସାଇଟିରେ ଧାନ ବିକ୍ରି ପାଇଁ ରବି ଚାଷୀଙ୍କ ନାମ ପଞ୍ଜୀକରଣ ନିମନ୍ତେ ସରକାର ମାର୍ଚ୍ଚ ୨୫ ତାରିଖକୁ ଶେଷ ତାରିଖ ଭାବରେ ଧାର୍ଯ୍ୟ କରିଥିଲେ । ବହୁ ଚାଷୀ ସୋସାଇଟି ସମ୍ମୁଖରେ ଦିନ ରାତି ଧାଡ଼ିରେ ଛିଡ଼ା ହୋଇ ମଧ୍ୟ ନିଜ ନାମ ପଞ୍ଜୀକରଣ କରିବାରେ ବିଫଳ ହୋଇଛନ୍ତି । ଏହାର ପ୍ରମୁଖ କାରଣ ହେଲା ସମୟ ସୀମା କମ୍ ରହିବା । ଦ୍ୱିତୀୟରେ ଅଧିକାଂଶ ସମୟରେ ନେଟୱାର୍କ ନଥିବା ହେତୁ ପଞ୍ଜୀକରଣ ପ୍ରକ୍ରିୟା ମନ୍ଥର ଗତିରେ ଚାଲିଲା । ତୃତୀୟରେ ଲିଗାଲ୍ ହେୟାର ସାର୍ଟିଫିକେଟ ଯୋଗାଡ଼ କରି ଠିକ୍ ସମୟରେ ଦେଇ ନପାଇବା ହେତୁ ବହୁ ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି । ଫଳରେ ରବି ଋତୁରେ ଯେଉଁମାନେ ଧାନ ଚାଷ କରନ୍ତି ସେମାନଙ୍କ ଭିତରେ ନୈରାଶ୍ୟ ସୃଷ୍ଟି ହୋଇଛି । କାରଣ ସରକାରୀ ଦରରେ ଧାନ ବିକ୍ରୟ କରିନପାରିଲେ ସେମାନେ ଚାଷରେ ବହୁ କ୍ଷତି ସହିବା ସହିତ ଋଣ ଯନ୍ତାରେ ପଡ଼ିବେ । ଏଣୁ ସରକାର ଏହି ପଞ୍ଜୀକରଣ ଅବଧିକୁ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିବା ସହିତ ଲିଗାଲ ହେୟାର ସାର୍ଟିଫିକେଟ କ୍ଷେତ୍ରରେ ଖରିଫ ଚାଷ ଭଳି କେବଳ ସ୍ୱ ଲିଖିତ ଘୋଷଣାନାମା ନେଇ ପଞ୍ଜୀକରଣ କରିବା ପାଇଁ ଓଡ଼ିଶା କୃଷକ ସଭା ପକ୍ଷରୁ ଦୃଢ଼ ଦାବୀ ଉପସ୍ଥାପନ କରାଯାଇଛି । ଦାବୀପତ୍ର ଦେବା ସହିତ କୃଷକ ସଭାର ଏକ ପ୍ରତିନିଧି ଦଳ ଜଳେଶ୍ୱର ତହସିଲଦାରଙ୍କ ସହିତ ଏ ବିଷୟରେ ବିସ୍ତୃତ ଆଲୋଚନା କରିଛନ୍ତି । ପଞ୍ଜୀକରଣ ଅବଧି ବୃଦ୍ଧି କରାନଗଲେ କୃଷକ ସଭା ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବ ବୋଲି ରାଜ୍ୟ ସଭାପତି ସୀତାଂଶୁ ସେନାପତି, ଜିଲ୍ଲା ସମ୍ପାଦକ ଦିଲ୍ଲୀପ କୁମାର ଗିରି, ବ୍ଲକ ସଭାପତି ରବୀନ୍ଦ୍ର କୁମାର ବାରିକ, ସମ୍ପାଦକ ଜୀବନ ପରିଡ଼ା, ଦୀପ୍ତିମାନ ଆଚାର୍ଯ୍ୟ, ଦିଲ୍ଲୀପ ପରିଡ଼ା,ରାଜୀବ ପଣ୍ଡା, ପଲ୍ଟୁ ଦାସ, ଧୀରେନ୍ଦ୍ର ଦେ, ସବିତା ଭୂୟାଁ, ମିନତୀ ବାରିକ,ଚନ୍ଦନ ଶତପଥୀ, ସୁଷମା ବିବି, ଜଗନ୍ନାଥ ପରିଡ଼ା ପ୍ରମୁଖ ଚେତାବନୀ ଦେଇଛନ୍ତି ।

# ଚବିଶ ପ୍ରହରୀ ନାମ ସଂକୀର୍ତ୍ତନ ଧୁମ୍‌ଧାମ୍‌ରେ ପାଳିତ

କେନ୍ଦୁଝର, ୨୬/୩ (ନି.ପ୍ର): ରାମନାମ କୃଷ୍ଣ ନାମରେ ଉଛୁଳି ଉଠୁଛି, ବାଇଜାପଡ଼ା ଗାଁ ହରି ନାମକୁ ଶ୍ରବଣ କରିବାକୁ ଶ୍ରୋତାଙ୍କ ଲାଗିଛି ଭିଡ । ଭକ୍ତି ମୟ ପରିବେଶ ସୃଷ୍ଟି କରୁଛି ସମ୍ପୂର୍ଣ ଗାଁ । ହରିଚନ୍ଦନପୁର ବ୍ଲକ ବାରିଗାଁ ପଂଚାୟତ ଅଧୀନସ୍ଥ ବାଇଜାପଡା ଗାଁ ଚବିଶ ପ୍ରହରୀ ନାମ ସଂକୀର୍ତନ ଚଳିତ ବର୍ଷ ୨୯ବର୍ଷରେ ପହଁଚିଲା । ଚଳିତ ବର୍ଷ ଉକ୍ତ ଗ୍ରାମ ସଂକୀର୍ତନ ମଣ୍ଡଳୀ ଦ୍ୱାରା ଆୟୋଜିତ ଅଖଣ୍ଡ ନାମ ଯଜ୍ଞରେ ଗାଁ ଠାକୁରାଣୀ ପୋଖରୀରୁ କଳସ ଆଣି କର୍ତା ଭାବେ ଗୋବିନ୍ଦ ଦେହୁରୀ ଓ ପୂଜକ ଖଗେଶ୍ୱର ଦାସ ସମସ୍ତ ରୀତିନୀତି ନିୟମ ଅନୁଯାୟୀ ପୂଜା କାର୍ଯ୍ୟ ତୁଲାଉଛନ୍ତି । ଏହି ଅଖଣ୍ଡ ନାମ ଯଜ୍ଞରେ ଛଅ ଟି ସଂକୀର୍ତନ ଦଳ ଅଂଶ ଗ୍ରହଣ କରିଛନ୍ତି । ସଂକୀର୍ତନ ଦଳ ଗୁଡିକ ଯଥାକ୍ରମେ ବାଲିସାହି(ମୟୁରଭଞ୍ଜ) ଝିଅ ଦଳ, ଚୁଟିଆପଶି (ମୟୁରଭଞ୍ଜ) ଝିଅ ଦଳ, ରଘୁବେଡା(କେନ୍ଦୁଝର) ଝିଅ ଦଳ, ଗଳିଆ ନଳୀ(କେନ୍ଦୁଝର) ଝିଅ ଦଳ, ବଡ଼ପଶି(କେନ୍ଦୁଝର) ପୁଅ ଦଳ ଏବଂ ଗାଁ ସଂକୀର୍ତନ ମଣ୍ଡଳୀ ଅଂଶଗ୍ରହଣ କରି ଶ୍ରୋତାଙ୍କୁ ଅନବରତ ହରି ନାମ ଶ୍ରବଣ କରାଉଛନ୍ତି । ଏହି କାର୍ଯ୍ୟକ୍ରମର ମୁଖ୍ୟ ଦାୟିତ୍ୱରେ ମୋହନ ଦେହୁରୀ, ଭଗବାନ ବାରିକ ଓ ଜଗନ୍ନାଥ ନାଏକ ତୁଲାଉଥିବା ବେଳେ ତାଙ୍କୁ ସହଯୋଗ କରିଛନ୍ତି ପୂର୍ଣଚନ୍ଦ୍ର ବାରିକ, ଲୋଚନ ନାଏକ, ରମାକାନ୍ତ ଦେହୁରୀ, ଈଶ୍ୱର ନାଏକ, ସୁଶାନ୍ତ ଦେହୁରୀ, ଦୁଃଖବନ୍ଧୁ ନାଏକ, ସୁବର୍ଣ୍ଣ ଦେହୁରୀ ପ୍ରମୁଖ ।

# ଭବାନୀପାଟଣାରେ ଆଇନ ସଚେତନତା କାର୍ଯ୍ୟକ୍ରମ ନାରୀ ସୁରକ୍ଷା ଓ ଲିଙ୍ଗ ସମସ୍ୟା ଉପରେ ଗୁରୁତ୍ୱ

ଭବାନୀପାଟଣା , ୨୬/୩ (ନି.ପ୍ର): ଆଜି ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ଟାଉନହଲ୍, ଭବାନୀପାଟଣାରେ ବ୍ଲକ୍ ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦର୍ୱାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର,ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ମୁଜିବୁନ ନିଶା , ସମାଜ କଲ୍ୟାଣ ଅଧିକାରିଣୀ ସୁମିତା ଦେବୀ ତ୍ରିପାଠୀ, ଶିଶୁ କଲ୍ୟାଣ ସମିତିର ଅଧକ୍ଷା ସ୍ୱର୍ଣ୍ଣଲତା ମହାନ୍ତି, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ନମିତା ରାଣୀ ସାହୁ, ମହିଳା ନେତ୍ରୀ ସୁଭାସିନୀ ପାତ୍ର ଓ ସନ୍ତୋଷିନୀ ଦାଶ ଉପସ୍ଥିତ ଥିଲେ । ଏହି ଅବସରରେ ଭବାନୀପାଟଣା ସଦର, କଳମପୁର ଓ ଧର୍ମଗଡ଼ର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ତଥା ବାଲ୍ୟ ବିବାହ ନିଷେଧ ଅଧିକାରିଣୀ ମାନଙ୍କୁ ବାଲ୍ୟ ବିବାହ ନିରାକରଣ କ୍ଷେତ୍ରରେ ଦୃଷ୍ଟାନ୍ତ ମୂଳକ ପାଇଁ ସମ୍ମାନିତ କରାଯାଇଥିଲା ତାହା ସହିତ ସ୍ୱରଣାଳତା ମହାନ୍ତିଙ୍କୁ ଶିଶୁ ମାନଙ୍କ ପାଇଁ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟ କରିଥିବା ହେତୁ ସମ୍ମାନିତ କରାଗଲା । ତାଲିମଦାତା କୁମାର ନନ୍ଦ, ଭାରତ ଭୂଷଣ ପଣ୍ଡା,ଶୈଳେନ୍ଦୁ ଶେଖର ମହାପାତ୍ର ଏବଂ ସ୍ୱର୍ଣ୍ଣଲତା ମହାନ୍ତି ଲିଙ୍ଗ ସମସ୍ୟା, ଲିଙ୍ଗ ଭିତିକ ହିଂସା, ନାରୀଙ୍କ ଆଇନୀ ଅଧିକାର ଓ ସୁରକ୍ଷା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ଘରୋଇ ହିଂସା, ଯୌତୁକ ପ୍ରଥା ନିଷେଧ ଆଇନ, ଡାଇନି ପ୍ରଥା ବିରୋଧୀ ଆଇନ, ପୋକସୋ ନିୟମ , ପୋଶ ଆକ୍ଟ ଓ ହେଲ୍ପଲାଇନ୍ ସମ୍ପର୍କରେ ଜଣାଇଥିଲେ । ପ୍ରୋଟେକ୍ସନ୍ ଅଫିସର ସନ୍ଧ୍ୟାରାଣୀ ନାୟକ ମଂଚ ପରିଚାଳନା କରିଥିଲେ । ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ମଜିବୁନ ନିଶା ସ୍ୱାଗତ ଭାଷଣ ରଖିଥିବା ବେଳେ ସମାଜ କଲ୍ୟାଣ ଅଧିକାରିଣୀ ସୁଚିତା ତ୍ରିପାଠୀ ଧନ୍ୟବାଦ ଜଣାଇଥିଲେ ।

# ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ମାଗଣା ଚିକିତ୍ସା ଶିବିର

କେନ୍ଦ୍ରାପଡ଼ା, ୨୬/୩ (ନି.ପ୍ର): କେନ୍ଦ୍ରାପଡା ପୌରାଳିକା ଦୃଷ୍ଟିବାଧିତ ବିଦ୍ୟାଳୟରେ ମାଗଣା ଚିକିତ୍ସା ଶିବିର ଆୟୋଜନ କରାଯାଇଛି । ମୁଖ୍ୟ ଚିକିତ୍ସାଳୟର ପ୍ରଶାସକ ଦିଲ୍ଲୀପ କୁମାର ନାୟକ ଏହାକୁ ଉଦଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା, ବିଶିଷ୍ଟ ସମାଜସେବୀ ସମୀର କୁମାର ଚାନ୍ଦ ଯୋଗଦେଇ ଏହାର ଭୂୟସୀ ପ୍ରଶଂସା କରିଥିଲେ । ଏହା ଦୃଷ୍ଟି ବାଧିତ ପିଲାମାନଙ୍କୁ ଯଥେଷ୍ଟ ସହାୟକ ହେବ ବୋଲି କହିଥିଲେ । ସହରାଂଚଳ ପ୍ରାଥମିକ କେନ୍ଦ୍ରର ଚିକିତ୍ସା ଅଧିକାରୀ ଡା. ସୁଶ୍ରୀ ଜେନା, ଅଡିଓଲୋଜିଷ୍ଟ ଚନ୍ଦନ ବେହେରା, ପଚିଶି ଜଣ ଦୃଷ୍ଟିବାଧିତ ପିଲାମାନଙ୍କୁ ପରୀକ୍ଷା କରି ଔଷଧ ବଂଟନ କରିଥିଲେ । କମ୍ୟୁନିଟି ସୁପର ଭାଇଜର ସୌମ୍ୟା ପୁଷ୍ପା ମିଶ୍ର, ଆଶା ଅମ୍ବିକାବାଳା ନାଥ, ଏଏନ୍‌ଏମ୍ କନକଲତା ସାହୁ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସ୍ୱପ୍ନାଂଶୁ ଦାସ, ଶିକ୍ଷକ ବଟକୃଷ୍ଣ ବାରିକ୍, ଅରୁଣ କୁମାର ବେହେରା, ସୋନାଲିକା ସ୍ୱାଇଁ, ଅଲେଖ ଜେନା, ମନୋଜ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

## ଟାଇପ୍ ୧ ମଧୁମେହ ରୋଗୀଙ୍କ ଖାଦ୍ୟ

ଆଜିକାଲି କିଶୋର-କିଶୋରୀ ମଧ୍ୟ ମଧୁମେହର ଶିକାର ହେଉଛନ୍ତି, ଯାହାକୁ କୁହାଯାଉଛି ଟାଇପ ୧ ଡାଇବେଟିସ୍। ଏଭଳି ରୋଗୀ ଖାଦ୍ୟ ବାବଦରେ ସଚେତନ ହେବା ଜରୁରୀ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ଏପରି ଖାଦ୍ୟ ଖାଇବା, ଯାହାଦ୍ୱାରା ରକ୍ତ ଶର୍କରା ହଠାତ୍ ବହୁତ ଅଧିକ ବଢ଼ିବନାହିଁ ବା କମିବନାହିଁ। ଅର୍ଥାତ୍, ଠିକ୍ ଯେତିକି ଦରକାର, ସେତିକି ଶ୍ୱେତସାର ଖାଇବା।

- ତିନିଟି ମୁଖ୍ୟ ଭୋଜନ ବଦଳରେ ଛଅଥର ଅଳ୍ପ ଅଳ୍ପ ଖାଇବା ଉଚିତ। ଏହାଦ୍ୱାରା ରକ୍ତ ଶର୍କରା ନିୟନ୍ତ୍ରଣରେ ରହେ।




କେବେ ହେଲେ ଖାଲି ପେଟରେ ରହିବା ନାହିଁ। ଏହାଦ୍ୱାରା ରକ୍ତ ଶର୍କରା ହଠାତ୍ ବହୁତ ଖସି ଯାଇପାରେ। ତାହା ପରେ ଅଧିକ ଖାଇଦେଲେ, ବିରପୀତ ଘଟେ। ଅଧିକାଂଶ ନଟସ ସ୍ୱାସ୍ଥ୍ୟ ପାଇଁ ହିତକାରୀ। ତେବେ, ଟାଇପ ୧ ମଧୁମେହ ଭୋଗୁଥିଲେ, ଅଧିକ ଖାଇବା ଅନୁଚିତ। ଏହା ମୋଟା କରିପାରେ। ସର୍ବଦା ଅଟା ରୁଟଣି ଖାଇବା ଉଚିତ। ଅଟା ତିଆରି ପାଉଁରୁଟି, ନୁଡଲସ, ପାସ୍ତା ଖିଆ ଯାଇପାରେ। ଆକାଣ୍ଡିଆ ଚାଉଳ ସବୁଠାରୁ ନିରାପଦ। ଏସବୁ ଶ୍ୱେତସାର ଆବଶ୍ୟକତା ପୂରଣ କରନ୍ତି। ଚୋପା ଥିବା ମୁଗଡାଲି, କଳା ମସୁରଡାଲି ଉତ୍ତମ। ନିୟମିତ ପାଳଙ୍ଗ, ବ୍ରୋକୋଲି, ବନ୍ଧାକୋବି, ଫୁଲକୋବି, ଗାଜର, କାକୁଡ଼ି ଓ ଟମାଟୋ ଖାଆନ୍ତୁ। ଆଳୁ, କଞ୍ଚା କଦଳୀ ଓ କନ୍ଦମୂଳଖାଆନ୍ତୁ ନାହିଁ। ମିଠାଫଳ-ମୂଳ, ଜାମ-ଜେଲି, ମୃଦୁ ପାନୀୟ ମଇଦା ଦିଆରି ଖାଦ୍ୟ ସଂପୂର୍ଣ୍ଣ ବର୍ଜନୀୟ।

## ନିରାଶାରୁ ବର୍ତ୍ତିବାର ଉପାୟ



ଜୀବନରେ ଯଦି କେବେ ନିରାଶା ଆସେ ତେବେ ଧୈର୍ଯ୍ୟ ହରାନ୍ତୁ ନାହିଁ ବରହ ସେତିକିବେଳେ ଏମିତି ଏକ କ୍ଷଣକୁ ମନେ ପକାନ୍ତୁ ଯେତେବେଳେ ଆପଣ କିଛି ବଡ଼ କାମ କରିଥିଲେ। ଯାହା ଅନ୍ୟର ମଙ୍ଗଳ ପାଇଁ କାମରେ ଲାଗିଥିଲା ଏବଂ ଏଥିପାଇଁ ଆପଣଙ୍କୁ ମିଳିଥିଲା ଅନେକ ପ୍ରଂଶସା। କାରଣ ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ଏମିତି ଏକ ସମୟ ଆସିଥାଏ ଯାହାକୁ ନେଇ ସେ ସବୁଠାରୁ ଅଧିକ ଖୁସି ହୋଇଥାଏ। ଏମିତି କ୍ଷଣକୁ ମନେ ପକାଇବା ଦ୍ୱାରା ମନ-ମସ୍ତିଷ୍କରୁ କଷ୍ଟଦାୟକ ବୋଝ ହାଲ୍କା ହୋଇ ଯାଇଥାଏ। ଏହା ସମ୍ମୁଖରେ ଥିବା ବଡ଼ ସମସ୍ୟାକୁ ଲଢ଼ିବାରେ ସହାୟ ହୋଇଥାଏ। ଯଦି ଏସବୁ ସତ୍ୱେ ମଧ୍ୟ ମନ ନିରାଶାରେ ଛାଇ ରହିଥାଏ, ତେବେ କୌଣସି ନୂତନ ରାସ୍ତାର ସନ୍ଧାନରେ ଲାଗି ପଡନ୍ତୁ। ଯଦି ଏହି ସମୟରେ ଖାଲି ବସିପଡନ୍ତି, ତେବେ ମନ ଅଧିକ ବୋଝ ଲଦିହେଲା ପରି ମନେ ହୁଏ। ଏଥିପାଇଁ ନିଜକୁ କୌଣସି ନା କୌଣସି ଛୋଟ ବଡ଼ କାମରେ ନିମଗ୍ନ ରଖନ୍ତୁ। ତେଣୁ ପ୍ରତିଦିନ ପ୍ରାତଃ ସମୟରେ ଉଠି ବ୍ୟାୟାମ କରିବାର ଅଭ୍ୟାସ କରନ୍ତୁ। ଏହାଦ୍ୱାରା କେବଳ ସ୍ୱାସ୍ଥ୍ୟ ଭଲ ରହେ ତାହା ନୁହେଁ ବରଂ ମାନସିକ ସ୍ତରରେ ବେଶ୍ ଆରାମ ଅନୁଭୂତ ହୁଏ। ଚାହଁଲେ ଭଲ ସାହିତ୍ୟ ପୁସ୍ତକ, କବତା, ଗଳ୍ପ କାହା ଉପନ୍ୟାସ ପଢ଼ିପାରିବେ। ଆଶା ଏବଂ ନିରାଶା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ମଣିଷ ପରି ପଶୁ ମନରେ ବି ନିରାଶ ପଣ ଦେଖିବାକୁ ମିଳେ। ହେଲେ ମଣିଷ ଏବଂ ପଶୁ ମଧ୍ୟରେ ଥାଏ ଗୋଟିଏ ତଫାତ୍। ପଶୁ ନିରାଶା ହେଲେ କିଛି ନ କର ବସିପଡେ କିମ୍ବା ଶୋଇପଡେ। ହେଲେ ମନୁଷ୍ୟ, ନିରାଶରେ ଆଗକୁ ବଢ଼ିବାର ସାହସ ସଂଚୟ କରେ। ଏହାର ପରିଣାମ ସ୍ୱରୂପ ଆଜ ମନୁଷ୍ୟ ସମସ୍ତ ଜୀବଜନ୍ତୁ ପ୍ରାଣୀକୁ ନିଜ ବଶରେ କରିବାର କ୍ଷମତା ରଖିଛି। ତେଣୁ ଜୀବନରେ ଅନେକ ବଡ଼ ବଡ଼ ଦୁର୍ଘଟଣା ବା ସମସ୍ୟା ଆସି ଠିଆ ହେବ। ତା' ମାନେ ନୁହେଁ କି ତାକୁ ଡରି ପଛଘୁଞ୍ଚା ଦେବ। ବରଂ ଚେଷ୍ଟା ଦ୍ୱାରା ତାକୁ ଲଢ଼ବା ଶିଖିବା ଦରକାର। ଯଦି ଏଥିରେ ଅସଫଳ ହେଉଛନ୍ତି, ତେବେ ଭାଙ୍ଗିନପଡ଼ି ସେହି ନିରାଶା ମଧ୍ୟରେ ଆଶାର ସଞ୍ଚାର କରନ୍ତୁ।



## ମାଛ, ମାଂସ ନଖାଇ ସୁସ୍ଥ ରହିବାକୁ ଚାହୁଁଛନ୍ତି କି ? ଯଦି ହଁ, ଆପଣାନ୍ତୁ ଏହି ଉପାୟ...

**ଦିନକୁ ଦିନ ଲୋକଙ୍କର ଓଜନ ବଢୁଛି । ଏଥିପାଇଁ ଅନେକ ରୋଗରେ ପୀଡିତ ହେଉଛନ୍ତି ଲୋକେ। ଖାସ୍ ଏଥିପାଇଁ ହିଁ ଶାକାହାରୀ ଖାଦ୍ୟ ପ୍ରତି ଆକର୍ଷିତ ହେଉଛନ୍ତି । କିନ୍ତୁ ଯଦି ମାଂସ, ମାଛ ଏବଂ ଅଣ୍ଡା ଭଳି ଜିନିଷ ଖାଇବା ବନ୍ଦ କରି ଦିଅନ୍ତି, ତେବେ ଶରୀରକୁ ପ୍ରୋଟିନ୍ କେଉଁଠୁ ମିଳିବ । ଏ ପ୍ରଶ୍ନ ସମସ୍ତଙ୍କ ମନରେ ନିଶ୍ଚୟ ଆସୁଥିବ । କିନ୍ତୁ ଏପରି କିଛି ଶାକାହାରୀ ଖାଦ୍ୟ ରହିଛି ଯାହା ଶରୀରକୁ ପ୍ରଚୁର ପରିମାଣରେ ପ୍ରୋଟିନ୍? ଯୋଗାଇବ । ଆସନ୍ତୁ ଜାଣିବା...**

୧. ଡାଲି: ଡାଲିକୁ ପୋଷକ ତତ୍ତ୍ୱର ଭଣ୍ଡାର ଭାବରେ ବିବେଚନା କରାଯାଏ । ଏହାର ପ୍ରତିକପ୍ ପିଛା ଡାଲିରେ ମିଳିଥାଏ ୧୮ ଗ୍ରାମର ପ୍ରୋଟିନ୍ । ଏହାକୁ ବିଭିନ୍ନ ଉପାୟରେ ଖିଆ ଯାଇପାରେ । ଯେପରିକି ସୁପ୍, ସାଲାଡରେ ମଧ ଏହାକୁ ମାଂସ ବଦଳରେ ଖାଇପାରିବେ ।

୨. ସୋୟାବିନ୍: ସୋୟାବିନ ପ୍ରୋଟିନର ଏକ ସମୃଦ୍ଧ ଉତ୍ସ ଭାବରେ ବିବେଚନା କରାଯାଏ । ସାଧାରଣତଃ ଲୋକମାନେ ଏହାକୁ ତରକାରୀ କରି ଖାଇବାକୁ ପସନ୍ଦ କରନ୍ତି । ଯାହା ଅତ୍ୟନ୍ତ ସ୍ୱାଦିଷ୍ଟ ହୋଇଥାଏ । ଯଦି ଆପଣ ଏହାକୁ ନିୟମିତ ଖାଆନ୍ତି ତେବେ ଶରୀରରେ ପ୍ରୋଟିନର ଅଭାବ ରହିବନି।

୩. କ୍ୱିନୋଆ: କ୍ୱିନୋଆ ଏକ ପ୍ରୋଟିନ୍ ସମୃଦ୍ଧ ଖାଦ୍ୟ ଭାବେ ପରିଚିତ । ଏହି ଖାଦ୍ୟରେ ସମସ୍ତ ୯ଟି ଅତ୍ୟାବଶ୍ୟକ ଆମିନୋ ଏସିଡ୍ ଏହି ଖାଦ୍ୟରେ ମିଳିଥାଏ । ରାନ୍ଧିବା ସମୟରେ ଏହା କପ୍ ପିଛା ପ୍ରାୟ ୮ ଗ୍ରାମ ପ୍ରୋଟିନ୍ ଯୋଗାଇଥାଏ । ତେଣୁ ଅଧିକାଂଶ ଡାଏଟିସିଆନ୍ ଏହାକୁ ଦୈନନ୍ଦିନ ଖାଦ୍ୟରେ ଅନ୍ତର୍ଭୁକ୍ତ କରିବାକୁ ପରାମର୍ଶ ଦିଅନ୍ତି ।

୪. ଟୋଫୁ: ଟୋଫୁ ହେଉଛି ଏକ ସୋୟାବିନ୍ ଭିତ୍ତିକ ଖାଦ୍ୟ ପଦାର୍ଥ । ଯାହା ପ୍ରୋଟିନରେ ଭରପୂର ଅଟେ । ଯଦି ଆପଣ ଅଧା କପ୍ ଟୋଫୁ ଖାଆନ୍ତି, ତେବେ ଆପଣଙ୍କ ଶରୀରକୁ ପ୍ରାୟ




୧୫ ଗ୍ରାମ ପ୍ରୋଟିନ୍ ମିଳିବ । ଏହା ପନିର ପରି ଦେଖାଯାଏ, ଯଦିଓ ଏହା ଭିନ୍ନ ଅଟେ । ଆପଣ ଏହାକୁ ଅନେକ ଉପାୟରେ ରାନ୍ଧି ଖାଇପାରିବେ । ଏହାର ସ୍ୱାଦ ମଧ ଖୁବ୍ ଉତ୍କୃଷ୍ଟ ।

୫. ଗ୍ରୀକ୍ ଦହି: ଏହା ସେହି ବ୍ୟକ୍ତିଙ୍କ ପାଇଁ ଯେଉଁମାନେ କି ଦୁଗ୍ଧଜାତ ଦ୍ରବ୍ୟକୁ ସେମାନଙ୍କ ଖାଦ୍ୟରେ ଅନ୍ତର୍ଭୁକ୍ତ କରିବାକୁ ଚାହୁଁଛନ୍ତି । ଗ୍ରୀକ୍ ଦହି ପ୍ରୋଟିନର ଏକ ସମୃଦ୍ଧ ଉତ୍ସ ଅଟେ । ଯାହାର ପ୍ରତି ୬ଅଂଶରେ ଯୋଗାଇଥାଏ ୧୦ ଗ୍ରାମର ପ୍ରୋଟିନ୍ । ଏହା ପ୍ରୋବାୟୋଟିକ୍ସରେ ମଧ ଭରପୂର ଅଟେ, ଯାହା ହଜମ ପ୍ରକ୍ରିୟାକୁ ସୁସ୍ଥ ରଖେ ।

## ସ୍ୱାସ୍ଥ୍ୟର ଗନ୍ତାଘର ଧନିଆଁ : ଅନ୍ତ ରଖିବ ସ୍ୱଚ୍ଛ, ଦେହକୁ କରିବ ସୁସ୍ଥ

ଧନିଆଁକୁ ପ୍ରତିଦିନ ସେବନ କଲେ ଶରୀର ଉପରେ ପଡ଼ିଥାଏ ଚମତ୍କାର ପ୍ରଭାବ । ଏଭଳି ୩ ଟି ସହଜ ତରିକା ଯେମିତି ଧନିଆକୁ ଖାଇଲେ ପୂରା ଶରୀରରେ ଏହାର ସଫଳ ଦେଖାଯିବ । ଧନିଆର ଛୋଟ ଛୋଟ ଦାନା ସୁସ୍ଥ ଶରୀରର ଗନ୍ତାଘର , ଯାହା ଆପଣଙ୍କ ହଜମ ପ୍ରକିୟାଠାରୁ ନେଇ ବ୍ଲଡ ସୁଗାର କଣ୍ଟ୍ରୋଲ କରିବା ନେଇ ସବୁ କାମରେ ଫାଇଦା ଦେବ । କିନ୍ତୁ ଏଥିରା ଫାଇଦା କିପରି ଏହା ଧନିଅରାକୁ ବ୍ୟବହାର କରିବାର ତରିକା ଉପରେ ନିର୍ଭର କରେ । ଧନିଆଁକୁ ଆପଣ ପାଣିରେ ଭିଜାଇ ସେ ପାଣିକୁ ପିଇପାରିବେ । ନହେଲେ ଏହାକୁ ପାଉଡର କରି ସେବନ କରିପାରିବେ । ସବୁଠୁ ବଡ଼ କଥା ହେଲା ଧନିଆକୁ ଭିନ୍ନ ଭିନ୍ନ ତରିକାରେ ସେବନ କରିବାର ପରିଣାମ ବି ଅଲଗା ଅଲଗା । ଏହାକୁ ମୁଖ୍ୟତଃ ୩ ଟି ଉପାୟରେ ସେବନ କରିପାରିବା । ସବୁଠୁ ପ୍ରଥମ ତରିକା ହେଉଛି ଧନିଆକୁ ପାଣିରେ ଭିଜାଇ ଏହାର ପାଣି ପିଇବା । ଧନିଆ ପାଣି ପିଇବା ଦେହ ପାଇଁ ବହୁତ ଭଲ ।ହେଲେ ଏହି ପାଣି ପିଇଲେ କି କି ଲାଭ ମିଳେ ଏବଂ ଏହା କେଉଁମାନଙ୍କ ପାଇଁ ଭଲ ତାହା ବି ଜାଣିବା ଜରୁରି । ଧନିଆ ପାଣିକୁ ପ୍ରତିଦିନ ପିଇଲେ ହଜମ ଶକ୍ତି ଠିକ୍ ରୁହେ । ଏହି ପାଣି ହଜମ କ୍ରିୟାକୁ ତ୍ୱରାନ୍ୱିତ କରେ ଶରୀରକୁ ଡିଟକ୍ସ କରିଥାଏ । ଫଳରେ ଏସିଡିଟି ସମସ୍ୟା ରୁହେନାହିଁ । ଯଦି କାହାର ପେଟ ଭାରି



ଲାଗୁଥାଏ ତାହେଲେ ଧନିଆ ଭିଜା ପାଣିକୁ ପିଇବା ଦ୍ୱାରା ହାଲକା ଅନୁଭୂତ ହୁଏ । ଏହାବ୍ୟତୀତ ଯେଉଁମାନଙ୍କର ଡାଏବେଟିସ୍ ରହିଛି ସେମାନେ ମଧ ଏହି ପାଣିକୁ ନିୟମିତ ପିଇଲେ ବ୍ଲଡ୍ ସୁଗାର ନିୟନ୍ତ୍ରଣରେ ରୁହେ । ଦ୍ୱିତୀୟ ତରିକା ହେଉଛି ଧନିଆକୁ ଚା' କରି ପିଇବା । ଧନଆ ଦାନାର ଚା' ପିଇବା ବିଶେଷ କରି Arthrites ସମସ୍ୟା ଭୋଗୁଥିବା ଲୋକଙ୍କ ପାଁ ବେଶ୍ ଉପକାରୀ । ଧନିଆ ଚା'କୁ ନିୟମିତ ପିଇଲେ ଆଣ୍ଠୁଗଣ୍ଠି ଯନ୍ତ୍ରଣାରୁ ଉପଶମ ମିଳେ। ଏହାସହ ମହିଳାମାନଙ୍କର ଋତୁସ୍ରାବ ସମୟରେ ହେଉଥିବା ଯନ୍ତ୍ରଣା ବି ଲାଘବ ହୁଏ। ଏହି ଚା' ପିଇବାର ଆଉ ଏକ ବଡ଼ ଉପକାର ରହିଛି । ଏହାଦ୍ୱାରା ମହିଳମାନଙ୍କଠାରେ ଦେଖାଯାଉଥିବା ଥାଇରଏଡ୍ ସମସ୍ୟା ଦୂରେଇଯାଏ । ଏହାକୁ ବନାଇବାକୁ ଦେଢ କମପ ପାଣିରେ ଏକ ଚାମଚ ଧନିଆ ପକାଇ ଫୁଟାନ୍ତୁ। ପାଣି ଫୁଟି ହାଲକା ଲାଲ୍ ରଙ୍ଗର ଦେଖାଗଲେ ଏହାକୁ ଉଷୁମ ଉଷୁମ ପିଅନ୍ତୁ । ତୃତୀୟ ତରିକା ହେଉଛି ଧନିଆକୁ ପାଉର କରି ସେବନ କରିବା।

## ଖାଇବା-ଶୋଇବାରେ ବ୍ୟବଧାନ ନ ରହିଲେ କର୍କଟ ଆଶଙ୍କା

ଖାଇବା ଓ ଶୋଇବାରେ କେତେକ ନୀତିନିୟମ ରହିଛି। ଏହାକୁ ଅନେକ ଅଣଦେଖା କରିଥାନ୍ତି। ରାତିରେ ଖାଇବା ପରେ ପରେ ଅନେକ ବିଛଣା ଧରନ୍ତି। ସ୍ୱାସ୍ଥ୍ୟ ପାଇଁ ଏହା ଆଦୌ ଠିକ୍ ନୁହେଁ। ନିକଟରେ ବାର୍ସିଲୋନା ଇନ୍‌ଷ୍ଟିଚ୍ୟୁଟ୍ ଫର ଗ୍ଲୋବାଲ ହେଲ୍‌ଥର ଏକ ଅଧ୍ୟୟନରୁ ପ୍ରକାଶ ପାଇଛି ଯେ, ରାତିରେ ଖାଇବା ଓ ଶୋଇବା ମଧ୍ୟରେ ପାଖାପାଖୀ ଦୁଇଘଣ୍ଟା ବ୍ୟବଧାନ ରଖୀବା ଆବଶ୍ୟକ। ଏପରି ନ କରିବା ଦ୍ୱାରା ଜଣେ ବ୍ୟକ୍ତିଙ୍କୁ କର୍କଟ ହେବାର ଆଶଙ୍କା ଅଧିକ ଥାଏ। ଆଉ ଯେଉଁମାନେ ଉପରୋକ୍ତ ନିୟମ ମାନି ଚଳିଥାନ୍ତି, ସେମାନଙ୍କ ତୁଳନାରେ ଏହି ନିୟମ ନ ମାନୁଥିବା ବ୍ୟକ୍ତିଙ୍କ ଠାରେ କର୍କଟ ହେବାର ଆଶଙ୍କା ୨୫ ପ୍ରତିଶତ ଅଧିକ ରହିଥାଏ। କେବଳ ସେତିକି ନୁହେଁ, ଏହା ସେମାନଙ୍କ ଭୋକ ଏବଂ ନିଦ ଉପରେ ମଧ ପ୍ରଭାବ ପକାଇଥାଏ। ଏହି ଅଧ୍ୟୟନରେ କର୍କଟ ପୀଡ଼ିତ ୬୦୦ରୁ ଅଧିକ ପୁରୁଷ ଏବଂ ୧,୨୦୦ରୁ ଉର୍ଦ୍ଧ୍ୱ ମହିଳାଙ୍କୁ ସାମିଲ କରାଯାଇଥିଲା। ପୀଡ଼ିତ ଲୋକଙ୍କ ମଧ୍ୟରୁ କେହି ଜଣେ ବି ନାଇଟ୍ ସିଫ୍ଟ କରି ନଥିଲେ। ବରଂ ଏମାନେ ରାତିରେ ଖାଦ୍ୟ ଖାଇବା ପରେପରେ ଶୋଇଥିବାରୁ କର୍କଟରେ ପୀଡ଼ିତ ହୋଇଥିବା କଥା ଅଧ୍ୟୟନରେ କୁହାଯାଇଛି।



## ଧନବୃଦ୍ଧି ପାଇଁ ଉତ୍ତର ଦିଗ ସମ୍ପର୍କିତ ବାସ୍ତୁ ଟିପ୍ସ

**ବାସ୍ତୁଶାସ୍ତ୍ରରେ ପ୍ରତ୍ୟେକ ଦିଗର ଭିନ୍ନ ମହତ୍ତ୍ୱ ଓ ଗୁରୁତ୍ୱ ଅଛି। ଏହି ଧାରାରେ ଧନର ଦେବତା କୁବେରଙ୍କୁ ଉତ୍ତର ଦିଗର ସ୍ୱାମୀ ବୋଲି କୁହଯାଏ। ତେଣୁ ଉତ୍ତର ଦିଗ ହେଉଛି ଧନଦାୟକ। ଧନଲାଭ ପାଇଁ ଘରର ଉତ୍ତର ଦିଗ ସମ୍ପର୍କିତ କିଛି ବାସ୍ତୁ ନିୟମକୁ ମାନିବା ଉଚିତ। ଯଥା –**

ଘରର ଉତ୍ତର ଦିଗ କାନ୍ଥରେ ସବୁବେଳେ ହାଲୁକା ନୀଳ ରଙ୍ଗ ବ୍ୟବହାର କରିବା ଉଚିତ। ଉତ୍ତର ଦିଗରେ ଆଇନା ଲଗାଇବା ଶୁଭ ଅଟେ। ଉତ୍ତର ଦିଗର କୌଣସି କୋଣ ଭଙ୍ଗା ବା କଟା ହୋଇଥିବା ଉଚିତ ନୁହେଁ। କାନ୍ଥରେ ଫାଟ ପଡ଼ିବା ମଧ ଉଚିତ ନୁହେଁ। ବାସ୍ତୁ ଅନୁଯାୟୀ, ଘରର ଉତ୍ତର ଦିଗରେ ତୁଳସୀ ଗଛ ଲଗାଇବା ଅତ୍ୟନ୍ତ ଲାଭଦାୟକ। ଏହାଦ୍ୱାରା ଘରେ ସକାରାତ୍ମକ ଶକ୍ତି ସହିତ ସୁଖସମୃଦ୍ଧି ଆସିଥାଏ। ତୁଳସୀ ପୂଜନ ଦ୍ୱାରା ମା' ଲକ୍ଷ୍ମୀଙ୍କ କୃପାଦୃଷ୍ଟି ପଡ଼ିଥାଏ। ଆଲମାରୀ ବା ଟଙ୍କାପଇସା ରଖୁଥିବା ବକ୍ସକୁ ଦକ୍ଷିଣ କାନ୍ଥ ପାଖରେ ରଖୀବା ଦରକାର, ଯେପରିକି ଏହାର ମୁହଁ ଉତ୍ତର ଦିଗ ଆଡ଼କୁ ଖୋଲୁଥିବ। ଏଭଳି କରିବା ଦ୍ୱାରା ଘରେ କେବେ ମଧ ଅର୍ଥର ଅଭାବ ରୁହେ ନାହିଁ। ଧନବୃଦ୍ଧି ପାଇଁ ଘରର ଉତ୍ତର ଦିଗରେ ଧାତୁ ନିର୍ମିତ କଇଁଛ ରଖୀବା ଶୁଭ ବୋଲି କୁହାଯାଏ। ଧ୍ୟାନ ରଖନ୍ତୁ କଇଁଛର ମୁହଁ ଘର ଭିତରକୁ ରହିବା ଉଚିତ।



ଧ୍ୱନି ପ୍ରତିଧ୍ୱନି

# ଆମେରିକା-ଇରାନ ସଂଘର୍ଷ: ସାମରିକ ଓ ଆର୍ଥିକ ଚାପରେ ଛନ୍ଦି ହେଉଛି କି ମହାଶକ୍ତି ?

ଫେବୃଆରୀ ୨୮ ତାରିଖରେ ଆମେରିକା ଏବଂ ଇସ୍ରାଏଲ୍ ଦ୍ୱାରା ଇରାନ ଉପରେ ହୋଇଥିବା ଆକ୍ରମଣ ପରେ ପଶ୍ଚିମ ଏସିଆରେ ଆରମ୍ଭ ହୋଇଥିବା ସଂଘର୍ଷ ଏବେ ଏକ ବ୍ୟାପକ ଆଞ୍ଚଳିକ ଯୁଦ୍ଧରେ ପରିଣତ ହୋଇଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରତିରକ୍ଷା ବିଶେଷଜ୍ଞ ଏବଂ ରାଜନୈତିକ ସମୀକ୍ଷକମାନେ ଅନୁମାନ କରିଥିଲେ ଯେ ଏହି ଯୁଦ୍ଧ ସେତେ ଦିନ ପର୍ଯ୍ୟନ୍ତ ଚାଲିବ ଯେତେ ଦିନ ପର୍ଯ୍ୟନ୍ତ ଇରାନ ପାଖରେ ଆକ୍ରମଣ କରିବା ପାଇଁ କ୍ଷେପଣାସ୍ତ୍ର ମହଜୁଦ ଥିବ କିମ୍ବା ଉପସାଗରୀୟ ଦେଶଗୁଡ଼ିକ ପାଖରେ ଏହାକୁ ରୋକିବା ପାଇଁ ଇଣ୍ଟରସେପ୍ଟର ବା ପ୍ରତିରକ୍ଷା କ୍ଷେପଣାସ୍ତ୍ର ଉପଲବ୍ଧ ଥିବ । ବର୍ତ୍ତମାନର ସ୍ଥିତିକୁ ଅନୁଧ୍ୟାନ କଲେ ଏହା ସ୍ପଷ୍ଟ ଯେ ଏହି ସଂଘର୍ଷରେ ସମ୍ପୃକ୍ତ ଥିବା ସମସ୍ତ ପକ୍ଷ ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର, ବିଶେଷ କରି କ୍ଷେପଣାସ୍ତ୍ର ଏବଂ ଇଣ୍ଟରସେପ୍ଟରର ବ୍ୟବହାର କରିସାରିଲେଣି । ତେବେ ଏହି ପରିପ୍ରେକ୍ଷୀରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଯେ, କ୍ରମାଗତ ଭାବରେ ବୃଦ୍ଧି ପାଉଥିବା ଜରୁରୀକାଳୀନ ସାମରିକ ବିକ୍ରି, ଅତ୍ୟଧିକ ଆର୍ଥିକ ବୋଝ ଏବଂ ଯୋଗାଣ ଶୃଙ୍ଖଳାରେ ଦେଖାଦେଇଥିବା ବାଧାବିଘ୍ନ କାରଣରୁ ଆମେରିକା କଣ ଏହି ଯୁଦ୍ଧକୁ ଦୀର୍ଘ ଦିନ ଧରି ଜାରି ରଖିବାକୁ ସାମରିକ ଏବଂ ଆର୍ଥିକ ଦୃଷ୍ଟିକୋଣରୁ ଅକ୍ଷମ ହୋଇପଡୁଛି କି । ଏହି ପ୍ରଶ୍ନର ଉତ୍ତର ଆମେରିକାର ବର୍ତ୍ତମାନର ଅସ୍ତ୍ରଶସ୍ତ୍ର ଭଣ୍ଡାର ଏବଂ ଏହାର ଯୋଗାଣ ବ୍ୟବସ୍ଥାର ଏକ ବିଶ୍ଲେଷଣରୁ ମିଳିପାରିବ।

ଯେତେବେଳେ ଫେବୃଆରୀ ୨୮ ତାରିଖରେ ପ୍ରଥମେ ଆକ୍ରମଣ ଆରମ୍ଭ ହୋଇଥିଲା, ସେତେବେଳେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ଯେ ଆମେରିକା ଇରାନର ସମସ୍ତ କ୍ଷେପଣାସ୍ତ୍ରକୁ ନଷ୍ଟ କରିଦେବ ଏବଂ ସେମାନଙ୍କର କ୍ଷେପଣାସ୍ତ୍ର ନିର୍ମାଣ ଶିଳ୍ପକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିଦେବ। କିନ୍ତୁ ବାସ୍ତବିକ ସ୍ଥିତି ଏହାର ସମ୍ପୂର୍ଣ୍ଣ ବିପରୀତ ପ୍ରମାଣିତ ହୋଇଛି । ଇରାନ ବିଭିନ୍ନ ଉପସାଗରୀୟ ଦେଶ ଏବଂ ସେମାନଙ୍କର ଶକ୍ତି ଭିତ୍ତିଭୂମି ଉପରେ ନିଜର ଆକ୍ରମଣ ନିରନ୍ତର ଭାବରେ ଜାରି ରଖିଛି । ଯଦିଓ ଆକ୍ରମଣର ବେଗ କିଛି ମାତ୍ରାରେ ହ୍ରାସ ପାଇଛି, ତଥାପି ତଥ୍ୟ ଅନୁଯାୟୀ ଫେବୃଆରୀ ୨୮ ରୁ ମାର୍ଚ୍ଚ ୨୩ ତାରିଖ ମଧ୍ୟରେ ଇରାନ ୧,୪୦୦ ରୁ ଅଧିକ ବାଲାଷ୍ଟିକ୍ କ୍ଷେପଣାସ୍ତ୍ର ଏବଂ ୩,୪୦୦ ରୁ ଅଧିକ ଡ୍ରୋନ୍ ବ୍ୟବହାର କରିସାରିଲାଣି । ଇରାନର ଏହି ନିରନ୍ତର ଆକ୍ରମଣ ପ୍ରମାଣିତ କରୁଛି ଯେ ଆମେରିକାର ପ୍ରାରମ୍ଭିକ ଆକଳନ ଭୁଲ ଥିଲା ଏବଂ ଇରାନର ସାମରିକ କ୍ଷମତାକୁ ସମ୍ପୂର୍ଣ୍ଣ ରୂପେ ନଷ୍ଟ କରିବା ଏତେ ସହଜ ବ୍ୟାପାର ନୁହେଁ ।

ଅପରପକ୍ଷରେ, ନିଜର ଆକାଶମାର୍ଗକୁ ସୁରକ୍ଷିତ ରଖିବା ପାଇଁ ଉପସାଗରୀୟ ଦେଶମାନେ ଇଣ୍ଟରସେପ୍ଟର କ୍ରୟ କରିବା ନିମନ୍ତେ ଆମେରିକା ପାଖକୁ ଧାଇଁବାରେ ଲାଗିଛନ୍ତି । ଗତ ସପ୍ତାହରେ ଆମେରିକାର ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ଇରାନ ଯୁଦ୍ଧ ପରିପ୍ରେକ୍ଷୀରେ ସଂଯୁକ୍ତ ଆରବ ଏମିରେଟ୍ସ ଏବଂ କୁଏତକୁ ୧୬.୪୬ ବିଲିୟନ ଡଲାରର ସାମରିକ ବିକ୍ରିକୁ ଅନୁମୋଦନ ଦେବା ପାଇଁ ଆମେରିକୀୟ କଂଗ୍ରେସର ସ୍ୱୀକୃତି ଆବଶ୍ୟକତାକୁ ଛାଡ଼ କରିଦେଇଥିଲେ । ଏହି ବିକ୍ରି ମଧ୍ୟରେ ସବୁଠାରୁ ବଡ଼ ଚୁକ୍ତି ଥିଲା କୁଏତକୁ ୮ ବିଲିୟନ ଡଲାର ମୂଲ୍ୟର ଲୋୟର-ଟିୟର ଏୟାର ମିସାଇଲ୍ ଡିଫେନ୍ସ ସେନ୍ସର ରାଡାର୍ ପ୍ରଦାନ କରିବା । ଏହା ପଛକୁ ସଂଯୁକ୍ତ ଆରବ ଏମିରେଟ୍ସକୁ ୪.୫ ବିଲିୟନ ଡଲାରରେ ଲଙ୍ଗ-ରେଞ୍ଜ ଡିସକ୍ରିମିନେସନ୍ ରାଡାର୍ ଏବଂ ଆନୁଷଙ୍ଗିକ ଉପକରଣ ବିକ୍ରି କରିବା ସାମିଲ ଥିଲା । ଏହା କୌଣସି ପ୍ରଥମ ଘଟଣା ନୁହେଁ, କାରଣ ମାର୍ଚ୍ଚ ମାସର ପ୍ରଥମ ସପ୍ତାହରେ ଆମେରିକା ଇସ୍ରାଏଲକୁ ୧୫୧.୮ ନିୟୁତ ଡଲାର ମୂଲ୍ୟର ୧୨,୦୦୦ ବୋମା କେସିଂର ଏକ ଜରୁରୀକାଳୀନ ବିକ୍ରିକୁ ମଧ୍ୟ ଅନୁମୋଦନ କରିଥିଲା । ଏହି ସମସ୍ତ ଘଟଣାକ୍ରମ ଦର୍ଶାଉଛି ଯେ ଯୁଦ୍ଧର ପରିସର ବୃଦ୍ଧି ପାଇବା ସହିତ ଆମେରିକା ଉପରେ ଅସ୍ତ୍ରଶସ୍ତ୍ର ଯୋଗାଇବାର ଚାପ ଅତ୍ୟଧିକ ବଢ଼ିଯାଇଛି ।

କେବଳ ଅସ୍ତ୍ରଶସ୍ତ୍ର ବିକ୍ରି ନୁହେଁ, ବରଂ ଏହି ଯୁଦ୍ଧର ସିଧାସଳଖ ଆର୍ଥିକ ବୋଝ ଆମେରିକା ପାଇଁ ଏକ ବିରାଟ ଚିନ୍ତାର କାରଣ ପାଲଟିଛି । ୱାଶିଂଟନ୍ ପୋଷ୍ଟର ଏକ ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ, ପେଣ୍ଟାଗନ୍ ଇରାନରେ ଯୁଦ୍ଧ ପରିଚାଳନା ପାଇଁ ୨୦୦ ବିଲିୟନ ଡଲାରରୁ ଅଧିକ ଅର୍ଥର ଅନୁରୋଧ କରିଛି । ଏହି ବିପୁଳ ପରିମାଣର ଅର୍ଥ ଆମେରିକା ପ୍ରଶାସନର ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ସମସ୍ତ ବୃହତ୍ ବିମାନ ଆକ୍ରମଣ ଅଭିଯାନର ଖର୍ଚ୍ଚକୁ ମଧ୍ୟ ଅତିକ୍ରମ କରିଯିବ । ଯଦି ଆମେ ଏହି ଖର୍ଚ୍ଚକୁ ତୁଳନାତ୍ମକ ଦୃଷ୍ଟିକୋଣରୁ ବିଚାର କରିବା, ତେବେ ଏହା ଆମେରିକାର ଅନେକ ଗୁରୁତ୍ୱପୂର୍ଣ୍ଣ ଘରୋଇ ପ୍ରକଳ୍ପର ବଜେଟ୍ ଠାରୁ ମଧ୍ୟ ଅଧିକ ଅଟେ। ସେଣ୍ଟର ଫର୍ ଷ୍ଟ୍ରାଟେଜିକ୍ ଆଣ୍ଡ ଇଣ୍ଟରନ୍ୟାସନାଲ୍ ଷ୍ଟଡିଜ୍ ର ଏକ ବିଶ୍ଲେଷଣ ଅନୁଯାୟୀ, ଆମେରିକାର ଅପରେସନ୍ ଏପିକ୍ ଫ୍ୟୁରୀ ଅଭିଯାନର ଖର୍ଚ୍ଚ ମାତ୍ର ୧୨ ଦିନ ମଧ୍ୟରେ ୧୬.୫ ବିଲିୟନ ଡଲାରରେ ପହଞ୍ଚିଥିବାର ଅନୁମାନ କରାଯାଉଛି । ଏହି ଆକଳନ ଏକ ନିର୍ଦ୍ଦିଷ୍ଟ ଅନୁମାନ ଉପରେ ଆଧାରିତ ଯେ ଆକାଶମାର୍ଗ ପ୍ରତିରକ୍ଷା କ୍ଷେତ୍ରରେ ଆମେରିକା ଏବଂ ଏହାର ମିତ୍ର ରାଷ୍ଟ୍ରମାନେ କିପରି ନିଜ ନିଜ ଭିତରେ ଖର୍ଚ୍ଚ ବାଣ୍ଟିଛନ୍ତି । ଏଥିରେ ଏହା ମଧ୍ୟ ଧରି ନିଆଯାଇଛି ଯେ ଯୁଦ୍ଧର ପଞ୍ଚମ ଦିନ ପରେ ବ୍ୟବହୃତ ହୋଇଥିବା ୯୦ ପ୍ରତିଶତରୁ ଅଧିକ ଯୁଦ୍ଧାସ୍ତ୍ର କମ୍ ମୂଲ୍ୟର ଅସ୍ତ୍ରଶସ୍ତ୍ର ଥିଲା । ଏହିପରି ରକ୍ଷଣଶୀଳ ଆକଳନ ସତ୍ତ୍ୱେ, ତଥ୍ୟ ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ଆମେରିକା ତାର ପୂର୍ବ ସଂଗୃହୀତ ଅସ୍ତ୍ରଶସ୍ତ୍ରର ଏକ ବଡ଼ ଅଂଶ ବ୍ୟବହାର କରିସାରିଲାଣି । ଅସ୍ତ୍ରଶସ୍ତ୍ର ଭଣ୍ଡାର ଖାଲି ହେବାର ବେଗ ଏତେ କ୍ଷିପ୍ର ଯେ ତାହା ଆମେରିକାର ପ୍ରତିରକ୍ଷା ବିଭାଗର ଭବିଷ୍ୟତ ଯୋଜନାକୁ ସମ୍ପୂର୍ଣ୍ଣ ରୂପେ ଦୋହଲାଇ ଦେଇଛି। ମାତ୍ର ଛଅ ଦିନ ମଧ୍ୟରେ ବ୍ୟବହୃତ ହୋଇଥିବା ଯୁଦ୍ଧାସ୍ତ୍ରର ପରିମାଣ ଅନେକ କ୍ଷେତ୍ରରେ ଆମେରିକାର ପ୍ରତିରକ୍ଷା ବିଭାଗ ଦ୍ୱାରା ୨୦୨୬ ଆର୍ଥିକ ବର୍ଷ ପାଇଁ ଦିଆଯାଇଥିବା ଅର୍ଡର ସଂଖ୍ୟାକୁ ମଧ୍ୟ ଅତିକ୍ରମ କରିଯାଇଛି। ଆଶ୍ଚର୍ଯ୍ୟର କଥା ହେଉଛି, ଏହି ନୂତନ ଅର୍ଡରଗୁଡ଼ିକ ପ୍ରସ୍ତୁତ ହୋଇ ହସ୍ତାନ୍ତର ହେବା ପାଇଁ ଏକ ବର୍ଷରୁ ଅଧିକ ସମୟ ଲାଗିପାରେ, କାରଣ ଆମେରିକାର ପ୍ରତିରକ୍ଷା ଉତ୍ପାଦନ ଶିଳ୍ପ ରାତାରାତି ନିଜର ଉତ୍ପାଦନ କ୍ଷମତା ବୃଦ୍ଧି କରିପାରିବ ନାହିଁ । ଉଦାହରଣ ସ୍ୱରୂପ, ଗୋଟିଏ ସପ୍ତାହରୁ କମ୍ ସମୟ ମଧ୍ୟରେ ଆମେରିକା ତାର ୧୫୮ ଟି ଟର୍ମିନାଲ୍ ହାଇ ଆଲ୍ଟିଚ୍ୟୁଡ୍ ଏରିଆ ଡିଫେନ୍ସ ବା ଥାଡ୍ ଇଣ୍ଟରସେପ୍ଟର ବ୍ୟବହାର କରିସାରିଛି । ଏହା ୨୦୨୪ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଆମେରିକାର ସମୁଦାୟ କ୍ରୟର ପ୍ରାୟ ୨୫ ପ୍ରତିଶତ ଅଟେ ଏବଂ ୨୦୨୬ ଆର୍ଥିକ ବର୍ଷ ପାଇଁ ଦିଆଯାଇଥିବା ଅର୍ଡରର ଛଅ ଗୁଣ ଅଟେ । ସେହିପରି, ଏହା ନିଜର ୧୩୯ ଟି ପେଟ୍ରିୟଟ୍ ଆଡଭାନ୍ସଡ୍ କ୍ୟାପାବିଲିଟି ୩ ମିସାଇଲ୍ ସେଗମେଣ୍ଟ୍ ଏନହାନ୍ସମେଣ୍ଟ୍ ବ୍ୟବହାର କରିଥିବାର ଅନୁମାନ କରାଯାଉଛି । ଏହା ଏକ ଅତ୍ୟାଧୁନିକ ସର୍ଫେସ୍-ଟୁ-ଏୟାର ମିସାଇଲ୍ ଯାହା ବାଲାଷ୍ଟିକ୍ ଏବଂ କ୍ରୁଜ୍ କ୍ଷେପଣାସ୍ତ୍ରକୁ ଆକାଶରେ ହିଁ ନଷ୍ଟ କରିଦେବାର କ୍ଷମତା ରଖେ । ବ୍ୟବହୃତ ହୋଇଥିବା ଏହି କ୍ଷେପଣାସ୍ତ୍ରଗୁଡ଼ିକ ଆମେରିକାର ପୂର୍ବ କ୍ରୟର ପ୍ରାୟ ୭ ପ୍ରତିଶତ ଅଟେ । ଏହା ବ୍ୟତୀତ, ଇରାନ ସହିତ ଯୁଦ୍ଧର ମାତ୍ର ଛଅ ଦିନ ମଧ୍ୟରେ ଆମେରିକା ନିଜର ପୂର୍ବରୁ କିଣିଥିବା ଜଏଣ୍ଟ୍ ଏୟାର-ଟୁ-ସର୍ଫେସ୍ ଷ୍ଟାଣ୍ଡଅଫ୍ ମିସାଇଲ୍ ର ପ୍ରାୟ ୧୫ ପ୍ରତିଶତ ବ୍ୟବହାର କରିସାରିଛି ।

ଏହି ଖାଲି ହୋଇଯାଉଥିବା ଅସ୍ତ୍ରଶସ୍ତ୍ର ଭଣ୍ଡାରକୁ ପୁନର୍ବାର ପୂରଣ କରିବା ପାଇଁ ଆମେରିକାକୁ କୋଟି କୋଟି ଡଲାର ଖର୍ଚ୍ଚ କରିବାକୁ ପଡ଼ିବ । କେବଳ ପ୍ରଥମ ଛଅ ଦିନରେ ବ୍ୟବହୃତ ହୋଇଥିବା ଥାଡ୍ ଇଣ୍ଟରସେପ୍ଟରଗୁଡ଼ିକୁ ବଦଳାଇବା ପାଇଁ ଆମେରିକାକୁ ପ୍ରାୟ ୨ ବିଲିୟନ ଡଲାରର ଆବଶ୍ୟକତା ରହିଛି। ସେହିଭଳି, ଏସଏମ-୩ ଇଣ୍ଟରସେପ୍ଟର ଏବଂ ଟୋମାହକ୍ କ୍ଷେପଣାସ୍ତ୍ରକୁ ବଦଳାଇବା ପାଇଁ ଯଥାକ୍ରମେ ୩ ବିଲିୟନ ଏବଂ ପ୍ରାୟ ୧ ବିଲିୟନ ଡଲାର ଆବଶ୍ୟକ ହେବ । ଏତେ ବିପୁଳ ପରିମାଣର ଅର୍ଥ କେବଳ ପୁରୁଣା ମହଜୁଦକୁ ଫେରାଇ ଆଣିବା ପାଇଁ ଖର୍ଚ୍ଚ ହେବା ଆମେରିକାର ସାମଗ୍ରିକ ପ୍ରତିରକ୍ଷା ବଜେଟ୍ ଉପରେ ଏକ ପ୍ରବଳ ଚାପ ସୃଷ୍ଟି କରିବ । ଦେଶର ଅର୍ଥନୀତି ପୂର୍ବରୁ ବିଭିନ୍ନ ଆଭ୍ୟନ୍ତରୀଣ ଏବଂ ବାହ୍ୟ ଚାପର ସମ୍ମୁଖୀନ ହେଉଥିବା ବେଳେ, ଏହି ଅତିରିକ୍ତ ସାମରିକ ଖର୍ଚ୍ଚ ଦେଶର ବିକାଶମୂଳକ ପ୍ରକଳ୍ପଗୁଡ଼ିକୁ ବାଧାପ୍ରାପ୍ତ କରିବାର ସମ୍ଭାବନା ରହିଛି ।

ତେବେ, ଆମେରିକାର ଏହି ଯୁଦ୍ଧ ଲଢ଼ିବାର କ୍ଷମତା କେବଳ ଅର୍ଥ ଉପରେ ନିର୍ଭର କରେ ନାହିଁ, ବରଂ ଏହା ଖଣିଜ ପଦାର୍ଥର ଯୋଗାଣ ଶୃଙ୍ଖଳା ଉପରେ ମଧ୍ୟ ବହୁଳ ଭାବରେ ନିର୍ଭରଶୀଳ । ଅନେକ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଯେପରିକି ଟଙ୍ଗଷ୍ଟେନ୍, ଗ୍ୟାଲିୟମ୍, ଜର୍ମାନିୟମ୍ ଏବଂ ଆଣ୍ଟିମୋନି ବିଭିନ୍ନ ସାମରିକ ପ୍ରୟୋଗରେ ଅତ୍ୟନ୍ତ ଜରୁରୀ ଅଟେ, କିନ୍ତୁ ବର୍ତ୍ତମାନ ଏଗୁଡ଼ିକର ଯୋଗାଣ ସୀମିତ ରହିଛି । ଆମେରିକାର ନେଟ୍ ଇମ୍ପୋର୍ଟ ରିଲାଏନ୍ସ ବା ମୋଟ ଆମଦାନୀ ନିର୍ଭରଶୀଳତା ଆଣ୍ଟିମୋନି ଏବଂ ଗ୍ୟାଲିୟମ୍ କ୍ଷେତ୍ରରେ ୯୦ ପ୍ରତିଶତରୁ ଅଧିକ ରହିଛି । ସେହିପରି ଜର୍ମାନିୟମ୍ ଏବଂ ଟଙ୍ଗଷ୍ଟେନ୍ ପାଇଁ ଏହାର ଆମଦାନୀ ନିର୍ଭରଶୀଳତା ୫୦ ପ୍ରତିଶତରୁ ଅଧିକ ରହିଛି । ଏହି ଖଣିଜ ପଦାର୍ଥଗୁଡ଼ିକର ସାମରିକ ଗୁରୁତ୍ୱ ଅତ୍ୟନ୍ତ ବ୍ୟାପକ । ଆଣ୍ଟିମୋନି ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଖଣିଜ ଯାହା ପରମାଣୁ ଅସ୍ତ୍ରଶସ୍ତ୍ର, ଇନଫ୍ରାରେଡ୍ ସେନ୍ସର ଏବଂ ବିସ୍ଫୋରକ ପ୍ରସ୍ତୁତିରେ ବ୍ୟବହୃତ ହୁଏ । ପ୍ରତିରକ୍ଷା ଏଜେନ୍ସିଗୁଡ଼ିକ ସର୍ଭେଲାନ୍ସ ବା ନିରୀକ୍ଷଣ ଏବଂ ଟାର୍ଗେଟ୍ ଆକ୍ୱିଜିସନ୍ ପାଇଁ ଜର୍ମାନିୟମ୍ ଉପରେ ନିର୍ଭର କରନ୍ତି, କାରଣ ଏହା ଇନଫ୍ରାରେଡ୍ ଇମେଜିଂ ଉପକରଣରେ ବ୍ୟବହୃତ ହୁଏ । ଏହା ଫାଇବର-ଅପ୍ଟିକ୍ କେବୁଲ୍ ଏବଂ ଅପ୍ଟିକାଲ୍ ଉପକରଣରେ ମଧ୍ୟ ବ୍ୟବହାର କରାଯାଏ । ଗ୍ୟାଲିୟମ୍ ମହାକାଶ ଏବଂ ପ୍ରତିରକ୍ଷା ବ୍ୟବସ୍ଥାରେ ଥିବା ସେନ୍ସରଗୁଡ଼ିକରେ ବ୍ୟବହୃତ ହେଉଥିବା ବେଳେ, ଟଙ୍ଗଷ୍ଟେନ୍ ବିଭିନ୍ନ ସାମରିକ ପ୍ରୟୋଗ ଯେପରିକି ଆଲୟ ବୁଲେଟ୍, ଶ୍ରାପନେଲ୍ ହେଡ୍, କ୍ଷେପଣାସ୍ତ୍ର ଏବଂ ବିମାନରେ ବାଲାନ୍ସ ପିନବଲ୍, ଆର୍ଟିଲାରୀ ସେଲ୍ ଏବଂ ଆର୍ମର୍ଡ ଟ୍ୟାଙ୍କରେ ବ୍ୟବହୃତ ହୋଇଥାଏ । ସବୁଠାରୁ ଉଦ୍ବେଗଜନକ ବିଷୟ ହେଉଛି ଯେ ଆମେରିକାର ଏହି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ମୋଟ ଆମଦାନୀର ପ୍ରାୟ ୨୦ ପ୍ରତିଶତ ସିଧାସଳଖ ଚୀନରୁ ଆସିଥାଏ । ବେଜିଂ ବିଶ୍ୱସ୍ତରରେ ଆଣ୍ଟିମୋନି ଏବଂ ଗ୍ୟାଲିୟମ୍ ରପ୍ତାନିର ପ୍ରାୟ ୩୦ ପ୍ରତିଶତ ନିୟନ୍ତ୍ରଣ କରେ । ଏହି ଖଣିଜ ପଦାର୍ଥଗୁଡ଼ିକର ଉତ୍ପାଦନ ଏବଂ ବିଶୋଧନ କ୍ଷମତା କ୍ଷେତ୍ରରେ ଚୀନ୍ ଅନ୍ୟ ଅନେକ ଦେଶକୁ ପଛରେ ପକାଇ ଦେଇଛି । ଏହାର ଅର୍ଥ ହେଉଛି, ନିଜର ସାମରିକ ଅସ୍ତ୍ରଶସ୍ତ୍ର ନିର୍ମାଣ କରିବା ପାଇଁ ଆମେରିକାକୁ ପରୋକ୍ଷରେ ନିଜର ସବୁଠାରୁ ବଡ଼ ପ୍ରତିଦ୍ୱନ୍ଦ୍ୱୀ ରାଷ୍ଟ୍ର ଉପରେ ନିର୍ଭର କରିବାକୁ ପଡୁଛି । ଚଳିତ ମାସ ଆରମ୍ଭରେ, ଏସ୍ ଆଣ୍ଡ ପି ଗ୍ଲୋବାଲ୍ ରିପୋର୍ଟ କରିଥିଲା ଯେ ଅସ୍ତ୍ରଶସ୍ତ୍ର ଭଣ୍ଡାରକୁ ପୁନର୍ବାର ପୂରଣ କରିବା ପାଇଁ ପେଣ୍ଟାଗନର କ୍ଷମତା କିଛି ଗୁରୁତ୍ୱପୂର୍ଣ୍ଣ ଖଣିଜ ବଜାରରେ ଦେଖାଦେଇଥିବା ଅଭାବ ଏବଂ ଖଣିଜ ଯୋଗାଣ ଶୃଙ୍ଖଳା ଉପରେ ଚୀନର ନିୟନ୍ତ୍ରଣ କାରଣରୁ ବାଧାପ୍ରାପ୍ତ ହୋଇପାରେ । ଏହିପରି ଏକ ସମ୍ବେଦନଶୀଳ ସମୟରେ ଯୋଗାଣ ଶୃଙ୍ଖଳାରେ ସାମାନ୍ୟ ବାଧା ମଧ୍ୟ ଆମେରିକାର ଯୁଦ୍ଧ କ୍ଷମତାକୁ ଗୁରୁତର ଭାବରେ ପ୍ରଭାବିତ କରିପାରେ । ଚୀନ୍ ପୂର୍ବରୁ ମଧ୍ୟ ଗ୍ୟାଲିୟମ୍ ଏବଂ ଜର୍ମାନିୟମ୍ ରପ୍ତାନି ଉପରେ କଟକଣା ଲଗାଇବାର ଧମକ ଦେଇସାରିଛି । ଯଦି ଭବିଷ୍ୟତରେ ଚୀନ୍ ଏହି ଖଣିଜ ପଦାର୍ଥଗୁଡ଼ିକର ରପ୍ତାନିକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଦିଏ, ତେବେ ଆମେରିକାର ପ୍ରତିରକ୍ଷା ଉତ୍ପାଦନ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ଠପ୍ ହୋଇଯିବାର ଆଶଙ୍କା ରହିଛି । ଏହି ସମସ୍ତ ତଥ୍ୟ ଏବଂ ପରିସ୍ଥିତିକୁ ବିଶ୍ଳେଷଣ କଲେ ଏହା ସ୍ପଷ୍ଟ ହୋଇଯାଏ ଯେ ଇରାନ ସହିତ ଏକ ଦୀର୍ଘସ୍ଥାୟୀ ଯୁଦ୍ଧ ଆମେରିକା ପାଇଁ କେବଳ ଏକ କୂଟନୈତିକ କିମ୍ବା ସାମରିକ ଆହ୍ୱାନ ନୁହେଁ, ବରଂ ଏହା ଏକ ଗଭୀର ଆର୍ଥିକ ଏବଂ ଶିଳ୍ପଭିତ୍ତିକ ସଙ୍କଟ ଅଟେ । ଯେତେବେଳେ ଗୋଟିଏ ପଟେ ଅସ୍ତ୍ରଶସ୍ତ୍ରର ବ୍ୟବହାର ଦ୍ରୁତ ଗତିରେ ବୃଦ୍ଧି ପାଉଛି ଏବଂ ଅନ୍ୟ ପଟେ ଏହାକୁ ତିଆରି କରିବା ପାଇଁ ଆବଶ୍ୟକ କଞ୍ଚାମାଲର ଅଭାବ ଏବଂ ଶତ୍ରୁ ରାଷ୍ଟ୍ର ଉପରେ ନିର୍ଭରଶୀଳତା ରହିଛି, ସେତେବେଳେ ଯୁଦ୍ଧକୁ ଲମ୍ବା ସମୟ ଧରି ଟାଣିବା ଆମେରିକାର ସାମଗ୍ରିକ ସୁରକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରିଦେବ । ଉଚ୍ଚ ଜ୍ଞାନକୌଶଳ ସମ୍ପନ୍ନ ମିସାଇଲ୍ ଏବଂ ଇଣ୍ଟରସେପ୍ଟରଗୁଡ଼ିକର ଉତ୍ପାଦନ ରାତାରାତି ସମ୍ଭବ ନୁହେଁ । ଏହାକୁ ତିଆରି କରିବା ପାଇଁ ବର୍ଷ ବର୍ଷ ସମୟ ଏବଂ ଅତୁଳନୀୟ ଅର୍ଥ ଆବଶ୍ୟକ । ଯଦି ଆମେରିକା ନିଜର ସମସ୍ତ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ରଶସ୍ତ୍ର କେବଳ ମଧ୍ୟପ୍ରାଚ୍ୟରେ ଖର୍ଚ୍ଚ କରିଦିଏ, ତେବେ ବିଶ୍ୱର ଅନ୍ୟ ପ୍ରାନ୍ତରେ ବିଶେଷ କରି ଇଣ୍ଡୋ-ପ୍ୟାସିଫିକ୍ ଅଞ୍ଚଳରେ ଚୀନର ମୁକାବିଲା କରିବା ପାଇଁ ତାର କ୍ଷମତା ହ୍ରାସ ପାଇବ । ତେଣୁ, ଇରାନ ସହିତ ଯୁଦ୍ଧର ଅବଧି ଯେତେ ବଢ଼ିବ, ଆମେରିକା ସାମରିକ ଦୃଷ୍ଟିକୋଣରୁ ସେତେ ଅଧିକ ସୀମିତ ଏବଂ ଆର୍ଥିକ ଦୃଷ୍ଟିକୋଣରୁ ସେତେ ଅଧିକ ଦୁର୍ବଳ ହୋଇପଡ଼ିବ । ଏହି ପରିସ୍ଥିତି ଆମେରିକାକୁ ଏକ ବଡ଼ ରଣନୈତିକ ସଙ୍କଟ ଆଡ଼କୁ ଠେଲି ଦେଉଛି ଯାହାର ସମାଧାନ କେବଳ ଯୁଦ୍ଧକ୍ଷେତ୍ରରେ ନୁହେଁ, ବରଂ କୂଟନୈତିକ ଏବଂ ଔଦ୍ୟୋଗିକ ସ୍ୱାବଲମ୍ବନଶୀଳତା ମାଧ୍ୟମରେ ହିଁ ସମ୍ଭବ ହୋଇପାରିବ ।

# ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ



## ଅଧ୍ୟାପକ ଶ୍ରୀହେମନ୍ତ କୁମାର ଗନ୍ତାୟତ



ମହର୍ଷି ବାଲ୍ମୀକିଙ୍କ ଦ୍ୱାରା ବିରଚିତ ସଂସ୍କୃତ ରାମାୟଣ ମହାକାବ୍ୟ ସମଗ୍ର ସଂସାରେ ଏକ ଅଦ୍ୱିତୀୟ ଗ୍ରନ୍ଥ, ଯାହା ସତ୍ୟ ଘଟଣା ଉପରେ ପର୍ଯ୍ୟବେସିତ। ଏଥିରେ ମହର୍ଷି ଶ୍ରୀରାମଚନ୍ଦ୍ରଙ୍କ ଜନ୍ମ ଓ ଶୈଶବ କାଳ ବା ବାଳ କାଣ୍ଡ ଠାରୁ ଆରମ୍ଭକରି ସୀତାପତିଙ୍କ ରାଜ୍ୟାଭିଷେକ ଓ ତା'ର ପରବର୍ତ୍ତୀ କଥାକୁ ନେଇ ଉତ୍ତର କାଣ୍ଡ ଭଳି ସାତଗୋଟି ଭାଗରେ ବର୍ଣ୍ଣନା କରିଛନ୍ତି। ଯାହା ମାନବ ସମାଜ ନିମନ୍ତେ ଏକ ଆଲୋକବର୍ତ୍ତିକା। ଏହି ଗ୍ରନ୍ଥରେ ଅନେକ ତାତ୍ତ୍ୱିକ ବିଷୟ ଆଲୋଚନା ହୋଇଥିଲେ ମଧ୍ୟ ବିଶେଷ ଭାବରେ ଭଗବାନ ଶ୍ରୀରାମଚନ୍ଦ୍ରଙ୍କୁ 'ମର୍ଯ୍ୟାଦା ପୁରୁଷୋତ୍ତମ ରୂପେ' ବର୍ଣ୍ଣନା କରାଯାଇଛି।

ଶ୍ରୀରାମଚନ୍ଦ୍ର ହେଉଛନ୍ତି ଭାରତୀୟ ସଂସ୍କୃତିର ଜଣେ ଆଦର୍ଶ ପୁରୁଷ ଓ ଭଗବାନ ବିଷ୍ଣୁଙ୍କର ସପ୍ତମ ଅବତାର। ସେ ଚୈତ୍ର ମାସ ଶୁକ୍ଳ ପକ୍ଷର ନବମୀ ତିଥି ଏବଂ କର୍କଟ ଲଗ୍ନର ପୁନର୍ବସୁ ନକ୍ଷତ୍ରରେ ଜନ୍ମଗ୍ରହଣ କରିଥିଲେ। ଏହି ପବିତ୍ର ସମୟକୁ ସାରା ସଂସାରବାସୀ 'ଶ୍ରୀରାମ ନବମୀ' ରୂପେ ପାଳନକରି ଆସୁଛନ୍ତି। ମହାପ୍ରଭୁଙ୍କୁ ଭକ୍ତ ଓ ଶ୍ରଦ୍ଧାଳୁମାନେ ରାମଚନ୍ଦ୍ର, ରାଘବ, ରଘୁନାଥ, ରଘୁପତି, ସୀତାପତି, ସୀତାବଲ୍ଲଭ, କୌଶଲ୍ୟା ନନ୍ଦନ, ଦାଶରଥୀ, ରାଜୀବଲୋଚନ , ପରମପୁରୁଷ ଓ ପୁରୁଷୋତ୍ତମ ଆଦି ଅନେକ ନାମରେ ସ୍ମରଣ କରିଥାନ୍ତି। ଏ ପ୍ରତ୍ୟେକ ନାମର ଯଥାର୍ଥତା ବି ରହିଛି। ଯେପରି ରଘୁବର, ଅର୍ଥାତ୍ ଯେ ରଘୁକୁଳର ଶ୍ରେଷ୍ଠ ଏବଂ ଯେ ସର୍ବଦା କୁଳର ରୀତି-ନୀତିକୁ ଅକ୍ଷୁର୍ଣ୍ଣ ରଖନ୍ତି। ରାଘବ ନିଜ ରଘୁକୁଳର ଗାରିମାକୁ ରକ୍ଷା କରିବାକୁ ଯାଇ ନିଜେ ଅନେକ ଦୁଃଖ ଓ ଯନ୍ତ୍ରଣା ଭୋଗ କରିଛନ୍ତି। କାରଣ ସୂର୍ଯ୍ୟ ବଂଶୀୟ ରଘୁକୁଳର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବଚନ ରକ୍ଷା କରିବା। ତେଣୁ ଗୋସ୍ୱାମୀ ତୁଳସୀ ଦାସ କହିଛନ୍ତି : ରଘୁକୁଳ ରୀତି ସଦା ଚଲି ଆଇ, ପ୍ରାଣ ଯାଏ ପର ବଚନ ନ ଜାଇ' ଅର୍ଥାତ୍ ରଘୁକୁଳ ରୀତି ବା ପରମ୍ପରା ସର୍ବଦା ଏପରି ରହିଆସିଛି ଯେ, ପ୍ରାଣ ଚାଲିଗଲେ ମଧ୍ୟ ସେ'ମାନେ ଦେଇଥିବା କଥାକୁ କେବେ ବି ଭଙ୍ଗ କରନ୍ତି ନାହିଁ।

ଭଗବାନ ଶ୍ରୀରାମଙ୍କ ଜୀବନୀ ମୁଖ୍ୟତଃ ଆଦର୍ଶ, ଧର୍ମ ଏବଂ କର୍ତ୍ତବ୍ୟ ପରାୟଣତା ଉପରେ ଆଧାରିତ। ପ୍ରଭୁ ଦାଶରଥୀ ପିତୃଭକ୍ତି ଓ କର୍ତ୍ତବ୍ୟପରାୟଣତାର ମୂର୍ତ୍ତିମନ୍ତ ପ୍ରତୀକ ଅଟନ୍ତି। ସେ ପିତୃ ସତ୍ୟ ରକ୍ଷା କରିବାକୁ ଯାଇ ହସି ହସି ରାଜପ୍ରାସାଦ ତ୍ୟାଗ କରି ୧୪ ବର୍ଷ ବନବାସକୁ ଗ୍ରହଣ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ତୁଳସୀ ଦାସ କହିଛନ୍ତି:

ପ୍ରାତଃକାଳ ସିଧୁ ନରହରି । ମଗଧ
ରଘୁପତି ସିଂହାସନ ଧରି ।।
ପିତୁ ଆୟସୁ ମାନି ନିଜ ଶିର। ଚଲିତୁ
ରାମ ବନ ଧରି ଗମ୍ଭୀର ।।

ଅର୍ଥାତ୍ ପିତାଙ୍କ ଆଜ୍ଞାକୁ ଅବଜ୍ଞା ନ କରି ରଘୁପତି ମୁଣ୍ଡପାତି ଗ୍ରହଣ କରିଥିଲେ ଏବଂ ସେ ଗମ୍ଭୀର ଭାବରେ ବନବାସ ପାଇଁ ବାହାରିଲେ। ସେ'ପରି ଓଡ଼ିଆ ଭାଗବତର ରଚୟିତା ଅତିବଡି ଜଗନ୍ନାଥ ଦାସ ଲେଖିଛନ୍ତି:

'ରାମ ରୂପରେ ଭଗବାନ
ହରିଲେ ମହୀର କଷଣ।
ସତ୍ୟ ପାଳିଲେ ପିତୃବାକ୍ୟ
ସୁଖେ ବଞ୍ଚିଲେ ବନଯାକ ? ପ୍ରଭୁ

ଶ୍ରୀରାମ ସିଂହାସନ ଛାଡ଼ିଲେ କିନ୍ତୁ ମର୍ଯ୍ୟାଦା ଛାଡ଼ିଲେ ନାହିଁ। ଯାହା ଜଣେ ଆଦର୍ଶ ପୁତ୍ରର ଦୃଷ୍ଟାନ୍ତ ଦର୍ଶାଏ। ସେଭଳି ନିଜ ଜୀବନର ପ୍ରତିଟି କ୍ଷେତ୍ରରେ ନୀତି, ନିୟମ ଓ ସାମାଜିକ ମର୍ଯ୍ୟାଦାକୁ ସେ ଶ୍ରେଷ୍ଠ ସ୍ଥାନ ଦେଇଥିଲେ । ତେଣୁ ଶାସ୍ତ୍ରରେ କୁହାଯାଇଛି:

ଧର୍ମ ସ୍ୱରୂପ ରାମ,
ସତ୍ୟ ସ୍ୱରୂପ ରାମ।
ପତିତ ପାବନ ରାମ,
ମର୍ଯ୍ୟାଦା ପୁରୁଷୋତ୍ତମ ରାମ ।।
ସେ'ପରି ଅନ୍ୟ ଏକ
ଜଣାଣରେ ଦେଖାଇବାକୁ ମିଳେ:
ସୀତାପତି ରାମ ପୁରୁଷ
ଉତ୍ତମ ନ୍ୟାୟ ଧର୍ମ ମୂର୍ତ୍ତିମନ୍ତ ।
ସମସ୍ତ ହୃଦରେ ରମଣ କରନ୍ତି
କହଇ ଦାସ ହେମନ୍ତ ।।

ଏହି କାରଣରୁ ତାଙ୍କୁ 'ମର୍ଯ୍ୟାଦା ପୁରୁଷୋତ୍ତମ' ବୋଲି କୁହାଯାଏ। ସେ ଧର୍ମ ଓ ସତ୍ୟର ସର୍ବଦା ପଥ ଅନୁସରଣ କରିଥିଲେ ଏବଂ କଠିନ ସମୟରେ ମଧ୍ୟ ଧର୍ମ ଓ ସତ୍ୟରୁ ବିଚ୍ୟୁତ ହୋଇନଥିଲେ। ମହାପ୍ରଭୁ କୋଦଣ୍ଡଧାରୀ ରାବଣ ପରି ଶକ୍ତିଶାଳୀ ଅସୁରକୁ ପରାସ୍ତ କରି ଧର୍ମର ପ୍ରତିଷ୍ଠା କରିଥିଲେ। ତେଣୁ ଶ୍ରୀରାମ ହେଉଛନ୍ତି ଧୈର୍ଯ୍ୟ ଓ ସାହସର ଜ୍ୱଳନ୍ତ ଉଦାହରଣ। ଯାହା ଉକ୍ତ ଶ୍ଲୋକରେ ପ୍ରତିତି ହୁଏ ଲୋକାଭିରାମଂ ରଣରଙ୍ଗଧୀରଂ ରାଜୀବନେତ୍ରଂ ରଘୁବଂଶନାଥମ୍ । ସେ ଥିଲେ ଜଣେ ନ୍ୟାୟପ୍ରିୟ ତଥା ପ୍ରଜାବତ୍ସଳ ଶାସକ। ସୀତାପତି ନିଜର ପ୍ରଜାଙ୍କ ସ୍ୱାର୍ଥକୁ ସର୍ବୋପରି ମନେ କରୁଥିଲେ। ସେ ପ୍ରଜାଙ୍କ ଭାବନାକୁ ହୃଦୟଙ୍ଗମ କରି ମାତା ସୀତାଙ୍କୁ ମଧ୍ୟ ତ୍ୟାଗ କରି ଦେଇଥିଲେ। ତା'ଙ୍କ ଶାସନ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖ ଓ ଶାନ୍ତିରେ ଜୀବନ ଅତିବାହିତ କରୁଥିଲେ। ତେଣୁ ଆଜି ବି ଆଦର୍ଶ ଶାସନ କହିଲେ 'ରାମରାଜ୍ୟ'କୁ ବୁଝାଏ। ରଘୁନାଥ ଅନାଥର ନାଥ ମଧ୍ୟ ଥିଲେ। ସେ ଶତ୍ରୁ ପକ୍ଷ ଲଙ୍କାପତି ରାବଣର ଭାଇ ବିଭୀଷଣ, ବନ୍ଧୁ ସୁଗ୍ରୀବଙ୍କୁ ମଧ୍ୟ ଦୟା ଭାବ ଦେଖାଇ ଆଶ୍ରୟ ପ୍ରଦାନ କରିଥିଲେ। ତେଣୁ ତା'ଙ୍କୁ ଶରଣାଗତ ବତ୍ସଳ କୁହାଯାଏ। ସେ ଜାତି ବର୍ଣ୍ଣ ନିର୍ବିଶେଷରେ ଗୁହକ ରାଜା, କୈବର୍ତ୍ତ ତଥା ଶବରୀର ଅଇଁଠା କୋଳି ଖାଇ ସମସ୍ତଙ୍କୁ ଆପଣାଇ ନେଇଥିଲେ। ଯାହା ଉଦାରତା ଓ ପ୍ରେମର ଏକ ଅତୁଳନୀୟ ନିଦର୍ଶନ। କୌଶଲ୍ୟା ନନ୍ଦନ ଜଣେ ଆଦର୍ଶ ପୁତ୍ରଭାବେ ମାତା କୈକେୟୀଙ୍କ କଥାକୁ ଗ୍ରହଣ କରି ଭାଇ ଭରତଙ୍କୁ ରାଜ ସିଂହାସନ ପ୍ରଦାନ କରିଥିଲେ ଏବଂ ଆଦର୍ଶ ଶିଷ୍ୟ ଭାବେ ଗୁରୁ ବିଶ୍ୱାମିତ୍ରଙ୍କ ଆଜ୍ଞା ପାଳନ କରି ଅସୁର ସଂହାର କରିଥିଲେ। ଆଦର୍ଶ ଭ୍ରାତୃ ଭାବେ ଭରତ, ଲକ୍ଷ୍ମଣ ଓ ଶତ୍ରୁଘ୍ନଙ୍କ ପ୍ରତି ତାଙ୍କର ଅତୁଟ ସ୍ନେହ ରହିଥିଲା। ଆଦର୍ଶ ସ୍ୱାମୀ ରୂପେ ଏକପତ୍ନୀ ବ୍ରତ ପାଳନ କରିଥିଲେ ଏଂ ମାତା ସୀତାଙ୍କ ପ୍ରତି ରହିଥିଲା ତା'ଙ୍କର ନିଷ୍ଠା ଓ ସମ୍ମାନ। ଆଦର୍ଶ ପିତା ଏବଂ ଜଣେ ଆଦର୍ଶ ମିତ୍ର ଭାବରେ ସାରା ବିଶ୍ୱ ପାଇଁ ସେ ପ୍ରେରଣାର ଉତ୍ସ ଅଟନ୍ତି। ତେଣୁ କୁହାଯାଉଛି ଯେ,

ରାମ ସ୍ୱଭାବୁ ସବହି ସନ ପ୍ରୀତି ।
ସବହି ବହୁତ ପିୟୁ ପ୍ରିୟା ପ୍ରତୀତି ।।

ଏହାର ଅର୍ଥ: ଶ୍ରୀରାମଙ୍କ ସ୍ୱଭାବ ଏଭଳି ଯେ ସେ ସମସ୍ତଙ୍କୁ ବିନା ସର୍ତ୍ତରେ ପ୍ରେମ କରନ୍ତି। ତେଣୁ ସେ ସମସ୍ତଙ୍କର ଅତି ପ୍ରିୟ ଅଟନ୍ତି।ଏପରି ଦୈବୀ ଗୁଣ ଓ ଆଦର୍ଶ ଆଜିର ସମାଜ ପାଇଁ ନିତାନ୍ତ ଆବଶ୍ୟକ। ନହେଲେ ରାମ ରାଜ୍ୟର ସ୍ୱପ୍ନ, ସ୍ୱପ୍ନରେ ହିଁ ରହିଯିବ।

+ଖଡ୍ଗେଶ୍ୱରୀ ପାଟଣା
ଆସିକା, ଗଞ୍ଜାମ।

# ଆଧ୍ୟାତ୍ମିକ ଚେତନା, ରାମାୟଣ ଓ ରାମମୟ ଭାରତ



## ସୌର ଚନ୍ଦ୍ର ମହାପାତ୍ର

ଆଜି ହେଉଛି ପବିତ୍ର ରାମ ନବମୀ। ନୈତିକ ମୂଲ୍ୟବୋଧ ଏବଂ ଚିରନ୍ତନ ସତ୍ୟର ଭିତ୍ତିଭୂମି ଉପରେ ରାମାୟଣର ରଚନା କରାଯାଇଛି। ରାମାୟଣ ରଚନା ହେବା ଦିନ ଠାରୁ ଏହାର ମୁଖ୍ୟ ଚରିତ୍ର ଶ୍ରୀରାମ ଏବଂ ମା ସୀତା ମାନବ ସମାଜର ସଂସ୍କୃତି ଏବଂ ପରମ୍ପରାକୁ ପ୍ରଭାବିତ କରି ଆସୁଛନ୍ତି। ତେଣୁ ଏହି ଦୁଇ ଚରିତ୍ରଙ୍କୁ ଆମେ ପରଂ ବ୍ରହ୍ମ ଭାବେ ସମ୍ମାନ ଏବଂ ଭକ୍ତି ଅର୍ପଣ କରିଆସୁଛୁ। ରାମାୟଣ ଆମକୁ ଏହି ଶିକ୍ଷା ଦେଇ ଆସିଛି ଯେ ଅଧର୍ମ ଯେତେ ଶକ୍ତିଶାଳୀ ହେଲେ ମଧ୍ୟ ତାହାର ବିନାଶ ନିଶ୍ଚିତ ହେବ ଏବଂ ଯେତେ ପ୍ରତିବନ୍ଧକର ସମ୍ମୁଖୀନ ହେଲେ ମଧ୍ୟ ଧର୍ମର ବିଜୟ ହେବ। ରାବଣଙ୍କ ଚରିତ୍ରରୁ ଆମେ ଏହି ଶିକ୍ଷା ଲାଭ କରିଛେ। ଶ୍ରୀରାମଙ୍କ ଜୀବନରେ ଆଧ୍ୟାତ୍ମିକତା ଏବଂ ନୈତିକ ମୂଲ୍ୟବୋଧର ଏକ ଉତ୍ତମ ସମନ୍ୱୟ ହୋଇଥିବା ଦେଖିବାକୁ ମିଳେ। ଉତ୍ତମ ଚରିତ୍ର ବିନା ଆଧ୍ୟାତ୍ମିକ ଭିତ୍ତିଭୂମି ପ୍ରତିଷ୍ଠା ସମ୍ଭବ ନୁହେଁ ଏବଂ ନୈତିକ ଶୃଙ୍ଖଳା ନଥିଲେ ଉତ୍ତମ ଚରିତ୍ର ଗଠନ ସମ୍ଭବ ନୁହେଁ। ଧର୍ମରେ ଥିବା ନିୟମଗୁଡ଼ିକୁ ଶ୍ରୀରାମ ପାଳନ କରି ନିଜକୁ, ନିଜର ଲୋକମାନଙ୍କୁ ଏବଂ ପ୍ରତ୍ୟେକଙ୍କୁ ବିଭିନ୍ନ କ୍ଷେତ୍ରରେ ରକ୍ଷା କରିଛନ୍ତି। ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ଆଲୋଚନା କରିବାବେଳେ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ରାମକଥା ରସ ବାହିନୀର ଆଲୋଚନା ମନେପଡୁଛି। ରାମ ପ୍ରତ୍ୟେକ ପ୍ରାଣୀର ଅନ୍ତରବାସୀ ଆତ୍ମାରାମ। ଅନ୍ତର ଭିତରୁ ଜାଗ୍ରତ ହେଉଥିବା ତାଙ୍କର ଆଶୀର୍ବାଦ ସମସ୍ତଙ୍କୁ ଶାନ୍ତି ଓ ଆନନ୍ଦ ଦେବାକୁ ସମର୍ଥ। ସେ ଧର୍ମସ୍ୱରୂପ, ଯେଉଁ ଧର୍ମ ସାରା ମଣିଷ ଜାତିକୁ ପ୍ରେମ ଓ ଐକ୍ୟଭାବରେ ବାନ୍ଧି ରଖିପାରେ। ରାମାୟଣ ଆମକୁ ମୁଖ୍ୟତଃ ଦୁଇଟି ଶିକ୍ଷା ପ୍ରଦାନ କରେ, ବୈରାଗ୍ୟର ମହତ୍ତ୍ୱ ଏବଂ ପ୍ରତ୍ୟେକ ପ୍ରାଣୀ ମଧ୍ୟରେ ପ୍ରତିଷ୍ଠିତ ଦୈବତ୍ୱକୁ ଉପଲବ୍ଧି କରିବାର ଆବଶ୍ୟକତା। ମନୁଷ୍ୟର ମୁକ୍ତି ସମ୍ଭବ ଗଭୀର ଈଶ୍ୱର ବିଶ୍ୱାସ ଏବଂ ସଂସାର ପ୍ରତି ନିରାସକ୍ତି ଦ୍ୱାରା। ଇନ୍ଦ୍ରିୟସର୍ବସ୍ୱ ବସ୍ତୁ ପରିତ୍ୟାଗ କଲେ, ଆମେ ରାମଙ୍କୁ ପାଇପାରିବା।

ରାମ କଥା ରସ ଯୁଗ ଯୁଗ ଧରି କୋଟି କୋଟି ଆବାଳ ବୃଦ୍ଧ ବନିତାଙ୍କର ଆଶ୍ରୟ ହୋଇ ଆସିଛି। ଦୁଃଖ ସମୟରେ ସାନ୍ତ୍ୱନା, ନିରାଶା ସମୟରେ ଆଶା, ସଂଶୟରେ ଦୋଳାୟମାନ ବ୍ୟକ୍ତି ପାଇଁ ଦୃଢ଼ତା ଏବଂ ପରାଜୟର ଗ୍ଲାନି ଆଗରେ ବିଜୟର ଭରସା ଘେନି ଅନନ୍ତ କାଳରୁ ମଣିଷ ପାଖରେ ଠିଆ ହୋଇ ଆସିଛି ଏହି ରାମକଥାର ରସମୟ କାହାଣୀ। ଏହି କାହାଣୀ ଈଶ୍ୱରଙ୍କର ମନୁଷ୍ୟ ଭାବରେ ମନୁଷ୍ୟ ମାନଙ୍କ ସହିତ ଚାଲବୁଲ କରିବା, ମନୁଷ୍ୟ ମାନଙ୍କ ସହିତ ହସିବା ଓ କାନ୍ଦିବାର କାହାଣୀ, ଉତ୍ତମ ଓ ଅଧମ, ମୁନି ଓ ରାକ୍ଷସ, ପଶୁ ଓ ପକ୍ଷୀ, ସମସ୍ତଙ୍କୁ ସାଙ୍ଗରେ ନେଇ ସମସ୍ତଙ୍କୁ ପରମ ଜ୍ଞାନର ଆଲୋକ ଦେଖାଉଥିବା ଈଶ୍ୱରଙ୍କ କାହାଣୀ। ମନୁଷ୍ୟ ହୃଦୟର ସୂକ୍ଷ୍ମ ତନ୍ତ୍ରୀରେ କରୁଣା, ଭକ୍ତି, ଉଲ୍ଲାସ, ପ୍ରେମ ଏବଂ ସମର୍ପଣର ଦିବ୍ୟ ଧ୍ୱନି ସଂଚାର କରି ମନୁଷ୍ୟକୁ ପଶୁ ଅବସ୍ଥାରୁ ପଶୁପତି ଅବସ୍ଥାକୁ ଘେନି ଯିବାର ଅନବଦ୍ୟ କାହାଣୀ ଏହି ରାମାୟଣ।

ଆଧ୍ୟାତ୍ମିକ ଅନୁଗାମୀମାନଙ୍କ ନିମନ୍ତେ ଗୀତା ଓ ଭାଗବତ ପରି ଶ୍ରୀରାମଚରିତ ମାନସ ଏକ ଅତ୍ୟନ୍ତ ପବିତ୍ର ଓ ଲୋକକଲ୍ୟାଣକାରୀ ଗ୍ରନ୍ଥ। କାଳ ଦୃଷ୍ଟିରୁ ଦେଖିଲେ ତ ଗୀତା ଓ ଭାଗବତ ଠାରୁ ମଧ୍ୟ ଏହା ଆହୁରି ପ୍ରାଚୀନ। ପ୍ରଥମେ ବାଲ୍ମିକୀଙ୍କ ଦ୍ୱାରା ସଂସ୍କୃତ ଭାଷାରେ ଏହି ପବିତ୍ର ଗ୍ରନ୍ଥ ରଚିତ ହେଲା ଓ ତାହାର ଅନେକବର୍ଷ ପରେ ଗୋସ୍ୱାମୀ ତୁଳସୀଦାସ ପ୍ରାନ୍ତୀୟ ଭାଷାରେ ଏହାର ରଚନା କଲେ। ତେବେ ଉଲ୍ଲେଖନୀୟ ବିଷୟ ହେଉଛି ଗ୍ରନ୍ଥ ରଚନା ପଛରେ ଥିବା ଈଶ୍ୱରଙ୍କର କୃପା ଓ ବିଧାନ। ସେକଥା ପାଠ କଲେ ପାଠକ ତଥା ଭକ୍ତଗଣ ସର୍ବସାକ୍ଷୀ ଈଶ୍ୱରଙ୍କର ସର୍ବବ୍ୟାପକତା ସମ୍ପର୍କରେ ଅନୁଭବ କରିପାରିବେ। ଅତଏବ ଏହିପରି ପବିତ୍ର ଗ୍ରନ୍ଥର ପଠନ ଓ ପାଠନର ଉପାଦେୟତା ସମସ୍ତଙ୍କ ପାଇଁ ସବୁକାଳରେ ରହିଆସିଛି।

ମନୁଷ୍ୟ ଇତିହାସରେ ଏପରି ଅନ୍ୟ କୌଣସି କଥା ନାହିଁ ଯାହା ଆମର ମନ ଓ ଚିତ୍ତ ଉପରେ ଏପରି ଗଭୀର ପ୍ରଭାବ ବିସ୍ତାର କରିପାରିଛି। ଇତିହାସ ଓ ଭୂଗୋଳର ସମସ୍ତ ସୀମା ଉଲ୍ଲଙ୍ଘନ କରି ଯୁଗ ଯୁଗ ଧରି ମନୁଷ୍ୟର ଆଚାର-ବିଚାରକୁ ଗଢ଼ି ଆସିଛି ରାମକଥା। ଦେଶ-କାଳ ଅତିକ୍ରମ କରି ରୁଗ୍ଣ ଓ ବିଭ୍ରାନ୍ତ ମନୁଷ୍ୟଜାତିକୁ ଆରୋଗ୍ୟର ରସାୟନ ପ୍ରଦାନ କରି ସତ୍ୟ, ଧର୍ମ, ଶାନ୍ତି ଓ ପ୍ରେମର ବାଟରେ ବାଟ କଢ଼ାଇ ଆସିଛି ରାମାୟଣ। ରାମାୟଣ ଭାରତୀୟ ଜୀବନାଦର୍ଶର ବାଙ୍ମୟୀ ପ୍ରକାଶ। ଏହା ମାନବର ଚିତ୍ତକୁ ଗଭୀର ଭାବରେ ପ୍ରଭାବିତ କରିପାରେ। ରାମାୟଣର ନୈତିକ ଆଦର୍ଶ, ଜାତୀୟ ଜୀବନବୋଧ ସାମାଜିକ ଚଳଣି ପ୍ରଭୃତି କାଳ କାଳ ଧରି ଏ ଜାତିର ଚିନ୍ତା ଚେତନା ଓ ଭାବ ବଳୟକୁ ଶାଣିତ କରିପାରିଛି। ଭାରତୀୟ ଜୀବନ ସଭ୍ୟତା ଓ ସଂସ୍କୃତିର ଏହା ହିଁ ଜୀବନ ବେଦ। ଏଥିରେ ପ୍ରାକ୍ତନ ଜୀବନଧାରା ଐତିହ୍ୟ ଓ ମାନବୀୟ ମନୀଷାର ଚିତ୍ର ଅତି ସୁନ୍ଦର ଭାବରେ ବର୍ଣ୍ଣିତ। ଏଣୁ ରାମାୟଣ ଭାରତୀୟ ଜୀବନର ମହାନ ଗଙ୍ଗୋତ୍ରୀ। ଏହା ଭାରତୀୟ ସଂସ୍କୃତିକୁ ଯେ ପ୍ରଭାବିତ କରିପାରିଛି ତା ନୁହେଁ, ପରନ୍ତୁ ଏହା ଭାରତର ବ୍ୟକ୍ତିଗତ ଜୀବନ, ଗାର୍ହସ୍ଥ୍ୟ ଜୀବନ, ସାମାଜିକ ଜୀବନ ଓ ରାଷ୍ଟ୍ରୀୟ ଜୀବନଧାରାକୁ ନିୟନ୍ତ୍ରିତ କରିପାରିଛି।

ଯେଉଁ ସାଇଙ୍କର ସଂକଳ୍ପରୁ ହିଁ ରୂପ ପରିଗ୍ରହ କରିଛି ଏ ବିଶ୍ୱର ସ୍ଥିତି ଓ ଇତିହାସ, ଯିଏ ଏହାର କାହାଣୀର ରଚୟିତା ଓ ଅଭିନେତା ସାକ୍ଷୀ ଓ ସାକ୍ଷ୍ୟ, ସେ ହିଁ କାଳର ଅନନ୍ତ ବକ୍ଷରେ ଆପଣାକୁ ପ୍ରକଟ କରି ଆସୁଛନ୍ତି, ଆଉ ସେ ରାମ ଅବତାରରେ ଯେଉଁ ଅଭିନୟ କରିଥିଲେ ଆମର ସୌଭାଗ୍ୟକୁ ଆଜି ତାକୁ ପୁନଶ୍ଚ ବର୍ଣ୍ଣନା କରିବାକୁ ଇଚ୍ଛା କରିଛନ୍ତି। ସେ ତ୍ରେତା ଯୁଗରେ ରାମ ରୂପରେ, ଲୋକଙ୍କୁ ଯେପରି ଉପଦେଶ ଦେଉଥିଲେ, ପଥଭ୍ରଷ୍ଟ ଲୋକଙ୍କୁ ପୁଣି ବାଟକୁ ଆଣୁଥିଲେ, ଦୁଃଖକଷ୍ଟରେ ପୀଡ଼ିତ ମାନଙ୍କୁ ସାନ୍ତ୍ୱନା ଓ ସନ୍ତୋଷ ପ୍ରଦାନ କରୁଥିଲେ, ଆଜି ବି ସାଇରାମ ରୂପରେ ତାହା ହିଁ କରୁଛନ୍ତି। ଭଗବାନ ଶ୍ରୀସତ୍ୟସାଇ ତାଙ୍କ ଅଗଣିତ ଆଶ୍ରିତଙ୍କ ପାଇଁ ଆଧ୍ୟାତ୍ମିକ ପତ୍ରିକା ସନାତନ ସାରଥୀରେ ଯେଉଁ ଶୁଭାରମ୍ଭ କରିଛନ୍ତି ସେଥିରେ ରାମକଥା ରସବାହିନୀ ସାତ ବର୍ଷରୁ ଉର୍ଦ୍ଧ୍ୱ କାଳ ନିୟମିତ ପ୍ରକାଶିତ ହୋଇ ଆସିଛି। ପାଠକମାନେ ଅନୁଭବ କରୁଥିଲେ ରାମକଥା ସତେ ଯେମିତି ବର୍ତ୍ତମାନ ସେଇମାନଙ୍କର ଆଖି ଆଗରେ ଘଟି ଚାଲିଛି। ସେମାନେ ଅନୁଭବ କରୁଥିଲେ ରାମ ଓ ସାଇରାମଙ୍କ ଜୀବନର ଅପୂର୍ବ ସାମ୍ୟ। ରାମାୟଣରେ ତ୍ୟାଗ, ଭକ୍ତି, ନୈତିକ ମୂଲ୍ୟବୋଧ ଏବଂ ଆଧ୍ୟାତ୍ମିକତାର ଅପୂର୍ବ ସଂଗମ ହୋଇଥିବା ଆମେ ଦେଖିବାକୁ ପାଇଥାଉ। ଏହି କାରଣ ଯୋଗୁ ଶିରିଡ଼ିର ସାଇବାବା ସବୁବେଳେ ରାମ ବିଜୟ ପାଠ କରିବା ନିମନ୍ତେ ଭକ୍ତମାନଙ୍କୁ ପରାମର୍ଶ ଦେଉଥିଲେ। ରାମାୟଣ ହେଉଛି ଏକ ଜୀବନ କାବ୍ୟ ବୋଲି କୁହାଯାଏ। ଆଜିର ଦିନରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ କଥା ମନେପଡ଼େ। ଯେ କି ସବୁବେଳେ ରାମରାଜ୍ୟର ପରିକଳ୍ପନା କରୁଥିଲେ। ସେ ତାଙ୍କର ପ୍ରାର୍ଥନା ସଭାରେ ରାମଧୂନ ଗାନ କରୁଥିଲେ ଓ ସମସ୍ତଙ୍କୁ ଏଥିପାଇଁ ଉତ୍ସାହିତ କରୁଥିଲେ ସେ ଆତତାୟୀଙ୍କ ଗୁଳିରେ ଶିକାର ହେବା ସମୟରେ ତାଙ୍କର ଶେଷ ଶବ୍ଦଟି ଥିଲା 'ହେ ରାମ' ଏଥିରୁ ଭାରତର ସାଂସ୍କୃତିକ, ପୌରାଣିକ, ସାମାଜିକ ଜୀବନର ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଯେ ରାମ ହିଁ ସବୁ କିଛି ତାହା ଆମେ ଶିକ୍ଷା ପାଇଛେ। ଆସନ୍ତୁ ସମ ସ୍ୱରରେ ସମସ୍ତେ କହିବା ଜୟ ଶ୍ରୀରାମ।

+ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ






## ଦେବା ନେବା କଳା
### ବନ୍ଦିତା ଦାଶ

ତୁମେ ଯାହାକୁ ଦେବ ବୋଲି
ଇଚ୍ଛା କରୁଛ
କଣ ସବୁ ଦେବ ତାକୁ
କଣ ବା ଦେଇ ପାରିବ...
ଗ୍ରହଣ କରିବ କି ସେ...
ସେ ଦେବା ଶିଖାଇଛି ତୁମକୁ
ଦେବା ପାଠ ପଢାଇଛି ତୁମମାନଙ୍କୁ
ସେ ହିଁ ଜାଣେ... ହଁ,
ସେ ହିଁ ଜାଣିଛି
କେବେ, କେମିତି,
କେତେ ଦେବାକୁ ହେବ..
ଅଥଚ ତୁମେ ସମସ୍ତେ ତା'କୁ
ଦେବ ବୋଲି କହୁଛ...
ଜାଣିଛ କି, କେତେ ଭାଗରେ ବିଭକ୍ତ ସେ
କେତେ ଭାବରେ ବିଭକ୍ତ ...
ବହୁ ଭାଗକରି ସେ ନିଜକୁ
ସର୍ବସ୍ୱ ଦେଇ ପାରେ ...
ତାକୁ ଆଉ ଦେବାର
ଆବଶ୍ୟକତା ରହିଛି କି...
ପାରୁଛ ତ ଶିଖ ତା ପାଖରୁ
ଦେବା ନେବା କଳା....
ପାରୁଛ ତ ସହଭାଗୀ ହୁଅ
ଦେଖିବ ମଳୟ ବହିବ ମରୁରେ...
ସଞ୍ଜିବନୀ ଝରିବ ହୃଦରେ
ପ୍ରୀତିଦୀପ ଜଳିବ ଅନ୍ତରେ
ତାଣ୍ଡବ ନୁହେଁ, ଲଳିତ ପଦାବଳୀ ସୁରେ
ମୋହନ ବେଣୁରେ
ନାଚି ନାଚି ତ୍ରିଭଙ୍ଗୀ ଠାଣିରେ
ମଜ୍ଜି ଯିବ ଷୋଳସହସ୍ରଙ୍କ ମେଳେ...।

+ଫୁଲ ନଖରା
ମୋ: ୮୦୧୮୦୯୮୯୨୮

## ରାମନବମୀ...
### ନଗେନ୍ଦ୍ର ନାଥ ପଟ୍ଟନାୟକ

ଚୈତ୍ର ଶୁକ୍ଳପକ୍ଷ ନବମୀ ତିଥିର
ମହିମା ଅବର୍ଣ୍ଣନୀୟ
ପ୍ରଭୁ ଶ୍ରୀରାମଙ୍କ ଧରାବତରଣ
ମଧୁମାସ ପୁଣ୍ୟମୟ ।

ପ୍ରଭୁ ଶ୍ରୀରାମଙ୍କ ଆପର ମହିମା
ଧନ୍ୟ ତାଙ୍କ ଲୀଳାଖେଳା
ଜଗତ ଉଦ୍ଧାର କରିବା ପାଇଁକି
ରଚିଲେ ମାନବଲୀଳା ।

ଦୁଷ୍ଟଙ୍କୁ ବିନାଶି ସାଧୁଙ୍କୁ ଉଦ୍ଧାରି
ବଦ୍ଧକଲେ ଦଶାନନ
ନିରିମଳ ଯଶ ବ୍ୟାପିଗଲା ତାଙ୍କ
ତିନିଲୋକେ ସବୁଥାନ ।

ରାମ ନାମ ଯଶ ଗାନ କରେ ଯିଏ
ପାପ ହୁଏ ତାର କ୍ଷୟ
ମୁନିଋଷି ନର ଦେବଗଣ ତୁଣ୍ଡେ
ଶ୍ରୀରାମଙ୍କ ଯଶ ଜୟ ।

ଉଚ୍ଚତମ ତାଙ୍କ ଆଦର୍ଶଟି ପରା
ସଦ୍ ଗୁଣ ମଧୁଝର
ସିନିହ-ମମତା- ତପ-ସାହଚର୍ଯ୍ୟ
ସତ୍ୟ-ତ୍ୟାଗ- ଶିଷ୍ଟାଚାର ।

ଭାରତମାତାର ପୁଣ୍ୟଭୂଇଁର
ଆତ୍ମାଟି ଶ୍ରୀରାମ ପ୍ରଭୁ
ସଦାକାଳେ ଆମ ମତି ରହୁ ତୁମ
ପଦକମଳରେ ବିଭୁ ।

+ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,
ଓଡ଼ିଶା ସରକାର
ଓସ୍କାର ସିଟି, ଲେନ ନଂ ୯,
ପ୍ଲଟ ନଂ ୪୫୬
ଲକ୍ଷ୍ମୀସାଗର କେନାଲ ରୋଡ,
ଭୁବନେଶ୍ୱର
ମୋ - ୯୪୩୮୩୩୨୧୩୮



ସିନେମା ଓ ମନୋରଂଜନର ଫର୍ଦ୍ଦ

ଧ୍ୱନି ପ୍ରତିଧ୍ୱନି

୫ ଶୁକ୍ରବାର, ୨୭ ମାର୍ଚ୍ଚ ୨୦୨୬

# ବିପ୍ଳବୀ ଭୂମିକାରେ ଭୁବନ



ଭୁବନ ବାମ ମୁଖ୍ୟତଃ ଜଣେ ହାସ୍ୟ ଅଭିନେତା ଭାବେ ସୁପରିଚିତ, କିନ୍ତୁ ସେ ବହୁ ପ୍ରତିଭାର ଅଧିକାରୀ। ଏକାଧାରରେ ସେ ଜଣେ ଲେଖକ, ଗାୟକ, ଗୀତିକାର ଓ ଅଭିନେତା। 'ବିବି କୀ ଭାଇନ୍ସ' ନାମକ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଜାଳିଆ ଭିଡିଓ ପ୍ରସ୍ତୁତ କରି ପ୍ରଥମେ ଲୋକଲୋଚନକୁ ଆସିଥିବା ଭୁବନ ଏବେ ନିଜକୁ ଜଣେ ସିରିୟସ୍ ଅଭିନେତା ଭାବେ ପ୍ରତିଷ୍ଠିତ କରିବାକୁ ଉଦ୍ୟମ କରୁଛନ୍ତି। ଏହାର ସଙ୍କେତ ସ୍ୱରୂପ ସେ ଗୋଟିଏ ଦିନରେ ତାଙ୍କର ପ୍ରଥମ ଚଳଚ୍ଚିତ୍ର ଏବଂ ଅନ୍ୟ ଏକ ଐତିହାସିକ ୱେବ୍ ସିରିଜ୍ ସମ୍ପର୍କରେ ଘୋଷଣା କରିଛନ୍ତି। 'ଦି ରିଭଲ୍ୟୁସନାରିଜ୍' ନାମକ ୱେବ୍ ସିରିଜରେ ସେ ଭାରତୀୟ ଇତିହାସର ଅନ୍ୟତମ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ
ରାସବିହାରୀ ବୋଷ ଭୂମିକାରେ ଦେଖା ଦେବେ। ଦେଶପ୍ରେମ ଦ୍ୱାରା ଉଦ୍‌ବୁଦ୍ଧ ଏକ ବିପ୍ଳବୀ ଚରିତ୍ରରେ ସେ ପ୍ରଥମ ଥର ପାଇଁ ଅଭିନୟ କରୁଛନ୍ତି। ୧୯୧୨ ମସିହାରେ ବ୍ରିଟିସ୍ ଶାସନ ବିରୋଧରେ ହୋଇଥିବା ସଂଘର୍ଷ ଏହି ଧାରାବାହିକର କେନ୍ଦ୍ରରେ ରହିଛି। ଯୁବାବସ୍ଥାରେ ଥିବା ଚାରି ଜଣ କିପରି ନ୍ୟାୟ ଓ ସ୍ୱାଧୀନତା ପାଇଁ ବ୍ରିଟିସ୍ ଶାସନ ବିରୋଧରେ ଅସ୍ତ୍ର ଉଠାଇ ଲଢ଼ିବାକୁ ବାହାରି ପଡ଼ିଥିଲେ ତାହା ଏଥିରେ ଦେଖିବାକୁ ମିଳିବ। ଭୁବନଙ୍କ ବ୍ୟତୀତ ପ୍ରତିଭା ରାଣ୍ଟା, ରୋହିତ ସରାଫ ଓ ଗୁରଫତେହ ପୀରଜାଦା ଅନ୍ୟାନ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଏହାର ସୁଟିଂ ସରିଥିବା ବେଳେ ପୋଷ୍ଟ ପ୍ରଡକ୍ସନ୍ସ କାମ ଚାଲିଛି।
ସେହିପରି ଭୁବନଙ୍କ ବଡ଼ ପରଦାରେ ଅଭିନୟ କରିବାର ସ୍ୱପ୍ନ ମଧ୍ୟ 'କୁକୁ କୀ କୁଣ୍ଡଲୀ' ଚଳଚ୍ଚିତ୍ର ମାଧ୍ୟମରେ ସାକାର ହେବାକୁ ଯାଉଛି। ଏଥିରେ ସେ ଅଭିନେତ୍ରୀ ବାମିକା ଗବ୍ବୀଙ୍କ ସହିତ ଅଭିନୟ କରିଛନ୍ତି। କରଣ ଜୋହରଙ୍କ 'ଧର୍ମ ପ୍ରଡକ୍ସନ୍ସ' ଏହି ଚଳଚ୍ଚିତ୍ରର ପ୍ରଯୋଜନା କରୁଥିବାରୁ ଭୁବନଙ୍କ ଅଭିନୟ କ୍ୟାରିଅରକୁ ବଳ ମିଳିବ ନିଶ୍ଚୟ।

# ଚେଞ୍ଜମେକର୍ସ ସୂଚୀରେ ଆଲିଆ-ପ୍ରିୟଙ୍କା

ସମାଜ ଓ ପରିବେଶ ପ୍ରତି ସ୍ୱତନ୍ତ୍ର ତଥା ଉଲ୍ଲେଖନୀୟ ଅବଦାନ ପାଇଁ ନ୍ୟାସ୍‌ନାଲ୍ ଜିଓଗ୍ରାଫିକ୍ ୨୦୨୬ ଚେଞ୍ଜମେକର୍ସ ତାଲିକାରେ ଭାରତୀୟ ଅଭିନେତ୍ରୀ ଆଲିଆ ଭଟ୍ଟ ଓ ପ୍ରିୟଙ୍କା ଚୋପ୍ରା ଜୋନାସ୍‌ଙ୍କୁ ସାମିଲ କରାଯାଇଛି। ନ୍ୟାସ୍‌ନାଲ୍ ଜିଓଗ୍ରାଫିକ୍ ପକ୍ଷରୁ ବିଶ୍ୱସ୍ତରରେ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନଗୁଡ଼ିକର ସମ୍ମୁଖୀନ ହେଉଥିବା ଏବଂ ସକାରାତ୍ମକ ପରିବର୍ତ୍ତନ ଆଣୁଥିବା ବ୍ୟକ୍ତିମାନଙ୍କୁ ଏହି ସମ୍ମାନ ଦିଆଯାଇଥାଏ। ଏହି ତାଲିକାରେ ବିଭିନ୍ନ କ୍ଷେତ୍ରରେ ୩୩ ଜଣ ସକାରାତ୍ମକ ପରିବର୍ତ୍ତନକାରୀଙ୍କୁ ସାମିଲ କରାଯାଇଥିଲା। ଆଲିଆ ଭଟ୍ଟ ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ ବିଷୟରେ ସଚେତନତା ପାଇଁ କାମକରି ବହୁତ ପ୍ରଶଂସା ପାଇଛନ୍ତି। ସେ ନିଜ ପ୍ଲାଟ୍‌ଫର୍ମକୁ ବ୍ୟବହାର କରି ଯୁବପିଢ଼ିଙ୍କୁ ପରିବେଶ ସମସ୍ୟା ବିଷୟରେ ସଚେତନ କରୁଛନ୍ତି। ତାଙ୍କର ପ୍ରଯୋଜନା ସଂସ୍ଥା 'ଇଟରନାଲ୍ ସନ୍‌ସାଇନ୍ କମ୍ପାନି' ହାତୀ ଶିକାର ଉପରେ ଏକ ସିରିଜ୍ ନିର୍ମାଣ କରିଛି। ଏହା ମାଧ୍ୟମରେ ଲୋକମାନେ ପରିବେଶ ଓ ବନ୍ୟଜନ୍ତୁଙ୍କ ପାଇଁ କିପରି ଯତ୍ନଶୀଳ ହେବେ ସେ ସମ୍ପର୍କରେ ଅବଗତ କରାଯାଇଛି। ଶିଶୁମାନଙ୍କ ପାଇଁ ଆଲିଆ ଲେଖିଥିବା ପୁସ୍ତକ 'ଏଡ୍ ଫାଇଣ୍ଡ୍‌ସ ଏ ହୋମ୍'ରେ ପୋଷ୍ୟ ପଶୁ ଓ ପଶୁପ୍ରେମର କଥା ରହିଛି। ଏଥିସହିତ ତାଙ୍କର ଫ୍ୟାସନ୍ ପ୍ରୟାସ 'ମି ୱାର୍ଡରୋବ୍ ଇଜ୍ ସୁ ୱାର୍ଡରୋବ୍' ପୁରୁଣା ପୋଷାକ ଦାନକୁ ପ୍ରୋତ୍ସାହନ ଦେଇ ଅପଚୟ କମେଇବାରେ ସାହାଯ୍ୟ କରୁଛି।



ପ୍ରିୟଙ୍କା ଚୋପ୍ରା ଜୋନାସ୍ ବିଶେଷକରି ମଧୁମେହ ରୋଗୀମାନଙ୍କ ପାଇଁ ସ୍ୱାସ୍ଥ୍ୟସେବାକୁ ସୁଲଭ କରିବା ଦିଗରେ କାମ କରୁଛନ୍ତି। ନିକ୍ ଜୋନାସ୍‌ଙ୍କ ସହ ବିବାହ ପରେ ସେ ଏହି କାର୍ଯ୍ୟକୁ ଅଧିକ ଗୁରୁତ୍ୱ ଦେଇଛନ୍ତି, କାରଣ ନିକ୍ ଛୋଟବେଳୁ ଟାଇପ୍-୧ ଡାଇବେଟିସ୍‌ରେ ପୀଡ଼ିତ ଥିଲେ। ଏଥିପାଇଁ ସେ ଡାଇବେଟିସ୍ ସମ୍ବନ୍ଧୀୟ ସଚେତନତା ବୃଦ୍ଧି କରିବା ସହିତ ଏହାର ସମୟୋପଯୋଗୀ ଚିହ୍ନଟ ଓ ଚିକିତ୍ସା ପାଇଁ ଲୋକମାନଙ୍କୁ ସଚେତନ କରୁଛନ୍ତି। ଆଲିଆ ଏବଂ ପ୍ରିୟଙ୍କାଙ୍କ ସହିତ, ତାଲିକାରେ ହାରିସନ୍ ଫୋର୍ଡ, ଇଦ୍ରିସ୍ ଏଲ୍‌ବା, ରସେଲ୍ ୱେଷ୍ଟବ୍ରୁକ୍ ଏବଂ ଇୱାନ୍ ମ୍ୟାକଗ୍ରେଗରଙ୍କ ଭଳି ପ୍ରମୁଖ ବ୍ୟକ୍ତିତ୍ୱ ମଧ୍ୟ ଅଛନ୍ତି। ସେମାନେ ନିଜ ନିଜ କ୍ଷେତ୍ରରେ ସାମାଜିକ ପରିବର୍ତ୍ତନ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି।



# ଓଟିଟିରେ ୱେବ୍‌ସିରିଜ୍‌ର ଓଭରଡୋଜ୍

ଚଳିତ ବର୍ଷ ଓଟିଟି ପ୍ଲାଟ୍‌ଫର୍ମରେ ଏକରୁ ଆରେକ ବଳି ନୂଆ ୱେବ୍‌ସିରିଜ୍ ଓ ଫିଲ୍ମର ଲାଇନ୍ ଲାଗିଛି। ଘରେ ବସି ମନୋରଞ୍ଜନର ସୁବିଧା ଖୋଜୁଥିବା ଦର୍ଶକଙ୍କ ପାଇଁ ଓଟିଟି ପ୍ଲାଟ୍‌ଫର୍ମ ଆମାଜନ୍ ପ୍ରାଇମ୍ ଭିଡିଓ ନିକଟରେ ତା'ର ରିଲିଜ୍ କ୍ୟାଲେଣ୍ଡର ଜାରି କରିଛି। ଏଥିରେ ତାଲିକାରେ ରହିଛି ୩୦ଟି ନୂଆ ୱେବ୍‌ସିରିଜ୍ ଓ ୧୯ଟି ଫିଲ୍ମ ବ୍ୟତୀତ ଆହୁରି ଅନେକ ସୋ'। ସମୁଦାୟ ୫୫ଟି ଫିଲ୍ମ, ସିରିଜ୍ ଓ ସୋ'ର ଏହି ତାଲିକାରେ ଇଣ୍ଡିଆନ୍ ଓରିଜିନାଲ୍ କଣ୍ଟେଣ୍ଟ୍ ସହ ଆମାଜନ୍ ଏମ୍‌ଜିଏମ୍ ଷ୍ଟୁଡିଓଜ୍ ଇଣ୍ଡିଆ ଥିଏଟରରେ ରିଲିଜ୍ ହେବାକୁ ଥିବା ଫିଲ୍ମଗୁଡ଼ିକର ଡିଜିଟାଲ୍ ଷ୍ଟ୍ରିମିଂ ଲାଇସେନ୍‌ସଡ ଫିଲ୍ମର ନାଁ ବି ରହିଛି।

ଏଥିରେ 'ପଞ୍ଚାୟତ ସିଜିନ୍-୫' ଓ 'ଫର୍ଜି ସିଜିନ୍-୨'ରୁ ଆରମ୍ଭ କରି 'ଦୁପହିୟା-୨' ଓ 'ଗ୍ରାମ ଚିକିତ୍ସାଳୟ-୨' ଭଳି ଲୋକପ୍ରିୟ ସିରିଜ୍ ବି ରହିଛି। ସେହିପରି 'ମିର୍ଜାପୁର ଫିଲ୍ମ', 'ନାଗଜିଲା', 'ରାଖ୍', 'ସିଷ୍ଟମ୍' ଓ 'ସୁନ୍ଦର ପୁନମ୍' ଭଳି ଓରିଜିନାଲ୍ ଓଟିଟି ଫିଲ୍ମ ମଧ୍ୟ ରହିଛି। ଆସିବାକୁ ଥିବା ନୂଆ ଫିଲ୍ମ ଓ ସିରିଜ୍ ମଧ୍ୟରେ ନିଖିଲ୍ ଆଡ୍‌ଭାନିଙ୍କ 'ଦ ରିଭଲ୍ୟୁସନାରିଜ୍' ମଧ୍ୟ ରହିଛି। ଏଥିରେ ଭୁବନ ବାମ, ରୋହିତ ସରାଫ, ପ୍ରତିଭା ରାଣ୍ଟା ଓ ଗୁରଫତେହ ପିରଜାଦା ନଜର ଆସିବେ। ଏହାଛଡ଼ା ବିଜୟ ବର୍ମା ଅଭିନୀତ 'ମଟକାକିଙ୍ଗ୍', ଅଲି ଫଜଲ୍ ଓ ସୋନାଲି ବେନ୍ଦ୍ରେଙ୍କ 'ରାଖ୍', ୟାମି ଗୌତମଙ୍କ 'ନୟୀ ନୱେଲି' ଓ ସାନ୍ୟା ମାଲହୋତ୍ରାଙ୍କ 'ସୁନ୍ଦର ପୁନମ୍' ଉପରେ ସମସ୍ତଙ୍କର ନଜର ରହିବ।

# ଅନନ୍ୟାଙ୍କ ନୂଆ କେଶବିନ୍ୟାସ

ନିକଟରେ ନୂଆ ରୂପରେ ଦେଖାଦେଇଛନ୍ତି ଅଭିନେତ୍ରୀ ଅନନ୍ୟା ପାଣ୍ଡେ। ତାଙ୍କ ରୂପ ପରିବର୍ତ୍ତନର ମୁଖ୍ୟ ଅଂଶ ହେଉଛି ନୂଆ କେଶବିନ୍ୟାସ। ଅନନ୍ୟାଙ୍କ ଏହି ଚର୍ଚ୍ଚିତ କେଶବିନ୍ୟାସର ନାମ 'ବ୍ୟାଙ୍ଗ୍‌ସ'। ଏହା ଦେଖି ଲୋକେ କହିଲେଣି ହଲିଉଡ୍ ଅଭିନେତ୍ରୀ ଡାକୋଟା ଜନ୍‌ସନ୍‌ଙ୍କ ପରି ଦିଶିବା ପାଇଁ ସେ ତାଙ୍କ କେଶ ଷ୍ଟାଇଲ୍‌କୁ ନକଲ କରିଛନ୍ତି। ସେ ଯାହା ହେଉ, ଅନନ୍ୟା କିନ୍ତୁ ଏ ନେଇ ଖୁବ୍ ଉତ୍ସାହିତ। ସେଥିପାଇଁ ସେ ଇନ୍‌ଷ୍ଟାଗ୍ରାମ୍‌ରେ କେଶ କାଟିବା ସମୟର ଫଟୋରୁ ଆରମ୍ଭ କରି ଗୋଟିଏ ଦିନରେ ଦୁଇଥର ଅଲଗା ଅଲଗା ପୋଷାକରେ ନିଜର ଫଟୋ ଛାଡ଼ିଛନ୍ତି।
ପୁଣି ବ୍ୟାଙ୍ଗ୍‌ସ ହେଆରଷ୍ଟାଇଲ୍ ଆପଣାଇବା ପରେ ସେ ଇନ୍‌ଷ୍ଟାଗ୍ରାମ୍‌ରେ ଅଧିକ ସକ୍ରିୟ ହୋଇଉଠିଛନ୍ତି କି ବୋଲି ନିଜେ ପ୍ରଶଂସକମାନଙ୍କୁ ପଚାରିବାରୁ ତାଙ୍କ ମା' ଉତ୍ତରରେ 'ହଁ' ବୋଲି ଲେଖିଛନ୍ତି। ମୁମ୍ବାଇରେ ଆୟୋଜିତ ଲାକ୍‌ମେ ଫ୍ୟାସନ୍ ୱିକ୍‌ର ରାମ୍ପ୍‌ରେ ମଧ୍ୟ ସେ ଡିଜାଇନର ରାହୁଲ ମିଶ୍ରାଙ୍କ ଦ୍ୱାରା ପ୍ରସ୍ତୁତ ପୋଷାକ ପିନ୍ଧି ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲେ। ଅନନ୍ୟା ଶେଷ ଥର କାର୍ତ୍ତିକ ଆର୍ଯ୍ୟନଙ୍କ ସହିତ 'ତୁ ମେରି ମେଁ ତେରା, ମେଁ ତେରା ତୁ ମେରି' ଚଳଚ୍ଚିତ୍ରରେ ଦେଖାଦେଇଥିଲେ। ଆଗକୁ ତାଙ୍କ ଅଭିନୀତ 'ଚାନ୍ଦ ମେରା ଦିଲ' ଚଳଚ୍ଚିତ୍ର ଓ 'କଲ୍ ମି ବେ ୨' ୱେବ୍ ଧାରାବାହିକ ଆସିବାର ଅଛି।



# ଫ୍ୟାସନ୍ ମଡେଲିଂରେ ଦିଗ୍‌ଦର୍ଶୀ

ଜଣେ ପ୍ରତିଭାଶାଳୀ ମଡେଲ୍ ଭାବେ ନିଜକୁ ପରିଚିତ କରାଇଛନ୍ତି ଦିଗ୍‌ଦର୍ଶୀ। ବିଭିନ୍ନ ଫ୍ୟାସନ୍ ସୋ, ପ୍ରମୋସ୍‌ନାଲ୍ କ୍ୟାମ୍ପେନ୍ ଓ ରନ୍‌ୱେ ଫ୍ୟାସନ୍ ସୋ'ରେ ଅଂଶଗ୍ରହଣ କରି ଦକ୍ଷତା ପ୍ରତିପାଦିତ କରିଛନ୍ତି। ଭଦ୍ରକ ଟାଉନ୍‌ର ବାସିନ୍ଦା ୨୪ ବର୍ଷୀୟା ଦିଗ୍‌ଦର୍ଶୀ ମିଶ୍ର ଓଡ଼ିଶୀ ନୃତ୍ୟରେ ମଧ୍ୟ ଦକ୍ଷ ଓ ନିପୁଣା। ନୃତ୍ୟରୁ ମଡେଲିଂକୁ ଆସିଥିବା ଦିଗ୍‌ଦର୍ଶୀ କହନ୍ତି, ସ୍କୁଲର ବାର୍ଷିକ ଉତ୍ସବରେ ଛାତ୍ରଛାତ୍ରୀ ଓଡ଼ିଶୀ ନୃତ୍ୟ କରୁଥିବାର ଦେଖି ତାଙ୍କର ନୃତ୍ୟ



ଶିଖିବାକୁ ଇଚ୍ଛା ହୋଇଥିଲା। ବାପା ପ୍ରକାଶ ଚନ୍ଦ୍ର ମିଶ୍ର ଓ ମାଆ ମନ୍ଦାକିନୀ ଝିଅର ଆଗ୍ରହ ଜାଣିବା ପରେ ତାଙ୍କର ନୃତ୍ୟ ପ୍ରଶିକ୍ଷଣ ବ୍ୟବସ୍ଥା କରାଇଥିଲେ। ଓଡ଼ିଶୀ ନୃତ୍ୟ ଶିକ୍ଷାକରି ସେ ପରିବେଷଣ ବି କଲେ। ପୁଣି ଜିଲ୍ଲା ଓ ରାଜ୍ୟ ସ୍ତରରେ ପ୍ରଶଂସିତ ବି ହେଲେ। କ୍ରମେ ତାଙ୍କର ମଡେଲିଂ ପ୍ରତି ଆଗ୍ରହ ଜନ୍ମିଲା। ସେ ମୁମ୍ବାଇ ଯାଇ ଜଣାଶୁଣା ଶିକ୍ଷାନୁଷ୍ଠାନ 'କୋକୋବେରୀ'ରୁ ମଡେଲିଂରେ ତାଲିମ ନେଲେ। ସେଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ବି କଲେ। ୨୦୧୯ ମସିହାରେ ବିଧିବଦ୍ଧ ମଡେଲିଂ କ୍ୟାରିୟର ଆରମ୍ଭ କଲେ ଦିଗ୍‌ଦର୍ଶୀ। ସେହି ବର୍ଷ 'ମିସ୍ ମହକ' ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ପ୍ରଥମ ରନର୍ସ-ଅପ୍ ଓ 'ଆଲି କ୍ଲବ୍ ମିସ୍ ଟିନ୍ ଇଣ୍ଡିଆ'ରେ ସେମିଫାଇନାଲିଷ୍ଟ୍ ହେଲେ। ୨୦୨୦ ମସିହାରେ ଫେମେ ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ସେମିଫାଇନାଲିଷ୍ଟ୍ ଓ ଟପ୍ ମଡେଲ୍ ସିଜିନ୍-୩ର ବିଜେତା ହୋଇଥିଲେ। ପରେ ତାଙ୍କୁ ଓଡ଼ିଶାରେ ଏକ ବଡ଼ ସଫଳତା ମିଳିଥିଲା। ସେ ୨୦୨୧ ମସିହାରେ ମିସ୍ ଓଡ଼ିଶା ମୁକୁଟ ବିଜୟିନୀ ହୋଇଥିଲେ। ସେହିପରି ଭୁବନେଶ୍ୱର ରନ୍‌ୱେ ଉଇକ୍, ନବାୟତ, ଡିବିସି ରେଡ୍ କାର୍ପେଟ୍ ଓ ଓଡ଼ିଶା ଫ୍ୟାସନ୍ ଉଇକ୍ ଭଳି ଅନେକ କାର୍ଯ୍ୟକ୍ରମରେ ନିଜର ଝଲକ ଦେଖାଇଛନ୍ତି। ଦିଗ୍‌ଦର୍ଶୀ କହନ୍ତି, "ମଡେଲିଂରେ ଯାତ୍ରା ମୋ ପାଇଁ ବହୁତ କଷ୍ଟକର ଥିଲା।

# ବଙ୍ଗଳା ଛବିର ଓଡ଼ିଆ କୋରିଓଗ୍ରାଫର୍

ୟୁଟ୍ୟୁବ୍‌ରୁ ମାଇକେଲ୍ ଜାକ୍‌ସନ୍‌ଙ୍କ ନୃତ୍ୟ ଦେଖି କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇର ସୁମିତ୍ ବାରିକ୍ ନୃତ୍ୟକୁ ଆପଣେଇଛନ୍ତି। ତାଙ୍କ ବାପା ବିଷ୍ଣୁ ଚରଣ ବାରିକ୍ କୋଲ୍‌କାତାରେ ଚାକିରି କରୁଥିବା ହେତୁ ସୁମିତଙ୍କ ପିଲାଦିନ ସେଠାରେ କଟିଛି। ସେ ଜଣେ 'ସେଲ୍‌ଫ୍ ଲର୍ଣ୍ଣର'। ମୋବାଇଲ୍‌ରେ ଭିଡିଓ ଦେଖି ନୃତ୍ୟକଳାକୁ ଆୟତ୍ତ କରିଛନ୍ତି। ପରେ ସ୍କୁଲ୍ ଓ କଲେଜ କାର୍ଯ୍ୟକ୍ରମରେ ଭାଗ ନେଇ ଆଗକୁ ବଢ଼ିଛନ୍ତି। ସୁମିତ୍ କହନ୍ତି, "ମୋର ଜଣେ ସାଙ୍ଗ ଏକ ବାଂଲା ନୃତ୍ୟ କାର୍ଯ୍ୟକ୍ରମରେ ଭାଗ ନେବାକୁ ଅଡିସନ୍ ପାଇଁ ଯାଇଥିଲା, ତା'ସହ ମୁଁ ବି ଯାଇଥିଲି। ସେ ବାଧ୍ୟ କରିବାରୁ ମୁଁ ମଧ୍ୟ ଅଡିସନ୍‌ରେ ଭାଗନେଲି। ହେଲେ ସେ ଅଡିସନ୍‌ରୁ କଟିଗଲା, ମୁଁ ଦ୍ୱିତୀୟ ପର୍ଯ୍ୟାୟ ପର୍ଯ୍ୟନ୍ତ ଯାଇଥିଲି। ସେବେଠାରୁ ମୋ ନୃତ୍ୟ ପ୍ରତି ଆଗ୍ରହ ବଢ଼ିଲା" "ମୋବାଇଲ୍ ମୋ ଗୁରୁ ପାଲଟିଗଲା। ୟୁଟ୍ୟୁବ୍‌ରୁ ନୂତନ ଶୈଳୀର ନୃତ୍ୟ ଶିଖି ଅନେକ କାର୍ଯ୍ୟକ୍ରମରେ ଭାଗନେଲି। ୨୦୧୯ ମସିହାରେ 'ଡ୍ୟାନ୍ସ ବାଂଲା ଡ୍ୟାନ୍ସ'ରେ ଭାଗ ନେଇ ସେମିଫାଇନାଲ୍ ପର୍ଯ୍ୟନ୍ତ ଯାଇଥିଲି। ୨୦୧୧ରେ ଜିଟିଭିରେ ପ୍ରସାରିତ 'ଡ୍ୟାନ୍ସ ଇଣ୍ଡିଆ ଡ୍ୟାନ୍ସ' ସୋ'ରେ ଟପ୍ ୩୦ ରହିଥିଲି। ପୁଣି ସେହି ବର୍ଷ ସୋନି ଲାଇଭ୍ ଟିଭିର 'ଇଣ୍ଡିଆ ଗଟ୍ ଟ୍ୟାଲେଣ୍ଟ୍'ରେ ଭାଗ ନେଇ କ୍ୱାର୍ଟର ଫାଇନାଲ୍ ପର୍ଯ୍ୟନ୍ତ ଯାଇଥିଲି।'' ଦର୍ଶକମାନେ ତାଙ୍କ ଆଧୁନିକ ନୃତ୍ୟକୁ ବେଶ୍ ପସନ୍ଦ କରୁଥିବାରୁ ସେ କାର୍ଯ୍ୟକ୍ରମ ପରିବେଷଣ ସହ ୨୦୧୭ ମସିହାରୁ 'ଏସ୍ ଏଞ୍ଜେଲ୍ ଏକାଡେମି ଅଫ୍ ପର୍ଫର୍ମିଂ ଆର୍ଟସ୍' ନାମକ ଅନୁଷ୍ଠାନ ଖୋଲି ନୃତ୍ୟ ଶିଖାଇବା ଆରମ୍ଭ କଲେ। ବର୍ତ୍ତମାନ ସେ କୋଲ୍‌କାତାର ଜଣେ ସ୍ୱନାମଧନ୍ୟ ନୃତ୍ୟ ନିର୍ଦ୍ଦେଶକ। ସେ ଦୁଇଟି ବଙ୍ଗଳା ଫିଲ୍ମରେ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି। ପୁଣି ସେ ବଙ୍ଗଳା ଗୀତ ଲେଖିବା ସହ ଗାଇଛନ୍ତି। ବର୍ତ୍ତମାନ ସୁମିତଙ୍କ ଅନୁଷ୍ଠାନରେ ୧୨୦ରୁ ଅଧିକ ପିଲା ନୃତ୍ୟ ଶିଖୁଛନ୍ତି।






# ଭୁବନେଶ୍ୱରରେ ନୂତନ 'ସ୍କୋଡା କୁଶାକ୍'ର ସ୍ୱତନ୍ତ୍ର ପ୍ରଦର୍ଶନ: ଏମ୍ପ୍ରିଓ ସ୍କୋଡା ପକ୍ଷରୁ ଗ୍ରାହକଙ୍କ ପାଇଁ ପ୍ରିମିୟମ୍ ଅନୁଭୂତି




ଭୁବନେଶ୍ୱର, ୨୬/୩ (ନି.ପ୍ର): ଓଡ଼ିଶାର ଅଗ୍ରଣୀ ଅଟୋମୋବାଇଲ୍ ଡିଲରସିପ୍ 'ଏମ୍ପ୍ରିଓ ସ୍କୋଡା' ପକ୍ଷରୁ ଆଜି ଭୁବନେଶ୍ୱରସ୍ଥିତ ଏକ ଘରୋଇ ହୋଟେଲଠାରେ ନୂତନ 'ସ୍କୋଡା କୁଶାକ୍'ର ଏକ ସ୍ୱତନ୍ତ୍ର ପ୍ରିଭ୍ୟୁ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ସହରର ଉତ୍ସାହୀ ଗ୍ରାହକ, ଗଣମାଧ୍ୟମ ପ୍ରତିନିଧି ଓ ବହୁ ବିଶିଷ୍ଟ ଅତିଥି ମାନଙ୍କ ଗହଣରେ ଏହି ନୂତନ ଏସୟୁଭିର ଅତ୍ୟାଧୁନିକ ବୈଶିଷ୍ଟ୍ୟକୁ ଲୋକଲୋଚନ କରା ଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଏମ୍ପ୍ରିଓ ସ୍କୋଡାର ଅଧ୍ୟକ୍ଷ ଶ୍ରୀ ଗଙ୍ଗାଧର ସାମଲ, ପରିଚାଳନା ନିର୍ଦ୍ଦେଶକ ଡଃ ଅବିନାଶ ସାମଲ, ଏମ୍ପ୍ରିଓ ଗ୍ରୁପ୍ ?ର ସିଇଓ ପାର୍ଥସାରଥୀ ଗୁରୁ ଏବଂ ସ୍କୋଡା ଅଟୋ ଇଣ୍ଡିଆର ଆଞ୍ଚଳିକ ବିକ୍ରୟ ପରିଚାଳକ ଶ୍ରୀ ପ୍ରଦୀପ କେଆଁନା ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ପରେ ଏମ୍ପ୍ରିଓ ସ୍କୋଡାର ବିଜନେସ୍ ହେଡ୍ ପ୍ୟାରୀମୋହନ ଜେନା ଏବଂ ସେଲ୍ସ ମ୍ୟାନେଜର ରଞ୍ଜନ ଘଡ଼େଇଙ୍କ ଦ୍ୱାରା ଗାଡ଼ିର ଆନୁଷ୍ଠାନିକ ଅନାବରଣ କରାଯାଇଥିଲା।

ନୂତନ ସ୍କୋଡା କୁଶାକ୍‌ର ପ୍ରମୁଖ ଆକର୍ଷଣ ଏହାର ପ୍ରିମିୟମ୍ ଡିଜାଇନ୍ ଯାହା ମଧ୍ୟରେ ରହିଛି ଆଧୁନିକ ଫ୍ରଣ୍ଟ ଏବଂ ରିୟର ଡିଜାଇନ୍ ସହ ଏଲଇଡି ହେଡ୍‌ଲ୍ୟାମ୍ପ, ସିକ୍ୱେନ୍ସିଆଲ୍ ଟର୍ଣ୍ଣ ଇଣ୍ଡିକେଟର ଏବଂ ଇଲେକ୍ଟ୍ରିକ୍ ସନରୁଫ୍ ଭଳି ସୁବିଧା । ପ୍ରଥମ କରି ଏହି ସେଗମେଣ୍ଟରେ 'ରିୟର ସିଟ୍ ମସାଜ୍' ର ସୁବିଧା ମଧ୍ୟ ଦିଆଯାଇଛି । ଗ୍ଲୋବାଲ୍ ଏନସିଏପ ରେ ୫-ଷ୍ଟାର୍ ରେଟିଂ ପାଇଥିବା ଏହି ଗାଡ଼ିରେ ୪୦ରୁ ଅଧିକ ସୁରକ୍ଷା ଫିଚର୍ ରହିଛି। ଏଥିରେ ରେନ୍-ସେନ୍ସିଂ ୱାଇପର, ଅଟୋ ଆଇଆରଭିଏମ ଏବଂ ରିୟର ଡିଫଗରକୁ ସମସ୍ତ ଭାରିଆଣ୍ଟରେ ରଖା ଯାଇଛି । ଗାଡ଼ିଟିରେ ପ୍ରଥମ କରି ବେସ୍ ଭାରିଆଣ୍ଟରୁ ୮-ସ୍ପିଡ୍ ଅଟୋମେଟିକ୍ ଗିୟରବକ୍ସ ର ବିକଳ୍ପ ରଖାଯାଇଛି। ପରଫର୍ମାନ୍ସ ପ୍ରେମୀଙ୍କ ପାଇଁ ୧.୫ ଟିଏସଆଇ ଇଞ୍ଜିନ୍ ସହ ୭-ସ୍ପିଡ୍ ଡିଏସଜି ଗିୟରବକ୍ସ ଉପଲବ୍ଧ ଏହା ସହ ଉଚ୍ଚ ମଡେଲଗୁଡ଼ିକରେ ଅଲ୍-ହ୍ୱିଲ୍ ଡିସ୍କ ବ୍ରେକ୍, ପାନୋରାମିକ ସନରୁଫ୍ ଏବଂ ୨୬.୦୩ ସେମିର ଭର୍ଚୁଆଲ୍ କକପିଟ୍ ଦିଆଯାଇଛି।

ନୂତନ ସ୍କୋଡା କୁଶାକ୍ ୧.୦ ଟିଏସଆଇ ରେଞ୍ଜ୍ ? ୧୦,୬୯,୦୦୦ ରୁ ଆରମ୍ଭ ହେଉଥିବା ବେଳେ, ଶକ୍ତିଶାଳୀ ୧.୫ ଟିଏସଆଇ ଭାରିଆଣ୍ଟର ମୂଲ୍ୟ ? ୧୮,୭୯,୦୦୦ ରୁ ଆରମ୍ଭ ହେଉଛି। ଉନ୍ନତ ଗ୍ରାହକ ସେବା ପାଇଁ ସ୍କୋଡା ଭାରତର ୧୮୩ରୁ ଅଧିକ ସହରରେ ୩୨୫ଟି ସେବା କେନ୍ଦ୍ର ଜରିଆରେ 'ୟୁ ନେଭର ଡ୍ରାଇଭ୍ ଏଲୋନ୍' ର ପ୍ରତିଶ୍ରୁତି ପ୍ରଦାନ କରିଛି।

ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସମସ୍ତ ଅତିଥି ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ଏମ୍ପ୍ରିଓ ସ୍କୋଡା ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଛି।

# ସରୁଛି ଅବଧି, ଉଠୁନି ଧାନ: ଧାନବସ୍ତା ରଖି ରାଜରାସ୍ତାରେ ଚାଷୀ



ନୀଳଗିରି, ୨୬/୩ (ନି.ପ୍ର): ସମଗ୍ର ରାଜ୍ୟରେ ଚାଷୀ ନିଜର କଷ୍ଟଲବ୍ଧ ଧାନଶସ୍ୟକୁ ବିକ୍ରିକରିବାକୁ ନେଇ ପ୍ରବଳ ଅସନ୍ତୋଷ ଦେଖାଯାଇଛି। ମାର୍ଚ୍ଚ ୩୧ତାରିଖ ଧାନକିଣାର ଅବଧି ଶେଷହେବାକୁ ଯାଉଥିବା ବେଳେ ବାଲେଶ୍ୱର ଜିଲ୍ଲା,ନୀଳଗିରି ବ୍ଲକ ମାଟିଆଳି ଲ୍ୟାମ୍ପ ଛତ୍ରପୁର ଶାଖାର ଯାମୁନା ଧାନମଣ୍ଡିରେ ଧାନକିଣାକୁ ନେଇ ଆଶଙ୍କାରେ ଥିବା ଚାଷୀ ଶେଷରେ ୧୯ନମ୍ବର ରାଜ୍ୟ ରାଜପଥର ଯାମୁନାଛକଠାରେ, ପ୍ରତିବାଦ ସ୍ୱରୂପ ସଡ଼କ ଉପରେ ଚାଷୀମାନେ ଧାନବସ୍ତା ରଖି ଧାରଣାରେ ବସିଥିଲେ। ସୂଚନାରୁ ଜଣାଯାଇଛି ଉକ୍ତ ମଣ୍ଡିରେ ଚାଷୀଙ୍କ ଟୋକନ ଅବଧି ଶେଷହେବାକୁ ଯାଉଥିଲେ ମଧ,୬୮ଜଣ ଚାଷୀଙ୍କର ୨୨ଶହ କୁଇଣ୍ଟାଲ ଧାନ ଉଠିପାରି ନାହିଁ। ଫଳରେ ଧାନବିକ୍ରି କରିବାରୁ ବଞ୍ଚିତହେବାର ଆଶଙ୍କାକରି ବୁଧବାର ସକାଳ ୭ଘଟିକା ଠାରୁ ଚାଷୀ ଅମରେନ୍ଦ୍ର ନାୟକ,ସମାଜସେବୀ ତଥା ବ୍ଲକ କଂଗ୍ରେସ ସଭାପତି ତପନ କୁମାର ରାଉତ, ମାଧବାନନ୍ଦ ବିଶ୍ୱାଳ, କୃପାସିନ୍ଧୁ ପଣ୍ଡା, ଶ୍ରୀନିବାସ ବାଗ, ଗୋବିନ୍ଦ ସିଂ, ମହେନ୍ଦ୍ର ବେହେରା, ଅନନ୍ତ ସିଂ, ପୀଠହାତା ଗ୍ରାମପଂଚାୟତ ସମିତି ସଭ୍ୟ ପ୍ରଭାକର ବୁଗୁଡ଼ାଇଙ୍କ ନେତୃତ୍ୱରେ ଚାଷୀମାନେ ଏକତ୍ରିତ ହୋଇ ରାସ୍ତାଉପରେ ଧାନବସ୍ତା ରଖି ଧାରଣାରେ ବସିଥିଲେ। ଖବରପାଇ ଏସସିଏସଓ ବିଦ୍ୟୁତଲତା ନାୟକ, ଏମ.ଆଇ ରାଜଲକ୍ଷ୍ମୀପଣ୍ଡା, ଏଆରସିଏସ ବିଷ୍ଣୁ ମୋହନ ମଲ୍ଲିକ ପ୍ରମୁଖ ମାଟିଆଳି ଲ୍ୟାମ୍ପର ଏମଡି ସୁବଳ ବେହେରାଙ୍କ ସହିତ ଘଟଣାସ୍ଥଳରେ ପହଞ୍ଚି ଚାଷୀ ମାନଙ୍କ ସହିତ ଆଲୋଚନାକରି ,ଜିଲ୍ଲା ପ୍ରଶାସନ ଠାରୁ ଅନୁମତି ଆଣି,୬ଶହ କୁଇଣ୍ଟାଲଧାନପାଇଁ ଆଇସ୍କାନ କରାଇ ଥିଲେ। ସଂଧ୍ୟା ସୁଦ୍ଧା ଅବଶିଷ୍ଟ ୧ ଶହ କୁଇଣ୍ଟାଲ ଧାନ ପାଇଁ ଆଇସ୍କାନ କରିବାର ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।

# ରାଜ୍ୟ ଅଗ୍ନିଶମ ଡିଜିଙ୍କ ବୁର୍ଲା ଭିମସାର ପରିଦର୍ଶନ: ଅଗ୍ନି ନିରାପତ୍ତା ବ୍ୟବସ୍ଥାର କଲେ ସମୀକ୍ଷା

ସମ୍ବଲପୁର, ୨୬/୩ (ନି.ପ୍ର): ଓଡ଼ିଶା ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ଡ. ସୁଧାଂଶୁ ଷଡ଼ଙ୍ଗୀ ମଙ୍ଗଳବାର ଦିନ ସମ୍ବଲପୁର ଗସ୍ତରେ ଆସି ବୁର୍ଲାସ୍ଥିତ ଭିମସାର ପରିଦର୍ଶନ କରିଛନ୍ତି। ଏଥି ସହ ଏଠାରେ ଅଗ୍ନି ନିରାପତାର ବ୍ୟବସ୍ଥାର ଅନୁଧ୍ୟାନ ପରେ ସମୀକ୍ଷା କରିଛନ୍ତି। ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମସାର)ର ଅଗ୍ନି ନିରାପତା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ ରାଜ୍ୟ ଅଗ୍ନିଶମ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହି ଅବସରରେ ଭିମସାରରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଡିଜି ଡ. ଷଡ଼ଙ୍ଗୀ ଅଗ୍ନି ନିରାପତା କ୍ଷେତ୍ରରେ ଆବଶ୍ୟକ ବୈଷୟିକ ଜ୍ଞାନକୌଶଳ ସହ ସମସ୍ତ ନିରାପତାମୂଳକ ପଦକ୍ଷେପ, ଆଧୁନିକ ଅଗ୍ନିଶମ ଉପକରଣର ବ୍ୟବହାର ଏବଂ ସାଂଗଠନିକ ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିଥିଲେ। ସେଥିମଧ୍ୟରେ ପ୍ରାକୃତିକ ବୁଦ୍ଧିମତା(ଏଆଇ) କ୍ୟାମେରାର ବ୍ୟବହାର, ବିଦ୍ୟୁତ୍ ସରଞ୍ଜାମର ସୁରକ୍ଷା, କର୍ମଚାରୀଙ୍କୁ ପ୍ରଶିକ୍ଷଣ ଆଦି ପ୍ରସଙ୍ଗରେ ଆଲୋଚନା କରିଥିଲେ। ସେହିପରି ଅଗ୍ନିକାଣ୍ଡ ଅଗ୍ନିକାଣ୍ଡ ଜନିତ ଜରୁରୀକାଳୀନ ପରିସ୍ଥିତିର ଏହାର ମୁକାବିଲା ଏବଂ ବୈଷୟିକ ପ୍ରସ୍ତୁତିକୁ ଅଧିକ ସମନ୍ୱିତ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ନିଜ ବକ୍ତବ୍ୟରେ ସେ କହିଲେ ଭିମସାର ଏକ ବହୁ ପୁରୁଣା ଅନୁଷ୍ଠାନ। ଏଠାରେ ଥିବା ୨୦ଟି କୋଠା ମଧ୍ୟରୁ କିଛି କୋଠା ବହୁ ପୁରୁଣା ଶୈଳିରେ ନିର୍ମାଣ ହୋଇଛି। ତେଣୁ ଏହି ପୁରୁଣା କୋଠା ଗୁଡ଼ିକରେ ୨୦୧୭ ଅଗ୍ନି ନିରାପତା ନିୟମ ଅନୁସାରେ ଆବଶ୍ୟକୀୟ ସଂସ୍କାର ଆଣିବା ପାଇଁ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। ସୁରକ୍ଷିତ ରୋଗୀ ସେବା ଯୋଗାଇବା ପାଇଁ ଅଗ୍ନିଶମ ବିଭାଗ ଓ ଭିମସାର କର୍ତ୍ତୃପକ୍ଷ ମିଳିତ ଭାବେ କାର୍ଯ୍ୟ କରିବାକୁ ଡିଜି ଡ. ଷଡ଼ଙ୍ଗୀ ପରାମର୍ଶ ଦେଇଥିଲେ। ଏହି ଅବସରରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଅଗ୍ନିଶମ ସେବା ଡିଜି ବିଭାଗୀୟ କୋଠା ଗୁଡିକ ବୁଲି ଦେଖିବା ସହ ସେଠାରେ ଥିବା ଅଗ୍ନି ନିରାପତା ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ଯେଉଁ ସବୁ ବିଲଡିଂରେ ତୁରନ୍ତ ସଂସ୍କାରର ଆବଶ୍ୟକ ରହିଛି, ସେଠାରେ କାର୍ଯ୍ୟ ଆରମ୍ଭ ହୋଇଛି ଏଥିସହ ଦୀର୍ଘକାଳୀନ ଭିତିରେ କିଛି ନୂତନ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଡଃ. ଷଡ଼ଙ୍ଗୀ ସୂଚନା ଦେଇଥିଲେ। ବ୍ୟୟବହୁଳ ସଂସ୍କାର ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆବଶ୍ୟକୀୟ ପାଣ୍ଠି ଅନୁମୋଦନ କରାଯାଇଛି, ଯାହାକି ପୂର୍ତ୍ତ ବିଭାଗ ମାଧ୍ୟମରେ ଏହି କାର୍ଯ୍ୟ ଗୁଡିକ କରାଯିବ। ସେହିପରି ଡିଡିଙ୍କ ନିର୍ଦ୍ଦେଶ କ୍ରମେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଏଣିକି ଭିମସାରରେ ଆର୍ଟିଫିସିଆଲ ଇଂଟେଲିଜେନ୍ସ ବା ପ୍ରାକୃତିକ ବୁଦ୍ଧିମତା(ଏଆଇ) ବେସଡ୍ କ୍ୟାମେରାର ସହାୟତା ନିଆଯିବ। ଏହି ସ୍ୱତନ୍ତ୍ର କ୍ୟାମେରା ଗୁଡ଼ିକ ଅଗ୍ନିକାଣ୍ଡର ପୂର୍ବାଭାଷ ଚିହ୍ନଟ କରିବାରେ ସକ୍ଷମ ହେବ। ତେଣୁ ପୂର୍ବରୁ ଲାଗିଥିବା କ୍ୟାମେରା ସ୍ଥାନରେ ଅତ୍ୟାଧୁନିକ କ୍ୟାମେରା ଖଞ୍ଜାଯିବ। ଏହାସହିତ ୨୦୧୭ ଅଗ୍ନି ନିରାପତା ନିୟମ ଅନୁଯାୟୀ ପୁରୁଣା ବିଲଡିଂ ଗୁଡ଼ିକରେ ର୍ୟାମ୍ପ ନିର୍ମାଣ, ଅଗ୍ନି ନିର୍ବାପକ ଯନ୍ତ୍ର ସ୍ଥାପନ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ଅଗ୍ନିଶମ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ରୋଗୀମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆବଶ୍ୟକୀୟ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ବୋନ୍ଦର ପ୍ରତିଶ୍ରୁତି ଦେଇଛନ୍ତି। ଆଜିର ଏହି ସମୀକ୍ଷା ବୈଠକରେ ଉତରାଂଚଳ ଆଇଜି ହିମାଂଶୁ ଲାଲ, ଜିଲ୍ଲାପାଳ ସିଦ୍ଧେଶ୍ୱର ବୋଲିରାମ ବୋନ୍ଦର, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁ, ଭିମସାର ନିର୍ଦ୍ଦେଶକ ପ୍ରଫେସର ଡା. ଲଲମୋହନ ନାୟକ, ଭିମସାର ଅଧ୍ୟକ୍ଷ ପ୍ରଫେସର ଡା. ପ୍ରଦୀପ କୁମାର ମହାନ୍ତିଙ୍କ ସମେତ ଭିମସାର ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟଙ୍କ ସମେତ, ଅଗ୍ନିଶମ ବିଭାଗ ଅଧିକାରୀ, ପୂର୍ତ୍ତ ବିଭାଗ ଅଧିକାରୀ, ଟିପିଡବ୍ଲ୍ୟୁଓଡିଏଲ ଏବଂ ଜିଇଡି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ସର୍ଦ୍ଦାର ପଟେଲଙ୍କ ସ୍ମୃତିରେ ପଦଯାତ୍ରା ଅନୁଷ୍ଠିତ

ପୁରୀ , ୨୬/୩ (ନି.ପ୍ର): ବୁଧବାର ପୂର୍ବାହ୍ନରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଙ୍କ ୧୫୦ ତମ ଜୟନ୍ତୀ ପାଳନ ଅବସରରେ ଏକ ପଦଯାତ୍ରା ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରୁ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। କ୍ରୀଡା ଓ ଯୁବସେବା ବିଭାଗ ଏବଂ ଜିଲ୍ଲା ପ୍ରଶାସନ କ୍ରୀଡା କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପଦଯାତ୍ରା କୁ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପତାକା ଦେଖାଇ ଉଦଘାଟନ କରିଥିଲେ।ନିଜ ବକ୍ତବ୍ୟ ରେ ଶ୍ରୀ ସେଠୀ ଲୌହ ମାନବ ସର୍ଦ୍ଦାର ପଟେଲ ଙ୍କ ଆଦର୍ଶ, ଚରିତ୍ର ଓ ସାହସ ଚିର ବନ୍ଦନୀୟ ବୋଲି କହିଥିଲେ। ଦେଶକୁ ସ୍ୱାଧୀନତା କରିବା ସହ ରାଜାରାଜୁଡା ଓ ଜମିଦାର ଙ୍କୁ ବୁଝାଇ ସେହି ରାଜ୍ୟ ଗୁଡିକୁ ଦେଶରେ ସାମିଲ କରି ଏକ ଦୃଢ, ସାର୍ବଭୌମ ରାଷ୍ଟ୍ର ଗଠନରେ ସର୍ଦ୍ଦାରଙ୍କ ଭୂମିକା ସର୍ବଦା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ।ତାଙ୍କ ଆଦର୍ଶ କୁ ଅନୁସରଣ କରି ପାରିଲେ ଆମ ରାଷ୍ଟ୍ର ସମୃଦ୍ଧ ଓ ବିକଶିତ ହୋଇ ପାରିବ ବୋଲି ଶ୍ରୀ ସେଠୀ ଆହ୍ୱାନ ଦେଇଥିଲେ।

# ଦାମୋଦର ସଂସ୍କୃତ ମହାବିଦ୍ୟାଳୟରେ 'ଇନୋଭେସନ ଏଣ୍ଡ ଷ୍ଟାର୍ଟ ଅପ ପ୍ରୋଗ୍ରାମ'




ଭଦ୍ରକ, ୨୬/୩ (ନି.ପ୍ର): ପୁରୁଣାବଜ଼ାର ସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ' ଇନୋଭେସନ ଏଣ୍ଡ ଷ୍ଟାର୍ଟ ଅପ ପ୍ରୋଗ୍ରାମ' ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡ଼ଃ ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇ ଯାଇଅଛି । ଉକ୍ତ କାର୍ଯ୍ୟକ୍ରମ ରେ ସମ୍ମାନିତ ଅତିଥିଭାବେ ଅଧ୍ୟାପକ ଶୁକଦେବ ପଣ୍ଡା, ପ୍ରଭାତୀ ନାୟକ ଓ ମଞ୍ଜୁଲତା ମହାପାତ୍ର ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କ ଠାରେ ଥିବା ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ କରିବା ସଙ୍ଗେ ସଙ୍ଗେ ନିଜେ ନିଜକୁ ଆତ୍ମନିର୍ଭରଶୀଳ କରିପାରିବା ଏହାର ଉଦ୍ଦେଶ୍ୟ ବୋଲି ମତବ୍ୟକ୍ତ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ମାନ ହେବା ସହ କୃତି ଛାତ୍ରଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ପରିଶେଷରେ ସ୍ୱର୍ଣ୍ଣ ଲତା ପାକଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷର ପାଦଚିହ୍ନ ଛାଡିଯିବାକୁ ରାଉରକେଲା ଇସ୍ପାତ କାରଖାନାର ପ୍ରାକ୍ତନ ସିଇଓ ଶ୍ରୀ ଦୀପକ ଚଟ୍ଟରାଜଙ୍କ ପରାମର୍ଶ



ରାଉରକେଲା, ୨୬/୩ (ନି.ପ୍ର): "ଜୀବନର ପ୍ରତ୍ୟକ କ୍ଷେତ୍ରରେ ଉତ୍କର୍ଷର ପାଦଚିହ୍ନ ଛାଡିଯିବାକୁ", ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ପ୍ରାକ୍ତନ ସିଇଓ ଶ୍ରୀ ଦୀପକ ଚଟ୍ଟରାଜ କାରଖାନା ସାମୂହିକଙ୍କୁ ପରାମର୍ଶ ଦେଇଛନ୍ତି। ଶ୍ରୀ ଚଟ୍ଟରାଜ ମାର୍ଚ୍ଚ ୨୪ ତାରିଖ ଦିନ ଆରଏସପି ଅନ୍ତର୍ଗତ ଜ୍ଞାନାର୍ଜନ ଓ ବିକାଶ ବିଭାଗରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ଅଭିଜ୍ଞତା ବାଣ୍ଟିଥିଲେ। ଏହି ଅବସରରେ ଏମ୍ ଡି-ସିଏମ୍‌ଏଲ୍‌ଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବି. କେ. ଗିରି, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବି. ଆର. ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏମ୍ ପି ସିଂହଙ୍କ ସହ କାରଖାନାର ବହୁ ସିଜିଏମ୍ ଏବଂ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଶ୍ରୀ ଚଟ୍ଟରାଜ ସିଇଓ ଭାବରେ, କୋଭିଡ୍-୧୯ ମହାମାରୀ ସମୟରେ ତାଙ୍କ କାର୍ଯ୍ୟକାଳ ଏକ ଅଭୂତପୂର୍ବ ଆହ୍ୱାନ ଥିଲା ବୋଲି ଉଲ୍ଲେଖ କରି, ଆର୍ ଏସ୍ ପି ସାମୂହିକ କିପରି ସବୁ ପ୍ରତିକୂଳତାକୁ ସଫଳତାରେ ପରିଣତ କରିଥିଲେ ସେ ସମ୍ବନ୍ଧରେ ବିସ୍ତୃତ ଭାବରେ କହିଥିଲେ । ସେ ଆଉ ମଧ ବିଶ୍ୱ ସଙ୍କଟ ସତ୍ତ୍ୱେ, କାରଖାନା କେବଳ ନୂତନ ଉତ୍ପାଦନ ମାନଦଣ୍ଡ ସ୍ଥାପନ କରିନଥିଲା ବରଂ ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିଲା ବୋଲି ଉଲ୍ଲେଖ କରିଥିଲେ। ସେହି ସମୟରେ ଜଟିଳ ପ୍ରଯୁକ୍ତିବିଦ୍ୟା ଏବଂ ପରିଚାଳନାଗତ ବାଧାଗୁଡ଼ିକୁ ଦୂର କରିବା ପାଇଁ କିପରି ଅଣପାରମ୍ପରିକ ରଣନୀତି ଅତ୍ୟାବଶ୍ୟକ ଥିଲା ସେ ତାହା ବ୍ୟାଖ୍ୟା ମଧ କରିଥିଲେ।

ସେ ଏହି ଅବସରରେ ଅଧିକାରୀଙ୍କୁ ଦୃଢ଼ ମନୋଭାବ ଏବଂ ନିରନ୍ତର ଶିକ୍ଷା ପ୍ରତି ପ୍ରତିବଦ୍ଧତାର ସହ ନେତୃତ୍ୱ ନେବାକୁ ଉତ୍ସାହିତ କରିବା ସହ ଆତ୍ମବିଶ୍ୱାସ, ନିଷ୍ଠା ଏବଂ କାରଖାନାର ଉନ୍ନତି ପ୍ରତି ଏକାତ୍ମ ଭାବନା ହେଉଛି ପରିବର୍ତ୍ତନକାରୀ ନେତୃତ୍ୱର ପ୍ରମୁଖ ଲକ୍ଷଣ ବୋଲି ଉଲ୍ଲେଖ କରିଥିଲେ। ସାଂପ୍ରତିକ ସ୍ଥିତି ର ଏକ ଚିନ୍ତନାତ୍ମକ ବିଶ୍ଳେଷଣରେ, ଶ୍ରୀ ଚଟ୍ଟରାଜ ଭୂ-ରାଜନୈତିକ ପ୍ରେକ୍ଷାପଟ ଓ ବିଶ୍ୱ ଇସ୍ପାତ ଶିଳ୍ପ ଏବଂ ଆର ଏସ ପି ର ରଣନୈତିକ ସ୍ଥିତି ଉପରେ ମଧ ଆଲୋଚନା କରିଥିଲେ। ତାଙ୍କ ଅଭିଭାଷଣ ଅନ୍ତେ, ସେ ଆର ଏସ ପି କୁ ଏକ 'ମହାନ କର୍ମ ସଂସ୍ଥାନ' ଭାବରେ ପ୍ରଶଂସା କରି, କାରଖାନା ଏବଂ ଏହାର କର୍ମଚାରୀଙ୍କ ନିରନ୍ତର ସମୃଦ୍ଧି ପାଇଁ ଶୁଭକାମନା ଜଣାଇଥିଲେ। ଅଭିଜ୍ଞତା ଆଦାନ ପ୍ରଦାନ ଅଧିବେଶନ ଜ୍ଞାନର୍ଜନ ଓ ବିକାଶ ବିଭାଗର ଜିଏମ ଶ୍ରୀ ହୃଦାନନ୍ଦ ପତିଙ୍କ ସ୍ୱାଗତ ଭାଷଣରୁ ଆରମ୍ଭ ହୋଇଥିଲାବେଳେ ବିଭାଗର ଜିଏମ ଶ୍ରୀ ପି କେ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୋପରେ ଶ୍ରୀ ଶ୍ରୀ ମା' ଲକ୍ଷ୍ମୀ ମନ୍ଦିର ଓ ଶ୍ରୀ ବଳରାମ ଦାସ ଗାଦି ଶିଳାନ୍ୟାସ

ପୁରୀ, ୨୬/୩ (ନି.ପ୍ର): ଶ୍ରୀ ଶ୍ରୀ ମା ଲକ୍ଷ୍ମୀ ମନ୍ଦିର ଓ ଶ୍ରୀ ବଳରାମ ଦାସ ଗାଦି ଶିଳାନ୍ୟାସ ଉତ୍ସବ ଗୋପ ବ୍ଲକ ବେଦପୁର ପଞ୍ଚାୟତ ଅଧିନସ୍ଥ ବଳରାମ ଦାସ ଗାଦି ଠାରେ ଅନୁଷ୍ଠିତ ହୋଇ ଥିଲା ।ଏଥିରେ ଯୋଗ ଦେଇ ଓ ଭିତ୍ତି ପ୍ରସ୍ତର ସ୍ଥାପନ କରି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଲୋକ ମାନଙ୍କ ର ଅନେକ ଦିନ ର ଆଶା ପୂରଣ ହେବାକୁ ଯାଉଛି ବୋଲି କହିଥିଲେ ।ଭକ୍ତ କବି ବଳରାମ ଦାସ ଜଣେ କବି,ସାଧକ ବା ଭକ୍ତ ଭାବେ ଯେତିକି ପରିଚିତ, ତାଙ୍କ ରଚିତ ଲକ୍ଷ୍ମୀ ପୁରାଣ ରେ ସମାଜ ସଂସ୍କାର,ଛୁଆଁ ଅଛୁଆଁ ବିରୋଧ ଓ ମହିଳା ସଶକ୍ତିକରଣ ର ଚିତ୍ର ବେଶ ପରିସ୍ଫୁଟ ।ସେ ଥିଲେ ଭକ୍ତି ଆନ୍ଦୋଳନ ର ପ୍ରବକ୍ତା ।ଭକ୍ତ ଯୁଗର ପଞ୍ଚସଖା ଙ୍କ ମଧ୍ୟରେ ବଳରାମ ଥିଲେ ଅନ୍ୟତମ ।ନିଜର ଭକ୍ତି, ସମର୍ପଣ ଦ୍ୱାରା ବଳରାମ ମହାପ୍ରଭୁ ଜଗନ୍ନାଥ ଓ ମା ଲକ୍ଷ୍ମୀ ଙ୍କୁ ଏକତ୍ର ଏହି ପୀଠ ରେ ଦର୍ଶନ କରିଥିଲେ ବୋଲି ଏହାକୁ ଗୁପ୍ତ ଶ୍ରୀକ୍ଷେତ୍ର ବୋଲି ମଧ କୁହାଯାଏ ।ଲକ୍ଷ୍ମୀ ପୁରାଣ ଆମ ଓଡ଼ିଆ ସଂସ୍କୃତି, ପରମ୍ପରା ଓ ଐତିହ୍ୟ ର ପ୍ରତୀକ।୨୮ କୋଟି ଟଙ୍କା ବ୍ୟୟ ରେ ଏହା ନିର୍ମାଣ ହେବ ବୋଲି କହିବା ସହ ଏହି ମନ୍ଦିର ପ୍ରତିଷ୍ଠା ଦ୍ୱାରା ପର୍ଯ୍ୟଟନ କ୍ଷେତ୍ର ଅଧିକ ସମୃଦ୍ଧ ହେବ ବୋଲି ଉପ ମୁଖ୍ୟମନ୍ତ୍ରୀ ମତ ବ୍ୟକ୍ତ କରିଥିଲେ। ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗ ଦେଇ ମା ଲକ୍ଷ୍ମୀ କରିଡର ଟି ଭବ୍ୟ ହେବା ସହ ଏହି ଅଞ୍ଚଳର ବିକାଶ ରେ ସହାୟକ ହେବ। ପର୍ଯ୍ୟଟନ ର ବିକାଶ ଆମ ରାଜ୍ୟ କୁ ଶୀର୍ଷ ରେ ପହଞ୍ଚାଇବା ସହ ବିକଶିତ ଓଡିଶା ଓ ବିକଶିତ ରାଷ୍ଟ୍ର ର ସ୍ୱପ୍ନ କୁ ପୂରଣ କରିବ ବୋଲି ସେ କହିଥିଲେ ।ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଏହି ମନ୍ଦିର ନିର୍ମାଣ ପାଇଁ ପ୍ରଶାସନିକ ଅନୁମତି ସହ ଅର୍ଥ ବ୍ୟବସ୍ଥା ହୋଇସାରିଛି ,୧୮ ମାସ ମଧ୍ୟରେ ଏହା ପୂର୍ଣ୍ଣାଙ୍ଗ ହେବ ବୋଲି କହିଥିଲେ। ପଦ୍ମଶ୍ରୀ ପ୍ରଭାକର ମହାରଣା ଯିଏକି ଏହି ମନ୍ଦିର ର ମୁଖ୍ୟ ସ୍ଥପତି ଅଛନ୍ତି ମନ୍ଦିର ନିର୍ମାଣ ଦାୟିତ୍ୱ ତାଙ୍କୁ ମିଳିଥିବାରୁ ସେ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ । କାର୍ଯ୍ୟକ୍ରମ ରେ ଗୋପ ବ୍ଲକ ଉପାଧ୍ୟକ୍ଷ ବନ ରଞ୍ଜନ ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ ଓ ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଉପ ମୁଖ୍ୟମନ୍ତ୍ରୀ ଙ୍କ ବ୍ୟକ୍ତିଗତ ସଚିବ ଅବିନାଶ ରାଉତ,ପୁରୀ ଅତିରିକ୍ତ ଜିଲ୍ଲାପାଳ ନିଳମାଧବ ଭୋଇ, ଗୋପ ବିଡିଓ ସୂର୍ଯ୍ୟ କାନ୍ତ ଦାଶ,ଅଧୀକ୍ଷଣ ଯନ୍ତ୍ରୀ ସୁନିଲ ବେହେରା,ସୁଧୀର ମହାନ୍ତି ଓ ଅନ୍ୟାନ୍ୟ ଅତିଥି ମାନେ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଅବ୍ୟବସ୍ଥା

ଚମ୍ପୁଆ, ୨୬/୩ (ନି.ପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକସ୍ତରୀୟ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅବ୍ୟବସ୍ଥା ମଧ୍ୟରେ ସମ୍ପୂର୍ଣ୍ଣ ହୋଇଥିବାବେଳେ ଏହାକୁ ନେଇ ଛାତ୍ର ଛାତ୍ରୀ ଓ ଅଭିଭାବକ ମହଲରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଖବର ଅନୁସାରେ, ଚମ୍ପୁଆ ବ୍ଲକ ଶିକ୍ଷା ବିଭାଗ ଦ୍ୱାରା ଗତ ୨୩ତାରିଖ ଦିନ ଚମ୍ପୁଆ ବ୍ଲକସ୍ତରୀୟ ସାଧାରଣଜ୍ଞାନ ପ୍ରତିଯୋଗିତା ବ୍ରହ୍ମପୁର କରଞ୍ଜିଆ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ତେବେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ର ଛାତ୍ରୀମାନଙ୍କୁ ସକାଳ ଆଠଟା ସମୟରେ ରିପୋର୍ଟିଂ ଏବଂ ନଅଟା ସମୟରୁ ପରୀକ୍ଷା ହେବା ନିମନ୍ତେ ସୂଚନା ପ୍ରଦାନ କରାଯାଇଥିଲା। ସମସ୍ତ ଅଭିଭାବକ ନିଜ ନିଜ ପିଲାଙ୍କୁ ନେଇ ସକାଳ ଆଠଟାବେଳେ ବିଦ୍ୟାଳୟରେ ପହଂଚିଥିବାବେଳେ ଶିକ୍ଷକମାନେ ମଧ ବିଦ୍ୟାଳୟରେ ଉପସ୍ଥିତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଚମ୍ପୁଆ ବ୍ଲକ ଶିକ୍ଷା ଅଧିକାରୀ କ୍ଷେତ୍ରମୋହନ ହାଁସଦା, ସମ୍ମାନୀତ ଅତିଥି ଭାବେ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ତଥା ବିଆର୍‌ସିସି ସୁମିତ ତ୍ରିପାଠୀ, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ନରେନ୍ଦ୍ର କୁମାର ନାଏକ, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ମୁକୁନ୍ଦ ଚରଣ ସାହୁ, କରଞ୍ଜିଆ ସରପଂଚ ସୁପ୍ରିୟା ମୁଣ୍ଡା, ପଂଚାୟତ ସମିତି ସଭ୍ୟ ଚନ୍ଦ୍ର ମୋହନ ନାଏକ ପ୍ରମୁଖ ଯୋଗଦେବା ନିମନ୍ତେ ପୂର୍ବ ପ୍ରସ୍ତୁତି ରହିଥିବାବେଳେ ପରୀକ୍ଷା ଶୁଭାରମ୍ଭ ନିମନ୍ତେ ଦୀର୍ଘ ଦୁଇଘଂଟାରୁ ଉର୍ଦ୍ଧ୍ୱ ସମୟ ଧରି କୌଣସି ଶିକ୍ଷା ଅଧିକାରୀଙ୍କର ଦେଖା ମିଳିନଥିଲା। ଏମିତିକି କାର୍ଯ୍ୟକ୍ରମ ଦାୟିତ୍ୱରେ ଥିବା ସିଆର୍‌ସିସିଙ୍କର ମଧ ବିଦ୍ୟାଳୟରେ ପାଦ ପଡ଼ିନଥିଲା। ତେବେ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ତଥା ବିଆର୍‌ସିସି ସୁମିତ ତ୍ରିପାଠୀ ବିଦ୍ୟାଳୟରେ ଉପସ୍ଥିତ ଥାଇ ମଧ କାର୍ଯ୍ୟାଳୟ ଭିତରୁ ବାହାରକୁ ବାହାରି ନଥିବା ସହିତ ବ୍ଲକ ଶିକ୍ଷା ଅଧିକାରୀ ନଆସିଲେ କିଛି ହେବନାହିଁ କହି କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇ ନଥିଲେ କି ପିଲାଙ୍କ ପାଇଁ କୌଣସି ଜଳଖିଆ ବ୍ୟବସ୍ଥା ମଧ କରି ନଥିଲେ। ଫଳରେ ଛାତ୍ର ଛାତ୍ରୀମାନେ ଦୀର୍ଘ ସମୟଧରି ଭୋକ ଓପାସରେ ପରୀକ୍ଷା ଦେବା ପାଇଁ ଅଧିକାରୀଙ୍କୁ ଅପେକ୍ଷା କରିଥିବାବେଳେ ଏହାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ପ୍ରାୟ ଦଶଟା ତିରିଶି ମିନିଟ ବେଳକୁ ଜଣେ ଜଣେ ଅଧିକାରୀ ଆସି ପହଂଚିବା ପରେ କାର୍ଯ୍ୟକ୍ରମ ଆଗକୁ ବଢ଼ିଥିଲା। ତେବେ ଅଧିକାରୀମାନେ ଛାତ୍ର ଛାତ୍ରୀଙ୍କୁ ଆଠଟାବେଳୁ ଡାକି ଦେଇ ଦୀର୍ଘ ସମୟ ଧରି କାହିଁକି କେହି ଆସିନଥିଲେ ତାହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଥିବାବେଳେ ଖୋଦ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଘର ପଛପଟେ ଯଦି ଶିକ୍ଷା ଅଧିକାରୀଙ୍କ ଏହିପରି ମନମାନି ବେପରୁଆ କାର୍ଯ୍ୟ ବ୍ୟବସ୍ଥା ତେବେ ଅନ୍ୟ ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥା କଣ ହେଉଥିବ ବୋଲି ସାଧାରଣରେ ଆଲୋଚନା ଜୋର ଧରିଥିଲା। ଅନ୍ୟପକ୍ଷେ ବିଦ୍ୟାଳୟରେ ପରୀକ୍ଷା ବିଳମ୍ବ ହେତୁ ଛାତ୍ର, ଛାତ୍ରୀ ଭୋକ ଉପାସରେ ଆଉଟୁ ପାଉଟୁ ହୋଇ ରହିଥିବା ବେଳେ ବିଭାଗ ପକ୍ଷରୁ କରାଯାଇଥିବା ଅନ୍ୟାନ୍ୟ କାର୍ଯ୍ୟକ୍ରମ ସବୁ ମଧ ବିଳମ୍ବ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀ ଅଭିଭାବକ, ଶିକ୍ଷକ ସମସ୍ତଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା ହୋଇଥିବାବେଳେ ସେଥିରେ ମଧ ଅବ୍ୟବସ୍ଥା ରହିଥିବା ଆଲୋଚନାର ବିଷୟ ପାଲଟିଥିଲା। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ସିଆରସିସିଙ୍କୁ ପଚାରିବାରୁ ବିଳମ୍ବ ଜନିତ ଅବ୍ୟବସ୍ଥାକୁ ଶିକାର କରିଥିବାବେଳେ ମୁଁ ଅନୁପସ୍ଥିତ ଥିବାରୁ ଅଧିକ କିଛି ଜାଣି ନାହିଁ ବୋଲି କହିଥିଲେ। ତେଣୁ ଏହା ଉପରେ ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସାଧାରଣରେ ଦାବି ହେଉଛି।

# ଜନଗଣନା ପାଇଁ ଚାଲିଥିବା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ

## କୌଣସି ପରିବାର ଯେପରି ଗଣନାରୁ ବାଦ ନପଡ଼ନ୍ତି ସେଥିପାଇଁ ସମସ୍ତେ ନେଲେ ଶପଥ




ଉଦଳା, ୨୬/୩ (ନି.ପ୍ର): ସରକାରଙ୍କ ନିର୍ଦ୍ଦେଶରେ ଭାରତର ଜନଗଣନା- ୨୦୨୭ ପାଇଁ ନିୟୋଜିତ ଥିବା କର୍ମଚାରୀ ମାନଙ୍କର ଏକ ପ୍ରଶିକ୍ଷଣ ଶିବିର ଆଜି ମାର୍ଚ୍ଚ ୨୬ ତାରିଖ ଗୁରୁବାର ଦିନ ଉଦ୍‌ଯାପିତ ହୋଇ ଯାଇଛି । ମାର୍ଚ୍ଚ ୨୩ ତାରିଖ ସୋମବାର ଦିନ ସ୍ଥାନୀୟ ସନ୍ଧାନଗୃହ ପରିସରରେ ଏହି ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ବିଜ୍ଞାପିତ ଅଂଚଳ ପରିଷଦ ଉଦଳାର ନିର୍ବାହୀ ଅଧିକାରୀ ପ୍ରିୟରଂଜନ ଜେନା, ନଗରପାଳ ପ୍ରମିଳା ପଣ୍ଡା, ଏନ୍.ଏ.ସି. କର୍ମଚାରୀ ସଂଜୟ କୁମାର ପାଢ଼ି ଓ ସିଆରସିସି ଗୌର କିଶୋର ବିଦ୍ଧାଣି ପ୍ରମୁଖ ଶିବିର ପରିଚାଳନାର ନେତୃତ୍ୱ ନେଇଥିଲେ । ଚାରିଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବରେ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର ଅଧ୍ୟାପକ ରବିନାରାୟଣ ମହାପାତ୍ର ଓ ଅଧ୍ୟାପକ ବିବେକାନନ୍ଦ ଦାସବାବୁ ତାଲିମ ପ୍ରଦାନ କରିଥିଲେ । ଉଦଳା ଉଚ୍ଚବିଦ୍ୟାଳୟ, ଉଦଳା ଉଚ୍ଚ ବାଳିକା ବିଦ୍ୟାଳୟ, ନାଗପାଳ ଉଚ୍ଚ ବିଦ୍ୟାଳୟ, ନାଗପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମେଣ୍ଢାଖାଇ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଉଦଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଭୃତିରୁ ମୋଟ ୩୬ ଜଣ ଶିକ୍ଷକ/ଶିକ୍ଷୟିତ୍ରି ଏହି ତାଲିମ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଗଣନା ଦାୟିତ୍ୱରେ ଥିବା ଏହି କର୍ମଚାରୀ ମାନେ ଘରକୁ ଘର ବୁଲି କିଭଳି ଢ଼ଙ୍ଗରେ ଲୋକଙ୍କୁ ଭେଟିବେ ଓ କଣ ପଚାରିବେ ଏବଂ ତାଙ୍କଠାରୁ ସଂଗୃହିତ ତଥ୍ୟକୁ ମୋବାଇଲ ଆପ ମାଧ୍ୟମରେ କିପରି ପ୍ରେରଣ କରିବେ ସେ ବିଷୟରେ ବିସ୍ତୃତ ତାଲିମ ପ୍ରଦାନ କରାଯାଇଛି । ଏହି କର୍ମଚାରୀ ମାନେ କେବଳ ଉଦଳା ବିଜ୍ଞାପିତ ଅଂଚଳ ପରିଷଦ ମଧ୍ୟରେ ଥିବା ୧୨ଗୋଟି ୱାର୍ଡ଼ରେ ନିଜର ଦାୟିତ୍ୱ ତୁଲାଇବେ ବୋଲି ଜଣାଯାଇଛି । ଉଦ୍‌ଯାପନ ଉତ୍ସବର ଶେଷରେ ସମସ୍ତେ ଶପଥପାଠ କରିବା ସହ ନିଜ ନିଜର ଦାୟିତ୍ୱ ଠିକ୍ ଭାବରେ ତୁଲାଇବେ ବୋଲି ବ୍ୟକ୍ତ କରିଥିଲେ । ଜନଗଣନାର ରେକର୍ଡ଼କୁ କେନ୍ଦ୍ର କରି ପରବର୍ତି ସମୟରେ ବଜେଟ ପ୍ରସ୍ତୁତ ହୋଇଥାଏ । ଯାହାକି ଦେଶର ବିକାଶ ପାଇଁ ନିଆଯିବାକୁ ଥିବା ପଦକ୍ଷେପ ଉପରେ ସରକାର ନିର୍ଭରଶିଳ ହୋଇଥାନ୍ତି ବୋଲି ନଗରପାଳ ଶ୍ରୀମତୀ ପଣ୍ଡା ବ୍ୟକ୍ତ କରିବା ସହ ନିର୍ଭୁଲ ତଥ୍ୟ ପ୍ରଦାନ କରିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଶେଷରେ ପ୍ରମୋଦ ଦାସ ଧନ୍ୟବାଦ ଅର୍ପଣ ପୂର୍ବକ ତାଲିମ କାର୍ଯ୍ୟକ୍ରମର ଯବନିକା ପକାଇଥିଲେ ।

# ମହିଳା ଚାଲାଣ ପ୍ରତିରୋଧ ସମ୍ପର୍କିତ ଜିଲ୍ଲାସ୍ତରୀୟ କର୍ମଶାଳା



ବାଲେଶ୍ୱର, ୨୬/୩ (ନି.ପ୍ର): ଆଜି ଜିଲ୍ଲା ପ୍ରଶାସନ ଓ ଓଡ଼ିଶା ରାଜ୍ୟ ମହିଳା ଆୟୋଗ ର ମିଳିତ ଆନୁକୂଲ୍ୟରେ ମହିଳା ଚାଲାଣ ପ୍ରତିରୋଧ ସମ୍ପର୍କିତ ଜିଲ୍ଲା ସ୍ତରୀୟ ଏକ ଦିବସୀୟ କର୍ମଶାଳା ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର ଠାରେ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ଅନୁଷ୍ଠିତ ହୋଇଥିଲା । ଏହି କର୍ମଶାଳା ମାନ୍ୟବର ଓଡ଼ିଶା ରାଜ୍ୟ ମହିଳା ଆୟୋଗ, ଅଧ୍ୟକ୍ଷା ଶ୍ରୀମତୀ ଶୋଭନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ସମ୍ପାଦନ ହୋଇଥିଲା । ଉକ୍ତ କର୍ମଶାଳାରେ ମୁଖ୍ୟ ଅତିଥିଭାବେ ସରକାରୀ ଦଳର ଉପମୁଖ୍ୟ ସଚେତକ ତଥା ମାନ୍ୟବର ରେମୁଣା ବିଧାୟକ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗ ଦେଇଥିଲେ । ତାଙ୍କ ସହିତ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ଡ. ମଧୁସ୍ମିତା ସାମନ୍ତରାୟ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀଯୁକ୍ତ ନିରଞ୍ଜନ ବେହେରା (ରିସର୍ସ ପରସନ), ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ଜ୍ୟୋସ୍ନା ମହାନ୍ତି, ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧିକାରୀ, ପୋଲିସ ଉପ ଅଧିକ୍ଷକ(ମାନବ ଚାଲାଣ ବିରୋଧୀ ୟୁନିଟ୍), ବ୍ଲକ୍ ଅଧ୍ୟକ୍ଷ/ଅଧ୍ୟକ୍ଷା ଏବଂ ପରିଷଦ ସଦସ୍ୟ/ସଦସ୍ୟାଙ୍କ ସମେତ ଅନ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ହୋଇ 'ମହିଳା ଚାଲାଣ' ଶବ୍ଦଟି ଆମ ସମାଜର ମୂଲ୍ୟବୋଧ ଓ ମାନବିକତାକୁ କ୍ଷୁର୍ଣ୍ଣ କରିଥାଏ । ଏହା ବିଶେଷକରି ଗ୍ରାମାଞ୍ଚଳରେ ବସବାସ କରୁଥିବା ଆର୍ଥିକ ଦୁର୍ବଳ ଏବଂ ଦରିଦ୍ର ଶ୍ରେଣୀ, ଅଶିକ୍ଷିତ ଓ ବେକାରୀ ମହିଳାମାନେ ଏହାର ଅଧିକ ଶିକାର ହୋଇଥାନ୍ତି । ଏହାକୁ ରୋକିବା ପାଇଁ ସରକାର ଆଇନ ଦ୍ୱାରା ବ୍ୟାପକ ବ୍ୟବସ୍ଥା କରିଛନ୍ତି, ମାତ୍ର ଏହା ଖାଲି ଆଇନ୍ ବ୍ୟବସ୍ଥା ଉପରେ ନିର୍ଭର କଲେ ହେବ ନାହିଁ ବରଂ ମହିଳା ମାନଙ୍କର ସୁରକ୍ଷା ଓ ସମ୍ମାନକୁ ସୁନିଶ୍ଚିତ କରାଇବାକୁ ହେଲେ, ଆମେ ସମସ୍ତେ ମିଶି ସଚେତନ ହେବା ସଂଗେ ସଂଗେ ପ୍ରଶାସନିକ ସେବା ମାଧ୍ୟମରେ ତୃଣମୂଳ ସ୍ତରରେ ସମସ୍ତଙ୍କୁ ସଚେତନ କରାଇବା ଆବଶ୍ୟକ, ତେବେ ନିଶ୍ଚିତ ଭାବେ ଏହି ଅପରାଧକୁ ରୋକାଯାଇପାରିବ ବୋଲି ଅତିଥିମାନେ ମନ୍ତବ୍ୟ ରଖିଥିଲେ । ଉକ୍ତ କର୍ମଶାଳାକୁ ବିଶେଷ ଉଦବୁଦ୍ଧ କରିବା ନିମନ୍ତେ ଜିଲ୍ଲାର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ପର୍ଯ୍ୟବେକ୍ଷକ, ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ, ସରପଞ୍ଚ, ୱାର୍ଡମେମ୍ବର,ସମିତି ସଭ୍ୟ/ସଭ୍ୟା, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, କିଶୋରୀ ବାଳିକା ଓ ଅନ୍ୟ ମହିଳା ମାନଙ୍କ ସହିତ ଜିଲ୍ଲା ମହିଳା ସଶକ୍ତିକରଣ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ପ୍ରକଳ୍ପ ସଂଯୋଜକ (ମମତା) ବାମଦେବ ପାଣିଗ୍ରାହୀ ମଞ୍ଚ ସଂଚାଳନ କରିଥିଲେ । ସର୍ବଶେଷରେ ମହିଳା କମିଶନ ସଦସ୍ୟ ଅରବିନ୍ଦ ପଟ୍ଟନାୟକ ଉପସ୍ଥିତ ସମସ୍ତ ସମ୍ମାନିତ ବ୍ୟକ୍ତି ବିଶେଷ ଓ ଅଂଶଗ୍ରହଣକାରୀମାନଙ୍କୁ ଧନ୍ୟବାଦ ଜ୍ଞାପନ କରି କର୍ମଶାଳାକୁ ଉଦଯାପିତ କରିଥିଲେ ।

# ମହାତ୍ମାଗାନ୍ଧି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଂଶୁଘାତ ଜନିତ ସଚେତନତା




ବୈଶିଙ୍ଗା, ୨୬/୩ (ନି.ପ୍ର): ମୟୂରଭଞ୍ଜ ଜିଲାର ବୈଶିଙ୍ଗା ସ୍ଥିତ ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ରେଡକ୍ରସ୍ ଓ ଏନଏସଏସ ର ମିଳିତ ସହଯୋଗରେ ଗ୍ରୀଷ୍ମ ପ୍ରବାହ (ଅଂଶୁଘାତ) ସଚେତନତା କାର୍ଯ୍ୟକ୍ରମ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ବେହେରା ପ୍ରାରମ୍ଭିକ ଅଭିଭାଷଣରେ ଏପରି ସଚେତନତା ମୂଳକ କାର୍ଯ୍ୟକ୍ରମର ଆବଶ୍ୟକତା ଓ ଗୁରୁତ୍ୱ ସମ୍ପର୍କରେ ଉଲ୍ଲେଖ କରିଥିଲେ ଏବଂ ଛାତ୍ରୀଛାତ୍ର ମାନଙ୍କୁ ସତର୍କ ଓ ସଚେତନ ରହିବାକୁ ପରାମର୍ଶ ଦେଇଥିଲେ । ଓଡିଶା ସରକାରଙ୍କ ଦ୍ୱାରା ପ୍ରକୃତି ବନ୍ଧୁ, ପ୍ରକୃତି ମିତ୍ର ଓ ଶିମିଳି ପାଳ ବନ୍ଧୁ ଉପାଧି ପ୍ରାପ୍ତ ବିଶିଷ୍ଟ ପରିବେଶବିତ ପ୍ରଭାତ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗ୍ରୀଷ୍ମ ପ୍ରବାହର କାରଣ, ପ୍ରଭାବ ଓ ପ୍ରତିରୋଧମୂଳକ ପଦକ୍ଷେପ ବିଷୟରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ବିଜୟ କୁମାର ତ୍ରିପାଠୀ ଓ ସୁବାଷ ଚନ୍ଦ୍ର ମହାପାତ୍ର ମଧ ଛାତ୍ରୀଛାତ୍ର ମାନଙ୍କୁ ଆଗାମୀ ତିନି ମାସ ପ୍ରବଳ ଗ୍ରୀଷ୍ମପ୍ରବାହର ସମ୍ଭାବନା ଥିବା ଯୋଗୁଁ ସଚେତନ ଓ ସତର୍କ ରହିବା ପାଇଁ ପରାମର୍ଶ ଦେଇଥିଲେ । ଅନ୍ୟ ପକ୍ଷରେ ରେଡକ୍ରସ୍ ଅଧିକାରୀ ତଥା ଅଧ୍ୟାପକ ମହେନ୍ଦ୍ର କୁମାର କର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଏବଂ ଏନଏସଏସ୍ ଅଧିକାରୀ ତଥା ଅଧ୍ୟାପକ ଜୀତେନ୍ଦ୍ର ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାମେଶ୍ୱରମର ସାତ ଜଣ ମତ୍ସ୍ୟଜିବୀଙ୍କୁ ଗିରଫ କଲା ଶ୍ରୀଲଙ୍କା ନୌସେନା

ନୂଆଦିଲ୍ଲୀ,୨୬/୩ : ଗୁରୁବାର ସକାଳେ ତାମିଲନାଡୁର ରାମେଶ୍ୱରମ୍ ବନ୍ଦରରୁ ଅନୁମତି ନେଇ ସମୁଦ୍ରରେ ମାଛ ଧରିବାକୁ ଯାଇଥିବା ସାତ ଜଣ ମତ୍ସ୍ୟଜୀବୀଙ୍କୁ ଶ୍ରୀଲଙ୍କା ନୌସେନା କର୍ମଚାରୀମାନେ ଗିରଫ କରିଛନ୍ତି । ସେମାନଙ୍କ ଠାରୁ ଦୁଇଟି ମୋଟରବୋଟ୍ ମଧ୍ୟ ଜବତ କରାଯାଇଛି । ଯାହାକୁ ନେଇ ଆଖପାଖ ଅଂଚଳର ମତ୍ସ୍ୟଜୀବୀଙ୍କ ମଧ୍ୟରେ ଆକ୍ରୋଶ ଭାବ ପରିଲକ୍ଷିତ ହୋଇଛି । ଶୁଣାଯାଉଛି ଯେ, ଆଜି ବନ୍ଦରରୁ ଅନୁମତି ନେଇ ଅନେକ ମତ୍ସ୍ୟଜୀବୀ ସମୁଦ୍ରରେ ମାଛ ଧରିବାକୁ ଯାଇଥିଲେ । ଠିକ୍ ସେତିକି ବେଳେ ନେଦୁତିବୁ(ଡେଲଫ୍ଟ ଦ୍ୱୀପ) ନିକଟରେ ପାଟ୍ରୋଲିଂ କରୁଥିବା ଶ୍ରୀଲଙ୍କା ନୌସେନା ସୀମା ପାର୍ କରିବା ଅଭିଯୋଗରେ ସାତ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଥିଲା । ଶ୍ରୀଲଙ୍କା ନୌସେନା ସେମାନଙ୍କର ଦୁଇଟି ମୋଟରବୋଟ୍ ମଧ୍ୟ ଜବତ କରିଥିଲେ । ଶ୍ରୀଲଙ୍କା ସେନା କର୍ମଚାରୀମାନେ ସମସ୍ତ ସାତ ଜଣ ଗିରଫ ମତ୍ସ୍ୟଜୀବୀଙ୍କୁ କାଙ୍ଗେସନ୍ ନୌସେନା ଶିବିରକୁ ନେଇଯାଇଥିଲେ, ଯେଉଁଠାରେ ସେମାନଙ୍କୁ ସେମାନଙ୍କର କଥିତ ସୀମା ପାର୍ ମାଛ ଧରିବା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ପଚରାଉଚରା କରାଯାଉଛି । ଶିବିରରେ ପଚରାଉଚରା ପରେ, ମତ୍ସ୍ୟଜୀବୀଙ୍କୁ ମନ୍ନାର ଜିଲ୍ଲାର ମତ୍ସ୍ୟ ବିଭାଗ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଥିଲା । ଏହାପରେ ସେମାନଙ୍କୁ କୋର୍ଟରେ ହାଜର କରାଯାଇ ଜେଲ୍ ପଠାଯିବାର ସମ୍ଭାବନା ରହିଛି ।

# ଆଳି ଜାଭିଅର ଇଣ୍ଟେର ନେସନାଲ ସ୍କୁଲ ଆଫିଲେସନ ପାଇଲା



ଆଳି , ୨୬/୩ (ନି.ପ୍ର): ଆଳି ନିଆଳସ୍ଥ ଜାଭିଅର ଇଣ୍ଟରନେସନାଲ ସ୍କୁଲ କୁ ଦିଲ୍ଲୀ ସି ବି ଏସ ଇ ପକ୍ଷରୁ ସ୍କୁଲ ର ନବମ, ଦଶମ ଓ ଏକାଦଶ ଶ୍ରେଣୀ କୁ ଆଫିଲେସନ ମିଳିଛି । ଏହି ଖବର ମିଳିବା ପରେ ସ୍କୁଲ ର ପରିଚାଳନା ପରିଷଦ, ଶିକ୍ଷକ, ଛାତ୍ରଛାତ୍ରୀ ଓ ଛାତ୍ରାଭିଭାବକ ମହଲରେ ଆନ୍ଦର ଲହରୀ ଖେଳିଯାଇଛି । ଏହା ପରେ ସ୍କୁଲ ପରିସରରେ ସମସ୍ତ ଙ୍କୁ ନେଇ ଏକ ଉତ୍ସବ ପାଳନ କରାଯାଇଥିଲା । ସ୍କୁଲ ର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ସମାଜସେବୀ କୃଷ୍ଣଚନ୍ଦ୍ର ପଣ୍ଡା ଏହି ଉତ୍ସବ ରେ ଯୋଗ ଦେଇ କହିଲେ ଯେ ଆମ ବିଦ୍ୟାଳୟ ର ଶିକ୍ଷା ଉନ୍ନତ ମାନର ହେବା ଉଚିତ, ଯେପରି ଏହା ପିଲାମାନଙ୍କ ଶୈକ୍ଷିକ, ବଦ୍ଧିକ, ଶାରୀରିକ କ୍ଷେତ୍ରରେ କାର୍ଯ୍ୟକାରୀ ହେଇପାରିବ ।ବିଦ୍ୟାଳୟ ର ନିର୍ଦ୍ଦେଶିକା ଜୟଶ୍ରୀ ପଣ୍ଡା ତାଙ୍କର ପ୍ରତିକ୍ରିୟା ପ୍ରକାଶ କରି କହିଥିଲେ ଯେ ମାନବ ସମ୍ବଳର ବିକାଶ ହେଲେ ଦେଶର ଉନ୍ନତି ହେବ ।. ଆମର ଲକ୍ଷ୍ୟ ରହିବ ଯେପରି ଏହି ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନେ କେବଳ ଭଲ ଛାତ୍ରଛାତ୍ରୀ ନୁହେଁ ସମାଜରେ ଜଣେ ଜଣେ ଭଲ ମଣିଷ ହୋଇପାରିବେ ।ଶିକ୍ଷା କେବଳ ପୁସ୍ତକରେ ଆବଦ୍ଧ ନ ହେଉ । ଏହାର ପରିସର ଏତେ ବ୍ୟାପକ ହେଉ ଯେପରି ଅନ୍ୟମାନେ ଏହା ଦ୍ୱାରା ପ୍ରଭାବିତ ହେବେ । ଏହି ଆଫିଲେସନ ଦ୍ୱାରା ଛାତ୍ରଛାତ୍ରୀ ମାନେ ଏଠାରେ ଯୁକ୍ତ ଦୁଇ ପର୍ଯ୍ୟନ୍ତ ପାଠ ପଢିପାରିବେ ।ଅନ୍ୟ ମାନଙ୍କ ମଧ୍ୟରେ ମୁଖ୍ୟ ଉପଦେଷ୍ଟା ବୈଦ୍ୟନାଥ ମହାନ୍ତି, ଉପାଧ୍ୟକ୍ଷ ଅକ୍ଷୟ କୁମାର ପଣ୍ଡା ଓ ସ୍କୁଲ ପ୍ରଶାସକ ସ୍ୱାଧୀନ ଦାସ କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ ।

# ସୁନାରୂପା ବଜାରରେ ଚମକିଲା ସୁନା, ଚାନ୍ଦି ମୂଲ୍ୟ ବି ବୃଦ୍ଧି

ନୂଆଦିଲ୍ଲୀ, ୨୬/୩ (ନି.ପ୍ର): ଦେଶର ସର୍ରାଫା ବଜାରରେ ଆଜି ସୁନା ଓ ରୂପାର ଦାମରେ ବୃଦ୍ଧି ଦେଖାଯାଇଛି । ଆରମ୍ଭିକ ବ୍ୟବସାୟ ସମୟରେ ସୁନାର ଦାମ ୩,୪୭୦ ଟଙ୍କା ପ୍ରତି ୧୦ ଗ୍ରାମରୁ ୩,୭୮୦ ଟଙ୍କା ପ୍ରତି ୧୦ ଗ୍ରାମ ପର୍ଯ୍ୟନ୍ତ ବଢ଼ିଛି । ଯଦିଓ ରୂପାର ଦାମରେ ଆଜି ପ୍ରତି କିଲୋଗ୍ରାମକୁ ୧୦୦ ଟଙ୍କାର ସାଙ୍କେତିକ ବୃଦ୍ଧି ରେକର୍ଡ ହୋଇଛି । ଦାମ ବଢ଼ିବାର କାରଣରୁ ଦେଶର ଅଧିକାଂଶ ସର୍ରାଫା ବଜାରରେ ୨୪ କ୍ୟାରେଟ ସୁନା ଆଜି ୧,୪୬,୬୮୦ ଟଙ୍କାରୁ ୧,୪୬,୮୩୦ ଟଙ୍କା ପ୍ରତି ୧୦ ଗ୍ରାମ ସ୍ତରରେ ବ୍ୟବସାୟ ହେଉଛି । ଏହିପରି ୨୨ କ୍ୟାରେଟ ସୁନା ଆଜି ୧,୩୪,୪୬୦ ଟଙ୍କାରୁ ୧,୩୪,୬୧୦ ଟଙ୍କା ପ୍ରତି ୧୦ ଗ୍ରାମ ମଧ୍ୟରେ ବିକ୍ରିହେଉଛି । ରୂପାର ଦାମରେ ମଧ୍ୟ ବୃଦ୍ଧି ହେବାରୁ ଏହି ଚମକଦାର ଧାତୁ ଆଜି ଦିଲ୍ଲୀ ସର୍ରାଫା ବଜାରରେ ପ୍ରତି କିଲୋଗ୍ରାମ ୨,୫୦,୧୦୦ ଟଙ୍କାରେ ବିକ୍ରି ହେଉଛି । ଦିଲ୍ଲୀରେ ଆଜି ୨୪ କ୍ୟାରେଟ ସୁନା ୧,୪୬,୮୩୦ ଟଙ୍କା ପ୍ରତି ୧୦ ଗ୍ରାମରେ ବ୍ୟବସାୟ ହେଉଛି, ଯେଉଁଥିରେ ୨୨ କ୍ୟାରେଟ ସୁନାର ଦାମ ୧,୩୪,୬୧୦ ଟଙ୍କା ପ୍ରତି ୧୦ ଗ୍ରାମ ରହିଛି । ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇରେ ୨୪ କ୍ୟାରେଟ ସୁନା ୧,୪୬,୬୮୦ ଟଙ୍କା ପ୍ରତି ୧୦ ଗ୍ରାମ ଏବଂ ୨୨ କ୍ୟାରେଟ ସୁନା ୧,୩୪,୪୬୦ ଟଙ୍କା ପ୍ରତି ୧୦ ଗ୍ରାମରେ ବିକ୍ରି ହେଉଛି । ସେହିପରି ଅହମଦାବାଦରେ ୨୪ କ୍ୟାରେଟ ସୁନାର ଖୁଦ୍ର ମୂଲ୍ୟ ୧,୪୬,୭୩୦ ଟଙ୍କା ପ୍ରତି ୧୦ ଗ୍ରାମ ଏବଂ ୨୨ କ୍ୟାରେଟ ସୁନାର ଦାମ ୧,୩୪,୫୧୦ ଟଙ୍କା ପ୍ରତି ୧୦ ଗ୍ରାମ ରେକର୍ଡ କରାଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଜନଅସନ୍ତୋଷ ପରେ...

ସମେତ ମନ୍ତ୍ରୀ-ବାଚସ୍ପତିଙ୍କ ଦରମା ସଂକ୍ରାନ୍ତୀୟ ୪ଟି ବିଲ୍ ଗୃହରେ ପାରିତ କରାଇ ନେଇଥିଲେ । ଏହି ବିଲକୁ ସେବେ ବିଜେପି, ବିଜେଡି ଓ କଂଗ୍ରେସ ବିଧାୟକମାନେ ସର୍ବସମ୍ମତିକ୍ରମେ ସମର୍ଥନ କରିଥିଲେ । କେବଳ ସିପିଆଇଏମ୍ ବିଧାୟକ ଏହି ବିଲକୁ ସେବେ ବିରୋଧ କରିଥିଲେ । ଏହି ବିଲରେ ବିଧାୟକମାନଙ୍କ ଦରମା ୧ଲକ୍ଷରୁ ସାଢ଼େ ୩ଲକ୍ଷ ଟଙ୍କାକୁ ବୃଦ୍ଧି ସହ ପୂର୍ବତନ ବିଧାୟକମାନଙ୍କୁ ପେନସନ ଓ ଅନ୍ୟାନ୍ୟ ଭତ୍ତା ମିଶାଇ ସର୍ବନିମ୍ନ ମୋଟ୍ ପ୍ରାୟ ୧ଲକ୍ଷ ଟଙ୍କା ମାସିକ ଦେବାର ପ୍ରାବଧାନ ହୋଇଥିଲା । ଏହି ବର୍ଦ୍ଧିତ ଦରମା ଓ ପେନସନ ପିଛିଲା ଭାବେ ୨୦୨୪ ଜୁନରୁ ଲାଗୁ ହେବ ବୋଲି ମଧ୍ୟ ବିଲରେ ବ୍ୟବସ୍ଥା ରହିଥିଲା । ତେବେ ୨୦୨୫ ଡିସେମ୍ବର ୧୦ତାରିଖରେ ଏହି ବିଲ୍ ପାରିତ ହେବାପରେ ରାଜ୍ୟବ୍ୟାପୀ ତୀବ୍ର ଜନଆକ୍ରୋଶ ଦେଖିବାକୁ ମିଳିଥିଲା । ସୋସିଆଲ ମିଡିଆରେ ପ୍ରବଳ ସମାଲୋଚନା ହୋଇଥିଲା । ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିଜେ ବର୍ଦ୍ଧିତ ଦରମା ନେବେ ନାହିଁ ବୋଲି ଡିସେମ୍ବର ୧୩ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଜଣାଇବା ପରେ ରାଜ୍ୟ ରାଜନୀତିକୁ ଉଷ୍ମ ହୋଇଥିଲା । ଏହାର ସପ୍ତାହେ ନପୁରୁଣୁ ବିଜେପି ବିଧାୟକମାନେ ମଧ୍ୟ ବର୍ଦ୍ଧିତ ଦରମା ବିଲ୍ ପ୍ରତ୍ୟାହାର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଲିଖିତ ଭାବେ ଅନୁରୋଧ କରିଥିଲେ । ତେବେ ଙଯସସ୍ୱଷବ ଇସ୍ୱସ୍ୱରଙ୍କଭକ୍ଷଚ ରେ ବିଜେପି,ବିଜେଡି ଓ କଂଗ୍ରେସ ମିଳିତ ଭାବେ ଏହି ଦରମା ଓ ପେନସନ୍ ବୃଦ୍ଧି ବିଲକୁ ସମର୍ଥନ ଜଣାଇଥିଲେ ମଧ୍ୟ ଜନ ଆକ୍ରୋଶକୁ ଦେଖି ଏଥିରୁ ଓହରିବାର ମାର୍ଗ ଖୋଜିଥିଲେ । ସମସ୍ତେ ନିଜ ନିଜର ଦୋଷ ଛଡ଼ାଇବା ପାଇଁ ରାଜନୀତିକ ଡ୍ରାମା ଆରମ୍ଭ କରିଦେଇଥିଲେ ।

### ଆସିଲା ନୂଆ ଅବକାରୀ...

ଅନୁମତି ଦିଆଯିବ ନାହିଁ । ଗ୍ରାମାଞ୍ଚଳରେ ନୂଆ ଠିପି ଖୋଲା ମଦ ଦୋକାନ ଖୋଲିବନି । କେବଳ ଶିଳ୍ପାଞ୍ଚଳର ୩-ତାରକା ଓ ତଦୂର୍ଦ୍ଧ୍ୱ ହୋଟେଲ ଓ କ୍ଲବରେ ଛାଡ଼ ରହିବ । ମଦର ହୋମ୍ ଡେଲିଭରି ମନା ହୋଇଛି । ଏଥିସହ ପୁରୀ ଶ୍ରୀମନ୍ଦିର ଓ ବଡ଼ଦାଣ୍ଡ ପାଖରେ ଅବକାରୀ ଦୋକାନ ଚାଲୁ ହେବ ନାହିଁ । ପ୍ରତ୍ୟେକ ମଦ ବୋତଲ ଉତ୍ପାଦନରୁ ବିକ୍ରି ଯାଏଁ ଟ୍ରାକ୍ କରିବାକୁ ଏବଂ ଉତ୍ପାଦନ ୟୁନିଟ୍ ଓ ଖୁଚୁରା ଦୋକାନକୁ ସିସିଟିଭି ନଜରରେ ରଖିବାକୁ ନିଷ୍ପତ୍ତି ହୋଇଛି । ଅନ୍ୟପକ୍ଷରେ ନୂଆ ଅବକାରୀ ନୀତିକୁ ନେଇ ରାଜନୀତି ବି ତେଜିଛି । ନୂଆ ଅବକାରୀ ନୀତି ନିଶା ପ୍ରାଦୁର୍ଭାବ ରୋକିବାରେ ସଫଳ ହେଉଛି, ନା କେବଳ କାଗଜକଲମରେ ସୀମିତ ରହୁଛି, ତା ଉପରେ ନଜର ।

### ଦେଶରେ ଅସମ୍ଭାଳ...

ଯୁଦ୍ଧ ସ୍ଥିତି ନେଇ ଆସନ୍ତକାଲି ଦେଶର ମୁଖ୍ୟମନ୍ତ୍ରୀମାନଙ୍କ ସହ ଜରୁରୀ ବୈଠକ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଭିଡିଓ କନଫରେନ୍ସିଂ ଜରିଆରେ ହେବାକୁ ଥିବା ବୈଠକରେ ପ୍ରଧାନମନ୍ତ୍ରୀ ମୋଦି ରାଜ୍ୟ ଗୁଡ଼ିକର ପ୍ରସ୍ତୁତିର ସମୀକ୍ଷା କରିବେ । ସମସ୍ତେ ଏକାଠି କେମିତି ଯୁଦ୍ଧର ପ୍ରଭାବର ମୁକାବିଲା କରିବେ, ସେନେଇ ପରାମର୍ଶ ଦେବେ । ତେବେ ଏହି ବୈଠକରେ ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବା ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀମାନେ ସାମିଲ ହେବେ ନାହିଁ ।

### ଟ୍ରମ୍ପଙ୍କୁ ଇରାନର...

ଇରାନ ଆଜି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଚେତାବନୀ ଦେଇ କହିଛି ଯେ ସ୍ଥଳ ଯୁଦ୍ଧ ଆମେରିକୀୟ ମିଳିତ ବାହିନୀ ପାଇଁ 'ମୃତ୍ୟୁର ବଳୟ' ହେବ । ଇରାନର ବରିଷ୍ଠ ସାମରିକ ରଣନୀତିଜ୍ଞ ମୋହସେନ ରେଜାଇ ଏକ କଠୋର ଚେତାବନୀ ଦେଇ କହିଛନ୍ତି, ଯଦି ମିଳିତ ବାହିନୀ ସ୍ଥଳପଥରେ ଆକ୍ରମଣ କରେ, ତେବେ ତାହା ଶତ୍ରୁ ପକ୍ଷ ପାଇଁ ଅତ୍ୟନ୍ତ ବିପଜ୍ଜନକ ଏବଂ ବିନାଶକାରୀ ପ୍ରମାଣିତ ହେବ । ସେ ଆମେରିକାକୁ ଚ୍ୟାଲେଞ୍ଜ କରି ପ୍ରଶ୍ନ କରିଛନ୍ତି ଯେ, ଆମେରିକୀୟ ସୈନିକମାନେ କ'ଣ ଇସ୍ରାଏଲ ପାଇଁ ମରିବାକୁ ପ୍ରସ୍ତୁତ ଇରାନର ପାହାଡ଼ିଆ ଅଞ୍ଚଳ, ବିସ୍ତୀର୍ଣ୍ଣ ମରୁଭୂମି ଏବଂ ଦୁର୍ଗ ସଦୃଶ ସହରଗୁଡ଼ିକୁ ଆକ୍ରମଣକାରୀଙ୍କ ପାଇଁ ଏକ 'କିଲ୍ ଜୋନ୍' ବା ମୃତ୍ୟୁର ବଳୟରେ ପରିଣତ କରିବା ପାଇଁ ତେହେରାନ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ଏକ ଶକ୍ତ ଚେତାବନୀ ଦେଇ କହିଛନ୍ତି ଯେ, ସାମରିକ ବିକଳ୍ପ ଆହୁରି ତୀବ୍ର ହେବା ପୂର୍ବରୁ ଇରାନ ଯୁଦ୍ଧବିରତି ପ୍ରସ୍ତାବ ଉପରେ ଗମ୍ଭୀର ହେବା ଉଚିତ । ଟ୍ରମ୍ପ ଇରାନୀ ବୁଝାମଣାକାରୀଙ୍କୁ 'ବିଚିତ୍ର' ବୋଲି ବର୍ଣ୍ଣନା କରିବା ସହ ଦାବି କରିଛନ୍ତି ଯେ, ତେହେରାନ ବାହାରକୁ ଆଲୋଚନା ପାଇଁ ମନା କରୁଥିଲେ ମଧ୍ୟ ଭିତରେ ଭିତରେ ଚୁକ୍ତି ପାଇଁ ବ୍ୟାକୁଳ ଅଛି ।

# ଶରତ କୁମାର ଦେବ ଥିଲେ ରାଜାମାନଙ୍କ ମଧ୍ୟରେ ମଣିଷ, ମଣିଷ ମାନଙ୍କ ମଧ୍ୟରେ ରାଜା




ଆଳି, ୨୬/୩ (ନି.ପ୍ର): ଶରତ କୁମାର ଦେବ ଥିଲେ ଆଳି ଜନ ମାନସ ର ଅଭୁଲା ବ୍ୟ କ୍ତିତ୍ୱ । ସେ ଥିଲେ ରାଜା ମାନଙ୍କ ମଧ୍ୟରେ ମଣିଷ ଓ ମଣିଷ ମାନଙ୍କ ମଧ୍ୟରେ ରାଜା । ସେଇଥି ପାଇଁ ୩୮ ବର୍ଷ ପରେ ମଧ ସେଇ ଦରଦୀ ବନ୍ଧୁ ଙ୍କୁ କେହି ଭୁଲି ପାରିନାହାନ୍ତି ବୋଲି ମଙ୍ଗଳ ବାର ସନ୍ଧ୍ୟା ରେ ଶରତ କୁମାର ଙ୍କ ୩୮ତମ ଶ୍ରାଦ୍ଧ ସଭା ରେ ଅତିଥି ମାନେ ଏହା ପ୍ରକାଶ କରିଛନ୍ତି । ଶରତ କୁମାର ଦେବ ସ୍ମୃତି କମିଟି ର ସଭାପତି ଜଗତାନନ୍ଦ ବଳ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବ ରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ଆଠ ଗଡ଼ ର ବିଧାୟକ ରଣେ ନ୍ଦ୍ର ପ୍ରତାପ ସ୍ୱାଇଁ କହିଲେ ଶରତ ଦେବ ଙ୍କର ଏକ ସ୍ୱତନ୍ତ୍ର ବିଚାର ଧାରା ଥିଲା । ସେ ସମସ୍ତଙ୍କୁ ନେଇ ଆଗଉଥିଲେ ।ସେ ସମସ୍ତଙ୍କ ପ୍ରିୟ ପାତ୍ର ଥିଲେ । ସେ ଥଲେ ସମଗ୍ର ଅଂଚଳ ର ଅଭୁଲା ବ୍ୟକ୍ତିତ୍ୱ । କେବଳ ଆଳି ନୁହେଁ ସମଗ୍ର ଓଡ଼ିଶା ରେ ସେ ସର୍ବ ମାନ୍ୟ ମହାନାୟକ ଥିଲେ । ତାଙ୍କ ପାଇଁ ଆଳି କନିକା ଏକ ସ୍ୱତନ୍ତ୍ର ପରିଚୟ ପାଇଛି ।ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ପୂର୍ବ ତନ ମନ୍ତ୍ରୀ ତଥା କେନ୍ଦ୍ରାପଡ଼ା ର ବିଧାୟକ ଗଣେଶ୍ୱର ବେହେରା କହିଲେ ଯେ ଶରତ ଦେବ ଥିଲେ ବିରଳ ବ୍ୟକ୍ତିତ୍ୱ । ସେଇ ଦରଦୀ ନେତା ପ୍ରକୃତରେ ଥିଲେ ରାଜା ମାନଙ୍କ ମଧ୍ୟରେ ମଣିଷ ଓ ରାଜା ମାନଙ୍କ ମଧ୍ୟରେ ମଣିଷ । ବାସ୍ତବ ରେ ସେ ଥିଲେ ଜଣେ ମହାନାୟକ । ସେଥିଲେ ମାଟିମନସ୍କ ନେତା । ତାଙ୍କ ବିଷୟରେ ଯାହା କହିଲେ ବି କମ ହେବ ।ସମ୍ମାନିତ ଅତିଥିଭାବେ ଶରତ ଦେବ ଙ୍କ ସୁପୁତ୍ର,ଆଳି ବିଧାୟକ ତଥା ପୂର୍ବ ତନ ମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଲେ ଯେ ଦୀର୍ଘ ୩୮ ବର୍ଷ ପରେ ମଧ ଏ ଅଂଚଳ ର ଲୋକ ମାନେ ତାଙ୍କୁ ଭୁଲି ପାରିନଥିବାରୁ ମୁଁ ସମସ୍ତଙ୍କ ନିକଟରେ ଆ ଭାରୀ ।ଅନ୍ୟତମ ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭୀଷ୍ମ ମହାନ୍ତି, ରାଜ କନିକା ପଂଚାୟତସମିତି ଅଧ୍ୟକ୍ଷା ମିନତୀ ରାଉତ ଓ ଆଳି ପଂଚାୟତ ଅଧ୍ୟକ୍ଷ ମନୋରଞ୍ଜନ ସାମଲ ଏହି ସଭା ରେ ଯୋଗ ଦେଇ ସ୍ୱର୍ଗତ ଦେବ ଙ୍କ ସ୍ମୃତି ଚାରଣକରିଥିଲେ ।ଏହି ଅବସରରେ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ସାହିତ୍ୟ ପାଇଁ ବରିଷ୍ଠ କବି ନିରାକାର ଦାସ, ସମାଜ ସେବା ପାଇଁ ଡାକ୍ତର ଆଶିଷ କୁମାର ବାରିକ, କୃତି ଶିକ୍ଷକ ଭାବରେ ସହଦ୍ଦେ ନୋଡାଲ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଦେବରାଜ ନାୟକ ଓ କ୍ରୀଡ଼ାବିତ ଭାବରେ ରାଜେଶ୍ୱରୀ ଦାସ ଙ୍କୁ ଅତିଥି ମାନେ ମାନପତ୍ର,ଉତ୍ତରୀୟ, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସେହିପରି ଆରମ୍ଭ ବିଭିନ୍ନ ବୃତ୍ତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଂକୁ ପୁରସ୍କୃତ କରାଯାଇଥିଲା । ଭାବଗ୍ରାହୀ କଳାନିକେତନ ର ସଦସ୍ୟ ମାନେ ସୁନ୍ଦର ସଂଗୀତ ପାରିବେଷଣ କରି ସମସ୍ତଙ୍କୁ ମୁଗ୍ଧ କରିଥିଲେ । ସ୍ମୃତି କମିଟି ର ସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡା ଅତିଥି ପରିଚୟ ସହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ।

# ଲେବାନନକୁ ଫ୍ରାନ୍ସର ପୂରା ସମର୍ଥନ, ଯଥାସମ୍ଭବ ସହାୟତା ଜାରି ରହିବ: ମେକ୍ରୋନ

ନୂଆଦିଲ୍ଲୀ,୨୬/୩ : ପଶ୍ଚିମ ଏସିଆରେ ବଢୁଥିବା ବିବାଦ ମଧ୍ୟରେ ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନ୍ ଲେବାନନକୁ ପୂର୍ଣ୍ଣ ସମର୍ଥନ ଦେବାକୁ ଘୋଷଣା କରିଛନ୍ତି । ସେ କହିଛନ୍ତି ଯେ ଫ୍ରାନ୍ସ ପ୍ରତ୍ୟେକ ସ୍ତରରେ ଲେବାନନ ସହିତ ଦୃଢ଼ଭାବେ ରହିବ ଏବଂ ସମ୍ଭବ ସବୁ ପ୍ରକାର ସାହାଯ୍ୟ ଜାରି ରଖିବ । ମାକ୍ରୋନ୍ ଏହି ବକ୍ତବ୍ୟ ଲେବାନନର ରାଷ୍ଟ୍ରପତି ଜୋସେଫ ଆଉନଙ୍କ ସହିତ ଆଲୋଚନା ପରେ ଦେଇଥିଲେ । ସେ ଲେବାନନ ସରକାର ଦ୍ୱାରା ବର୍ତ୍ତମାନ ସ୍ଥିତିକୁ ସମ୍ଭାଳିବା ପାଇଁ ନିଆଯାଇଥିବା ପଦକ୍ଷେପକୁ ପ୍ରଶଂସା କରି କହିଥିଲେ ଯେ ଏହି ପ୍ରୟାସଗୁଡ଼ିକ ଦେଶର ସାର୍ବଭୌମତ୍ୱକୁ ଶକ୍ତିଶାଳୀ କରିବ । ଇସ୍ରାଏଲ ଓ ହିଜବୁଲ୍ଲାହ୍ ମଧ୍ୟରେ ବଢୁଥିବା ସଂଘର୍ଷ ମଧ୍ୟରେ ଫ୍ରାନ୍ସ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ ସେ ବିସ୍ଥାପିତ ଲୋକମାନଙ୍କୁ ମାନବିକ ସାହାଯ୍ୟ ଦିଆଯିବ ।

**AFFIDAVIT**

By virtue of an affidavit before the executive Magistrate Balasore, I, Sri Basanta Mahalik, aged about 46 years, son of Late Chakradhar Mahalik resident of vill-Athabatia, P.o./P.s.- Baliapal, Dist- Balasore, Odisha, PIN-756026 declare that our parental address is At- Biruan, P.o- Sergarh, Dist- Balasore which comes under Balasore Assembly Constituency and in the V.I. List Sl. No. 743, my father's name is also recorded as Chakradhar Mahalik. Both Chakradhar Panda and Chakradhar Mahalik are one and same person. My name has been recorded as Basanta Mahalik in my Aadhaar card No- 5743 1141 8011, But my name has been wrongly recorded as Basanta Panda instead of Basanta Mahalik. Both Basanta Panda and Basanta Mahalik are one and same person.

**Basanta Mahalik**

୨୭ ମାର୍ଚ୍ଚ ୨୦୨୬, ଶୁକ୍ରବାର

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଭଗବାନ ବିର୍ସା ମୁଣ୍ଡାଙ୍କ ବିଗ୍ରହ ପ୍ରତିଷ୍ଠା ଦିବସ ପାଳିତ

ଉଦଳା, ୨୬/୩ (ନି.ପ୍ର): ଖୁଂଟା ବ୍ଲକର ସାନସାତଶୋଳ ଗ୍ରାମରେ ଗଢ଼ି ଉଠିଥିବା ଯୁବକ ସଂଘର ନେତୃତ୍ୱରେ ଭଗବାନ ବିର୍ଷାମୁଣ୍ଡାଙ୍କ ପଂଚମ ବାର୍ଷିକ ବିଗ୍ରହ ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ପ୍ରାରମ୍ଭରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ବିଗ୍ରହକୁ ପୂଜାର୍ଚ୍ଚନା କରାଯାଇଥିଲା । ପରେ ସାମୁହିକ ପ୍ରାର୍ଥନା ଓ ସାଧାରଣ ସଭା ଆରମ୍ଭ ହୋଇଥିଲା । ନରେନ୍ଦ୍ର ସିଂ କାର୍ଯ୍ୟକ୍ରମରେ ଅଧକ୍ଷତା କରି ବିର୍ଷାମୁଣ୍ଡାଙ୍କ ନିକଟରେ ଥିବା ଅଲୌକିକତା ଗୁଣ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ବ୍ରହ୍ମାନନ୍ଦ ସିଂ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ ଯୁବକ ସଂଘର ଏପରି ଏକ ସାଧୁ ଉଦ୍ୟମକୁ ଭୂୟସି ପ୍ରଶଂସା କରିଥିଲେ । ବିରେନ୍ଦ୍ର ନାଥ ମଢ଼େଇ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଦେଶକୁ ସ୍ୱାଧିନ କରିବାରେ ବିର୍ଷାମୁଣ୍ଡାଙ୍କର ସଂଗ୍ରାମର ରୁପରେଖ କିପରି ଥିଲା ଏହାର ବିସ୍ତୃତ ଇତିହାସ ଉପସ୍ଥାପନ କରିଥିଲେ । କିଶୋର ସିଂ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତଭାଷଣ ପ୍ରଦାନ କରିଥିବା ବେଳେ ସନ୍ୟାସି ସିଂ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ



କ୍ଲବର ସଂପାଦକ ଚାରୁଚନ୍ଦ୍ର ସିଂ, ଚନ୍ଦନ ସିଂ, ସଦାନନ୍ଦ ସିଂ, ଜାନକିଦେବ ସିଂ, ହାଡ଼ିବନ୍ଧୁ ସିଂ ପ୍ରମୁଖ ସହଯୋଗ କରିଥିଲେ ।

## ଏସସିବି ଘଟଣାରେ କାହାକୁ ଘଂଟ ଘୋଡାଯାଉନି: ଟଙ୍କଧର ତ୍ରିପାଠୀ

ଭୁବନେଶ୍ୱର, ୨୬/୩ (ନି.ପ୍ର): ଏସସିବି ଘଟଣାରେ କାହାକୁ ଘଂଟ ଘୋଡାଯାଉନି ବୋଲି ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି । ସେ କହିଛନ୍ତି ଯେ, ନିଆଁ ଲାଗିବା ମାତ୍ରେ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ଏସସିବି ମେଡିକାଲ ଯାଇଥିଲେ । ଦୁଇଟି କମିଟି କରାଯାଇଛି । ବିଚାର ବିଭାଗୀୟ ତଦନ୍ତ ହେଉଛି । ରିପୋର୍ଟ ଦେବାକୁ ସମୟସୀମା ଧାର୍ଯ୍ୟ ହୋଇଛି । ଦିନ ଦିନ ଧରି ଗଡିବନି ତଦନ୍ତ । କାହାକୁ ଘଣ୍ଟ ଘୋଡା ଯାଉନି । ଯିଏ ଦୋଷୀ, ତଦନ୍ତ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ହେବ । ହେଲେ ଏଥିପାଇଁ ଏକ ପ୍ରକ୍ରିୟା ଅଛି । ନବୀନ ପଟ୍ଟନାୟକଙ୍କ ସମୟରେ ତାଙ୍କର ଅନେକ ମନ୍ତ୍ରୀମାନଙ୍କ ନାଁରେ ଅପରାଧିକ ମାମଲା ଆସିଥିଲା । ସେମାନେ କଣ ଇସ୍ତଫା ଦେଇଥିଲେ କି ବୋଲି ପ୍ରଶ୍ନ ଉଠାଇଛନ୍ତି ଟଙ୍କଧର ।

## ଉତ୍କଳଜ୍ୟୋତି ଗୟାଧର ବାରିକଙ୍କ ୧୬ତମ ସ୍ମୃତି ଶ୍ରଦ୍ଧାଞ୍ଜଳି ସମାରୋହ ପାଳିତ



ଭଦ୍ରକ, ୨୬/୩ (ନି.ପ୍ର): ଉତ୍କଳଜ୍ୟୋତି ସ୍ୱାଧୀନତା ସଂଗ୍ରାମୀ ଗୟାଧର ବାରିକଙ୍କ ୧୬ତମ ସ୍ମୃତି ଶ୍ରଦ୍ଧାଞ୍ଜଳି ସମାରୋହ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଭବ୍ୟ ଭାବେ ପାଳିତ ହୋଇଯାଇଛି। ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଏହି ଅବସରରେ ବକ୍ତାମାନେ କହିଥିଲେ ଯେ, ଗୟାଧର ବାରିକ ଗାନ୍ଧୀଜୀଙ୍କ ଆଦର୍ଶରେ ପ୍ରେରିତ ହୋଇ ଜୀବନଭରି ସମାଜସେବା ଓ ସ୍ୱାଧୀନତା ସଂଗ୍ରାମରେ ନିଜକୁ ଉତ୍ସର୍ଗ କରିଥିଲେ, ଯାହା ଚିର ସ୍ମରଣୀୟ।କାର୍ଯ୍ୟକ୍ରମରେ ବିଶିଷ୍ଟ ଗବେଷକ ଓ ସାହିତ୍ୟିକ ଡ଼. ଭାଗବତ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସମାଜସେବୀ ଓ ସ୍ତମ୍ଭକାର ହରେକୃଷ୍ଣ ପଣ୍ଡା ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସଂସ୍କୃତ ବିଶାରଦ ଡ଼. ସଦାନନ୍ଦ ଦୀକ୍ଷିତ ଯୋଗଦେଇ ଯୁବପିଢ଼ିକୁ ବାରିକଙ୍କ ଆଦର୍ଶ ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ସାହିତ୍ୟିକ ଡ଼. ବ୍ରଜମୋହନ ମିଶ୍ର ବିଶିଷ୍ଟ ବକ୍ତା ଭାବେ ଯୋଗଦେଇ କହିଥିଲେ ଯେ, ଗୟାଧର ବାରିକ ଭାରତମାତାଙ୍କ ସତ୍ୟ ସନ୍ତାନ ଭାବେ ଦେଶ ପାଇଁ ଚରମ ତ୍ୟାଗ କରିଥିଲେ। ସମ୍ମାନିତ ଅତିଥି ଭାବେ ପୌରାଧକ୍ଷା ଗୁଲ୍‌ଜୀ ଦଲୱାଜି ହବିବ ଓ ଅତିରିକ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର ଯୋଗଦେଇ ସ୍ୱର୍ଗତ ବାରିକଙ୍କ ସ୍ମୃତି ଉଲ୍ଲେଖ କରିଥିଲେ।

## ଗ୍ୟାସ ଟାଙ୍କିରେ ନିଆଁ ଲାଗିଲା: ଅଳ୍ପକେ ବର୍ତ୍ତିଲେ ୧୫ ଜଣ କୁନିକୁନି ପିଲା ସହିତ ଅଙ୍ଗନବାଡି ସହାୟିକା

ବସ୍ତା , ୨୬/୩ (ନି.ପ୍ର): ଗ୍ୟାସ ଟାଙ୍କି ନିଆଁ ଲାଗିଲା ଅଳ୍ପକେ ବର୍ତ୍ତୀଲେ ୧୫ ଜଣ କୁନିକୁନି ପିଲା ସହିତ ଅଙ୍ଗନବାଡି ସହାୟିକା । ସୁପରଭାଇଜରଙ୍କ ବୈଠକରେ ଅଙ୍ଗନବାଡି କର୍ମୀ ଯାଇଥିବା ବେଳେ ଦାଇତ୍ୱରେରେ ଥିଲେ ସହାୟିକା କିନ୍ତୁ ରୋଷେଇ କଲା ବେଳେ ହଠାତ ଗ୍ୟାସ ଟାଙ୍କିରୁ ନିଆଁ ବାହାରି ଜଳିବାକୁ ଲାଗିଲା । ତେବେ ସହାୟିକା ମାଳତୀ ମନ୍ତ୍ରୀଙ୍କ ଉପସ୍ଥିତ ବୁଦ୍ଧି ଖଟାଇ ଥିବାରୁ ୧୫ ଜଣ ପିଲାଙ୍କ ଜୀବନ ମୃର୍ତ୍ୟୁ ମୁଖରୁ ବର୍ତ୍ତି ଯାଇଛନ୍ତି । ପ୍ରକାଶ ଯେ ବସ୍ତା ବ୍ଲକ ଅଧୀନରେ ଅମର୍ଦାରୋଡ ନଟାକଟା ପଞ୍ଚାୟତର ନାରାୟଣପୁର ଅଙ୍ଗନବାଡି କେନ୍ଦ୍ରରେ ଗତ କାଲି ଦିନ ୧୧ଟା ବେଳେ ସହାୟିକା ରୋଷେଇ କରୁଥିବା ବେଳେ ହଠାତ ଗ୍ୟାସ ଟାଙ୍କିରୁ ନିଆଁ ବାହାରିଥିଲା ଏବଂ ରେଗୁଲେଟର ଫାଟି ଯିବାରୁ ନିଆଁ ଜୋରରେ ବାହାରି ରେଗୁଲେଟର




ଜଳିବାକୁ ଲାଗିଲା କିନ୍ତୁ ପାଖ ଶ୍ରେଣୀ ଗୃହରେ ୧୫ ଜଣ କୁନିକୁନି ପିଲା ପାଠ ପଢୁଥିବା ବେଳେ ସେମାନଙ୍କୁ ଉଦ୍ଧାର କରି ବାକୁ କେହି ନଥିବା ବେଳେ ସହାୟିକା ବାଡ଼ିରେ ଗ୍ୟାସ ଟଙ୍କି ମୁହଁକୁ ପିଟିବାରୁ ରେଗୁଲେଟର ପାଇପ ଖସି ପଡିବାରୁ ନିଆଁ ଲିଭିଯାଇଥିଲା ତେବେ ପାଞ୍ଚ ମିନିଟିରୁ ଅଧିକ ସମୟ ଜଳୁଥିବା ବେଳେ ପିଲାଙ୍କୁ ଶ୍ରେଣୀ ଗୃହରୁ ବାହାର କରାଯାଇ ନଥିଲା। ଖବର ପାଇଁ ଅଙ୍ଗନବାଡି କର୍ମୀ ଉତ୍ତରା ଦାସ ପଂହଁଚି ଭାରତ ଗ୍ୟାସ କର୍ମଚାରୀଙ୍କୁ ଖବର ଦେଇଥିଲେ କିନ୍ତୁ ଗ୍ୟାସ କର୍ମଚାରୀ ରାତି ୭ ବେଳେ ପଂହଁଚି ନୂଆ ରେଗୁଲେଟର ଲାଗିବ କହି ଫେରିଯାଇଥିଲେ ।ତେବେ ପ୍ରଶ୍ନ ଉଠୁଛି ନଟାକଟା ସେକ୍ଟର ରେ ୨୫ ଟି ଅଙ୍ଗନ ବାଡ଼ି କେନ୍ଦ୍ର ଥିବା ବେଳେ ସୁପର ଭାଇଜର ଦାୟିତ୍ୱରେ ସ୍ନେହଲତା ଦାସ ସବୁ ଅଙ୍ଗନବାଡି କେନ୍ଦ୍ର ରେ କୌଣସି ତଦାରଖ ନକରି କେବଳ ମିଟିଂ କାର୍ଯ୍ୟ କରୁଛନ୍ତି ବୋଲି ବହୁ ଅଙ୍ଗନବାଡି କର୍ମୀ ମାନେ ଅଭିଯୋଗ କରିଛନ୍ତି ।ଏନେଇ ସୁପରଭାଇଜୋର ସ୍ନେହଲତା ଦାସଙ୍କୁ ପଚାରିବାରୁ ସେ କହିଲେ ଏହା ଅଙ୍ଗନୱାଡ଼ି କର୍ମୀଙ୍କ ଦୋଷ ନୁହେଁ ଯେ ସରକାର ଅଗ୍ନି ନିରପେକ୍ଷ ଯନ୍ତ୍ର ଦେଉ ଥିବା ବେଳେ ଏହା ଆମ ବ୍ଲକ ରେ କାର୍ଯ୍ୟକାରୀ ହେଉ ନଥିବା ପ୍ରକାଶ କରିଛନ୍ତି। ଏ ନେଇ ସଡିପିଓ ଗିନ୍ଦିରୀ ମୁର୍ମୁ ଙ୍କୁ ପଚାରିବାରୁ ମୁଁ ଏବେ ନୂଆ ଆସିଛି ଏବିଷୟରେ ଆଜି ଜାଣିଲି କିନ୍ତୁ ଗ୍ୟାସ ନିରାପତ୍ତା ଉପରେ ଅଗ୍ନିଶମ ବିଭାଗର ଅଧିକାରୀ ମାନେ ସବୁ ଅଙ୍ଗନବାଡି କେନ୍ଦ୍ରରେ ପ୍ରଶିକ୍ଷଣ ଦେବା କଥା କିନ୍ତୁ ତାହା ହେଉ ନାହିଁ । ତେବେ ଆଗାମୀ ଦିନରେ ଏହା ଉପରେ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି ।ତେବେ ତୁରନ୍ତ ସବୁ ଅଙ୍ଗନ ବାଡ଼ି କେନ୍ଦ୍ରର ଗ୍ୟାସ ଗୁଡିକୁ ତଦାରଖ କରି ଉନ୍ନତ ମାନର ଗ୍ୟାସ ସାମଗ୍ରୀ ଯୋଗାଇଦେବାକୁ ବହୁ ଅଙ୍ଗନବାଡି କର୍ମୀ ଦାବି କରିଛନ୍ତି।

## ରାଜ୍ୟରେ ନିର୍ମାଣ ହେବ ୩୩ ଗୋଟି ଡ୍ୟାମ

ଭୁବନେଶ୍ୱର, ୨୬/୩ (ନି.ପ୍ର): ରାଜ୍ୟରେ ନିର୍ମାଣ ହେବ ୩୩ ଗୋଟି ଡ୍ୟାମ । ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀ ଏକ ଲିଖିତ ଉତ୍ତରରେ କହିଛନ୍ତି ଓଡ଼ିଶା ରେ ୩୩ ଗୋଟି ନୂଆ ଡ୍ୟାମ ନିର୍ମାଣ କରିବା ପାଇଁ ସରକାର ଯୋଜନା କରିଛନ୍ତି ।

## ଶ୍ରୀ ସତ୍ୟସାଇ ଉଚ୍ଚ ବିଦ୍ୟାଳୟରେ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ

ବୈଶିଙ୍ଗା , ୨୬/୩ (ନି.ପ୍ର): ରଘୁପୁର ପଞ୍ଚାୟତ ଅନ୍ତର୍ଗତ ଖୁଣ୍ଟାପୁର ସ୍ଥିତ ଶ୍ରୀ ସତ୍ୟସାଇ ସରକାରୀ ଉଚ୍ଚ ବିଦ୍ୟାଳୟ ରେ ପ୍ରଧାନଶିକ୍ଷକ ସମରଜିତ ମହାପାତ୍ରଙ୍କ ନେତୃତ୍ୱ ରେ ଏବଂ ଆର୍ଥିକ ସାକ୍ଷରତା କେନ୍ଦ୍ର, ବେତନଟୀ ସହଯୋଗ ରେ ଛାତ୍ରଛାତ୍ରୀ ଓ ଶିକ୍ଷକ - ଶିକ୍ଷୟିତ୍ରୀ ମଧ୍ୟରେ ଡିଜିଟାଲ ବ୍ୟାଙ୍କିଙ୍ଗ କାରବାର ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭାରତୀୟ ରିଜର୍ଭ ବ୍ୟାଙ୍କ ମାର୍ଗଦର୍ଶିକା ଅନୁସାରେ ବିଭିନ୍ନ ବ୍ୟାଙ୍କିଙ୍ଗ ସୁବିଧା, ଆର୍ଥିକ ନେଣଦେଣ




ଉପାୟ ସାଙ୍ଗକୁ ନୂଆ ନୂଆ ଉପାୟରେ ହେଉଥିବା ଆର୍ଥିକ ଠକେଇ ରୁ ବଂଚିବା ପାଇଁ ଏହି ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବ୍ୟାଙ୍କ ଅଫ ଇଣ୍ଡିଆ,ବାରିପଦା ଜୋନାଲ ଅଫିସ ର ଅବସରପ୍ରାପ୍ତ ଅଧିକାରୀ ସତ୍ୟରଞ୍ଜନ ଦାସ, ଆର୍ଥିକ ସାକ୍ଷରତା କେନ୍ଦ୍ର, ବେତନଟୀ ର ସଂଯୋଜକ କୁନା ମୁଣ୍ଡା ଏବଂ ସହଯୋଗୀ ଅନୁପମା ନାଥ ଏହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ରାଣୀ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ କୁ ସଫଳ କରିବାରେ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଜେଡି ପାଠଶାଳା ପକ୍ଷରୁ ଭକ୍ତଙ୍କ ପାଇଁ ପାନୀୟ ସେବା ଶିବିର

ବସ୍ତା , ୨୬/୩ (ନି.ପ୍ର): ବାଲେଶ୍ୱର, ରୂପସା ଥାନା ଅନ୍ତର୍ଗତ ଓଡ଼ିଆ ଶାସନ ବାସନ୍ତୀ ମଣ୍ଡପଠାରେ ମା ବାସନ୍ତୀଙ୍କର ମହା ଅଷ୍ଟମୀ ଧୁମ୍ ଧାମ ରେ ଅନୁଷ୍ଠିତ ହୋଇଯାଇଛି। ଅଷ୍ଟମୀ ପରିପ୍ରେକ୍ଷୀ ରେ ଶତାଧିକ ବ୍ରତୀ ବ୍ରତ ରଖି ମାଙ୍କ ଠାରେ ଭୋଗ ନୈବେଦ୍ୟ ଅର୍ପଣ କରି ମାଙ୍କ ର କରୁଣା ଭିକ୍ଷା କରିଥିଲେ। ପ୍ରତିବର୍ଷ ଭଳି ଏ ବର୍ଷା ମଧ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସ୍ଥାନୀୟ ରୂପସା ସ୍ଥିତ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ଜେ. ଡି. ପାଠଶାଳା ତରଫରୁ ପାନୀୟ ସେବା ଶିବିର ଅନୁଷ୍ଠିତ ହୋଇଥିଲା। ପାଠଶାଳା ତରଫ ରୁ ଦହି ସର୍ବତ୍, ଟାଟା ଗ୍ଳୁକୋ ସର୍ବତ ଇତ୍ୟାଦି ବଣ୍ଟନ କରାଯାଇଥିଲା । ଶିବିର କୁ ଶ୍ରୀ ଦେବଦତ୍ତ ରଣା ଏବଂ ଶ୍ରୀ ମହେଶ କୁମାର ବେହେରା ପରିଚାଳନା କରିବା ସହ ପ୍ରିୟା ସ୍ୱାଇଁ, ଐଶ୍ୱର୍ଯ୍ୟା ବିଜୟିନୀ ସାହୁ, ଜିତୁନ ଲେଙ୍କା, ରତିକାନ୍ତ ଦାସ, ପ୍ରକାଶ ବେହେରା, ଅଭିଜିତ୍ ସେନାପତି, ଲିଙ୍କନ୍ ଆଚାର୍ଯ୍ୟ, ଦିବ୍ୟ ରଞ୍ଜନ ପ୍ରଧାନ, ଜ୍ୟୋତି ରଞ୍ଜନ ବର, ଅଙ୍କିତା ପଲେଇ, ଲକ୍ଷ୍ମୀ ମଣି ମହାନ୍ତ, ହିମାନି ବେହେରା, ଦେବେନ୍ଦ୍ର ଗିରି ଇତ୍ୟାଦି ପ୍ରଶିକ୍ଷାର୍ଥୀ ସେବା କାର୍ଯ୍ୟରେ ନିୟୋଜିତ ଥିଲେ। ସମସ୍ତ ସେବା କାର୍ଯ୍ୟ ପାଠଶାଳା ର ମୁଖ୍ୟ ଶ୍ରୀଯୁକ୍ତ ବିଜୟ କୁମାର ରଣା ଙ୍କ ତତ୍ୱାବଧାନରେ ରେ ସମ୍ପର୍ଣ୍ଣ ହୋଇଥିଲା।

## ମା'ସୁଭଦ୍ରା ବାଳିକା ଉଚ୍ଚବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା

ମୟୂରଭଞ୍ଜ, ୨୬/୩ (ନି.ପ୍ର): ସାରସକଣା ମା'ସୁଭଦ୍ରା ବାଳିକା ଉଚ୍ଚବିଦ୍ୟାଳୟ, ମୟୂରଭଞ୍ଜ ପରିଚାଳନା କମିଟି ଏବଂ ଶିକ୍ଷୟିତ୍ରୀଙ୍କ ମିଳିତ ଆନୁକୂଲ୍ୟରେ ପୂର୍ବାହ୍ନ ବିଦ୍ୟାଳୟ ସଭାଗୃହରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ ହୋଇଥିଲା। ସଭାରେ ପରିଚାଳନା କମିଟିର ସଭାପତି ଡଃ ଉପେନ୍ଦ୍ର ନାଥ ସାହୁ ପୌରୋହିତ୍ୟ କରି ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ସବିତା ଘୋଷ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେବା ସହିତ ପୂଜ୍ୟପୂଜା ପାଇଁ ଏ ଭବ୍ୟ ଆୟୋଜନରେ ପରିଚାଳନା ସମିତି ସକ୍ରିୟ ଅଂଶଗ୍ରହଣ କରିଥିବାରୁ କମିଟି ସଦସ୍ୟ/ ସଦସ୍ୟାଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ସମାରୋହରେ, ସୁଦୀର୍ଘ ୩୨ ବର୍ଷ ତଳେ ୧୯୯୩ ମସିହା, ବିଦ୍ୟାଳୟ ପ୍ରତିଷ୍ଠାରେ ଆତ୍ମୀୟ ସହଯୋଗ ପ୍ରଦାନ କରିଥିବା ପୂର୍ବତନ କମିଟି ସଦସ୍ୟ ଓ ଶିକ୍ଷାପ୍ରେମୀ ଓ ସମାଜସେବୀ



ସର୍ବଶ୍ରୀ ପରମାନନ୍ଦ ସାହୁ, ଗୋଲାପମଣି ହାଇସ୍କୁଲର ଅବସରପ୍ରାପ୍ତ ବର୍ଷୀୟାନ ପ୍ରଧାନ ଶିକ୍ଷକ ପ୍ରତ୍ୟୁଷ କୁମାର ମହାନ୍ତି, ବିଶିଷ୍ଟ ସମିଜସେବିକା ପୁରାତନ ସଦସ୍ୟା ଶ୍ରୀମତୀ ଦୁଲାରୀ ସୋରେନ୍, ସାରସକଣା ପଞ୍ଚାୟତ ସମିତିର ପୂର୍ବତନ ଚେୟାରମ୍ୟାନ୍ ଓ ପରିଚାଳନା କମିଟି ସଭାପତି ବୀରେନ୍ଦ୍ର ନାଥ ବଶା, ସ୍ଥାନୀୟ କୃତୀଶିକ୍ଷକ ସୁଧାଂଶୁ ଶେଖର ଘୋଷ ତଥା ସାରସକ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା ଟ୍ରଷ୍ଟର ବରିଷ୍ଠ ସଦସ୍ୟ ଶିକ୍ଷାବିତ୍ ଯତୀନ ଚନ୍ଦ୍ର ସାହୁ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ, ଚାରାଗଛ ଉତ୍ତରୀୟ ଓ ସ୍ମୃତିଫଳକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। ସ୍କୁଲର ସେବାନିବୃତ୍ତ ପ୍ରଧାନ ଶିକ୍ଷିକା ସୁଶ୍ରୀ ରୀତା ମିଶ୍ର ସ୍କୁଲର ଆଦ୍ୟ କାଳଖଣ୍ଡରେ ବିଦ୍ୟାଳୟ କେମିତି ନାନା ଅଭାବ ଅସୁବିଧା ଭିତରେ ଗତି କରୁଥିଲା ତାର ଏକ ସଂକ୍ଷିପ୍ତ ବିବରଣୀ ଦେଇଥିଲେ। ସଭାରେ ଅତିଥି ଭାବେ ଯୋଗଦେଇ ଆଶୀର୍ବଚନ ପ୍ରଦାନ କରିଥିଲେ ପୁରୀ ସଂସ୍କୃତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡଃ ଜଗବନ୍ଧୁ ମିଶ୍ର ଓ ବାରିପଦା ସଂସ୍କୃତ କଲେଜ ପୂର୍ବତନ ଅଧକ୍ଷା ଡଃ ଜୟଶ୍ରୀ ନନ୍ଦ। ପ୍ରାରମ୍ଭିଖ ଶ୍ରୀଜଗନ୍ନାଥ ଭଜନ ଗାନ କରିଥିଲେ ବିଶିଷ୍ଟ କଣ୍ଠଶିଳ୍ପୀ ମୃତ୍ୟୁଞ୍ଜୟ ଭୋଳ ଓ ଶ୍ରୀମାନ ସତ୍ୟଦୀପ। ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ ଛାତ୍ରୀ ଲକ୍ଷ୍ମୀ ସାହୁ, ହରପ୍ରିୟା ଭୋଳ, ଜୟଶ୍ରୀ ରାଉତ, ସୋନାକ୍ଷୀ ପଲେଇ ଓ ରିତିକା ପାଇକରାୟ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ନନ୍ଦିଘୋଷ ସାହିତ୍ୟ ସମାଜ ସାରସକଣାର ପ୍ରତିଷ୍ଠାତା ସଭ୍ୟ ପଦ୍ମନାଭ ସାହୁ। ଧନ୍ୟବାଦ ଜ୍ଞାପନ କରିଥିଲେ ଶିକ୍ଷୟିତ୍ରୀ ସୁଶ୍ରୀ ବନ୍ଦନା ମହାପାତ୍ର।

## ମା' ବନ୍ଧନାୟିକାଣିଙ୍କ ପୀଠରେ ବାର୍ଷିକ ଉତ୍ସବ ଅନୁଷ୍ଠିତ

ନୀଳଗିରି , ୨୬/୩ (ନି.ପ୍ର): ନୀଳଗିରି ବ୍ଲକ୍ ଜଡିଦାପଞ୍ଚାୟତ ଯୋକନଣ୍ଡା ଗ୍ରାମର ଆରାଧଦେବୀ ମା' ବନ୍ଧନାୟିକାଣିଙ୍କ ବାର୍ଷିକଉତ୍ସବ ଗୁରୁବାର ମହାଧୁମଧାମରେ ପାଳିତ ହୋଇଯାଇଛି। ସକାଳେ ପୂଜାରୀ ମାୟାଧର ଦନାକଙ୍କ ଦ୍ୱାରା ମା'ଙ୍କର ମାର୍ଜନାକରାଯିବା ପରେ ବହୁ ମହିଳା ଓ ପୁରୁଷ ଶ୍ରଦ୍ଧାଳୁଙ୍କ ସମାଗମରେ ଘଣ୍ଟଘଣ୍ଟା, ଢୋଲମହୁରୀ ଏବଂ ସଙ୍କୀର୍ତ୍ତନ ମାଧମରେ ନିକଟସ୍ଥ ପୋଖରୀରୁ ଘ ଟେ । ଉ ତ୍ତୋ ଳ ନ କରାଯାଇଥିଲା। କାର୍ତ୍ତିକ କର ପୂଜକଭାବେ ମା'ଙ୍କ ପୂଜା ସମ୍ପାଦନ କରିଥିବାବେଳେ ଗଙ୍ଗାଧର ପ୍ରଧାନ ଏବଂ ତାଙ୍କ ସହଧର୍ମିଣୀ ବାସନ୍ତୀ ପ୍ରଧାନ କର୍ତ୍ତାକର୍ତ୍ତୀ ଭାବେ ମା'ଙ୍କ ଠାରେ ସମର୍ପିତ ହୋଇ ସେବାପୂଜାରେ ଉପବେଶନ ହୋଇଥିଲେ। ପରେ ସମସ୍ତ ନୀତିକାନ୍ତି ସହକାରେ ପୂଜାବିଧି ଅନୁଷ୍ଠିତ ହୋଇଥିଲା। ମୁଖ୍ୟତଃ ପ୍ରତିବର୍ଷ ଭଲବର୍ଷା ନେଇ ଗ୍ରାମଦେବୀଙ୍କ ପୀଠରେ ଏଭଳି ପର୍ବପାଳନ କରାଯାଉଥିବା ବହୁ ପୁରୁଖା ଗ୍ରାମବାସୀ କହିଛନ୍ତି। ତେବେ ଏହି ଉପଲକ୍ଷେ ମଧାହ୍ନରେ ହଜାର ହଜାର ଶ୍ରଦ୍ଧାଳୁ ମା'ଙ୍କ ପୀଠରେ ଉପସ୍ଥିତହୋଇ ପ୍ରସାଦସେବନ କରୁଥିବା ଦେଖିବାକୁ ମିଳିଥିଲା। ଏହି ଭବ୍ୟ ଆୟୋଜନକୁ ଗ୍ରାମବାସୀଙ୍କ ପୂର୍ଣ୍ଣସହଯୋଗରେ ଆୟୋଜିତ କରାଯାଇଥିବା ବେଳେ ସୁରେନ୍ଦ୍ର ଭୋଳ, ରାଜକୁମାର ଭୋଳ, ଲକ୍ଷ୍ମୀଧର ପ୍ରଧାନ, ହିମାଂଶୁ ଜେନା, ଦୁଃଖିଆ ବାରିକ, ପଞ୍ଚାନନ ସ୍ୱାଇଁ, ସଞ୍ଜୟ ଭୋଳ,ପ୍ରଫୁଲ୍ଲ ବେହେରା, ଶରତ ଚନ୍ଦ୍ର ବେହେରା, ବ୍ରହ୍ମାନନ୍ଦ ଜେନା, ଦିଲ୍ଲୀପ ଭୂୟାଁ, ଲକ୍ଷ୍ମୀଧର ଜେନା, ଗିରିଧାରୀ ପ୍ରଧାନ, ଗୌରାଙ୍ଗ ପୃଷ୍ଟି, ରବୀନ୍ଦ୍ର ପୃଷ୍ଟି , ପ୍ରଦୀପ ବେହେରା, ଶ୍ରୀକାନ୍ତ ଭୂୟାଁ, ନରେନ୍ଦ୍ର ଭୂୟାଁ, ଗୟାଧର ଭୂୟାଁ, ନିରଞ୍ଜନ ପୃଷ୍ଟି, ମକରନ୍ଦ ବେହେରା, ରମାକାନ୍ତ ପୃଷ୍ଟି, ବାବୁଲା ନାୟକ ପ୍ରମୁଖ ସହଯୋଗ କରିଥିବା ଦେଖାଯାଇଥିଲା।



## କିଶୋରୀ ମାତୃତ୍ୱ ରୋକିବା ନିମନ୍ତେ ଜିଲ୍ଲାସ୍ତରୀୟ କର୍ମଶାଳା

ବାରିପଦା, ୨୬/୩ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ପ୍ରଶାସନ ଅନୁକୁଲ୍ୟରେ କିଶୋରୀ ମାତୃତ୍ୱ ସମ୍ବନ୍ଧୀୟ ଏକ କର୍ମଶାଳା ଜିଲ୍ଲା ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି ଓ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଇଶ୍ୱର ଚନ୍ଦ୍ର ନାଏକ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ.କିଶୋର କୁମାର ଆଚାର୍ଯ୍ୟ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ଶ୍ରୀମତୀ ନିହାରିକା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା



ଅଧିକାରିଣୀ ଶ୍ରୀମତୀ ମମତା ମୟୀ ବିଶ୍ୱାଳ ,ଜିଲ୍ଲା ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ସସ୍ମିତା ମହାନ୍ତି ଏବଂ ୟୁନିସେଫ ର ନେହା ସିଂ ପ୍ରମୁଖ ଉପସ୍ଥିତ ହୋଇ ମୟୁରଭଞ୍ଜ ଜିଲ୍ଲାରେ ବୃଦ୍ଧି ପାଉଥିବା କିଶୋରୀ ମାତୃତ୍ୱ କୁ କିପରି ରୋକଓ ଯାଇ ପାରିବ ସେ ବିଷୟରେ ଆଲୋକପାତ କରିଥିଲେ ଓ ଏହାକୁ ରୋକିବା ପାଇଁ ସରକାର ଙ୍କ ଯୋଜନା କୁ ସଠିକ ଭାବରେ କାର୍ଯ୍ୟକାରୀ କରିବା ସହିତ ସମସ୍ତଙ୍କର ପ୍ରୟାସ ଦ୍ୱାରା କିଶୋରୀ ମାତୃତ୍ୱକୁ ରୋକାଯାଇ ପାରିବ ବୋଲି ଅତିଥି ମାନେ ମନ୍ତବ୍ୟ ରଖିଥିଲେ ଓ ଉକ୍ତ କର୍ମଶାଳାରେ ଜିଲ୍ଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଅତିରିକ୍ତ ପଂଚାୟତ ସମିତି ଉନ୍ନୟନ ଅଧିକାରୀ, ଜିଲ୍ଲାର ବିଭିନ୍ନ ଚିକିତ୍ସା ଅଧିକାରୀ ସହିତ ଜିଲ୍ଲା ମହିଳା ସଶକ୍ତି କରଣ କେନ୍ଦ୍ରର କର୍ମକର୍ତା ମାନେ ଉପସ୍ଥିତ ରହିଥିଲେ ଓ ସମଗ୍ର କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ମମତାମୟୀ ବିଶ୍ୱାଳ ପରିଚାଳନା କରିଥିଲେ ।

## ବର୍ଜ୍ୟ ପରିଚାଳନା ପାଇଁ ଜିଲ୍ଲା ସଞ୍ଚାଳନ ସମିତି ବୈଠକ ଅନୁଷ୍ଠିତ

ଭଦ୍ରକ, ୨୬/୩ (ନି.ପ୍ର): ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ମିଳିତ ନିର୍ଦ୍ଦେଶନାମା ଅନୁଯାୟୀ ଜିଲ୍ଲା ସ୍ତରୀୟ ବର୍ଜ୍ୟ ପରିଚାଳନା ସଞ୍ଚାଳନ ସମିତିର ବୈଠକ ଜିଲ୍ଲାପାଳ ଶ୍ରୀ ଦିଲ୍ଲୀପ ରାଉତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ବୈଠକରେ ଜିଲ୍ଲାର ଚାରିଗୋଟି ବ୍ଲକର ମୋଟ ୨୧୮ଟି ଗ୍ରାମ ପଞ୍ଚାୟତରୁ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଅଧୀନରେ ସଂଗ୍ରହ ହେଉଥିବା ଶୁଖିଲା ଓ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁକୁ ସିଧାସଳଖ ଭାବେ ଗୃହ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ଥିବା ନଗର ପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱାରା ସଂଗ୍ରହ କରାଯିବା ପାଇଁ ଆଲୋଚନା ହୋଇଥିଲା। ଏହା ସହ ଜିଲ୍ଲାର ଭଦ୍ରକ ପୌରପାଳିକା, ବାସୁଦେବପୁର ପୌରପାଳିକା, ଚାନ୍ଦବାଲି ଓ ଧାମନଗର ବିଜ୍ଞାପିତ ଅଞ୍ଚଳରେ ନିର୍ମିତ ପଦାର୍ଥ ପୁନରୁଦ୍ଧାର କେନ୍ଦ୍ର (ଏମ.ଆର.ଏଫ୍)ଗୁଡିକୁ ବ୍ୟବହାର କରି ସୁଚାରୁ ପରିଚାଳନା ପାଇଁ ରୁଟ୍ ଚାର୍ଟ ପ୍ରସ୍ତୁତି ଉପରେ ମଧ ଚର୍ଚ୍ଚା କରାଯାଇଥିଲା ।ବୈଠକରେ ଜିଲ୍ଲାର ୧୧ଟି ପର୍ଯ୍ୟଟନ ସ୍ଥଳୀ ଏବଂ ସଂଲଗ୍ନ ମୁଖ୍ୟ ରାସ୍ତା ପାର୍ଶ୍ୱ ଗ୍ରାମ, ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ଓ ବ୍ୟବସାୟିକ ପ୍ରତିଷ୍ଠାନମାନଙ୍କରେ ଦିନକୁ ଦିନ ସୃଷ୍ଟି ହେଉଥିବା ବର୍ଜ୍ୟବସ୍ତୁ ପରିମାଣର ସର୍ଭେ କରି ନିୟମିତ ସଂଗ୍ରହ ବ୍ୟବସ୍ଥା କରିବା ଓ ସ୍ୱଚ୍ଛତା ସୁନିଶ୍ଚିତ କରିବାକୁ ପଞ୍ଚାୟତିରାଜ, ନଗର ଉନ୍ନୟନ ଓ ପର୍ଯ୍ୟଟନ ବିଭାଗର ମିଳିତ ପ୍ରୟାସ ଉପରେ ଗୁରୁତ୍ୱ ଦିଆଯାଇଥିଲା ।କାର୍ଯ୍ୟକ୍ରମରେ ଶ୍ରୀ ଯୋଗେନ୍ଦ୍ର ସିଂହ, ରାଜ୍ୟସ୍ତରୀୟ ପରିମଳ ପରାମର୍ଶଦାତା ଏବଂ ୟୁନିସେଫ ରିସୋର୍ସ ପର୍ସନ ଭାବେ ଯୋଗଦେଇଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା।

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida